R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୧୧
ତିଥି: ତୃତୀୟା
୧୫ ଅଗଷ୍ଟ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur



15001/88/2627



## ପବିତ୍ର ସ୍ୱାଧୀନତା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



## ୮୦ତମ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆମ ଦେଶର ପ୍ରତ୍ୟେକ ନାଗରିକ ମହାନ୍ ଭାରତୀୟ ମୌଳିକ ମୂଲ୍ୟବୋଧର ଆଦର୍ଶରେ ଅନୁପ୍ରାଣିତ । ସେହି ମୂଲ୍ୟବୋଧ ଆମକୁ ରାଷ୍ଟ୍ର ନିର୍ମାଣ ପାଇଁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିଚାଲିଛି । ରାଜ୍ୟର ସମୃଦ୍ଧି ଓ ଦେଶର ବିକାଶ ଆମ ସମସ୍ତଙ୍କ ଏକମାତ୍ର ଲକ୍ଷ୍ୟ ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ଦିଗରେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0088



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ୮୦ତମ
# ସ୍ୱାଧୀନତା ଦିବସର
## ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR: 15001/15001/2/26-27/0090    15001/90/2627



# ମୁକ୍ତିର ମହୋତ୍ସବ

ପ୍ରତିବର୍ଷ ଅଗଷ୍ଟ ୧୫ ତାରିଖ କେବଳ ଗୋଟିଏ କ୍ୟାଲେଣ୍ଡରର ତାରିଖ ନୁହେଁ, ବରଂ ୧୪୦ କୋଟିରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ହୃଦୟରେ ସ୍ୱାଭିମାନ, ଦେଶପ୍ରେମ ଓ ଚେତନାର ଜାଗରଣ ସୃଷ୍ଟି କରୁଥିବା ଏକ ଐତିହାସିକ ମହାପର୍ବ। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଶତାବ୍ଦୀ ଶତାବ୍ଦୀର ପରାଧୀନତାର ଶୃଙ୍ଖଳକୁ ଭାଙ୍ଗି ଭାରତ ପାଇଥିଲା ନିଜର ସ୍ୱାଧୀନ ପରିଚୟ। ଯାହା ପଛରେ ରହିଥିଲା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଭଗତ ସିଂହଙ୍କ ଭଳି ମହାନାୟକ ଏବଂ ଅଗଣିତ ବୀର ଶହୀଦଙ୍କ ଆତ୍ମବଳିଦାନ। ଆଜି ନୂଆଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ଆକାଶଛୁଆଁ ତ୍ରିରଙ୍ଗା ପତାକା ଉତ୍ତୋଳନଠାରୁ ଆରମ୍ଭ କରି ଦେଶର ପ୍ରତ୍ୟେକ ଗ୍ରାମ ଓ ସହରରେ ଗୁଞ୍ଜରିତ ହେଉଥିବା "ଜନ ଗଣ ମନ" କେବଳ ଅତୀତର ସଂଗ୍ରାମୀ ଗାଥାକୁ ମନେ ପକାଏ ନାହିଁ, ବରଂ ଆତ୍ମନିର୍ଭରଶୀଳ ଓ ବୈଶ୍ୱିକ ସ୍ତରରେ ନିଜର ଦୃଢ଼ ଛାପ ଛାଡୁଥିବା ନୂତନ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କୁ ଏକଜୁଟ ହୋଇ ଆଗେଇଯିବାର ବାର୍ତ୍ତା ଦିଏ।

- ଭାରତର ତ୍ରିରଙ୍ଗାର ଲମ୍ବ ଓ ଚଉଡାର ଅନୁପାତ ୨ : ୩ ।
- ୧୯୪୭ ଜୁଲାଇ ୨୨ରେ ତ୍ରିରଙ୍ଗାର ରଙ୍ଗକୁ ଆସେମ୍ବ୍ଲି ମିଟିଂରେ ନିର୍ଦ୍ଧାରଣ କରାଯାଇଥିଲା ।
- ଏଥିରେ ଥିବା ନାରଙ୍ଗୀ ରଙ୍ଗର ଅର୍ଥ ସାହସ, ଧଳାର ଅର୍ଥ ସତ୍ୟ ଏବଂ ସବୁଜ ଜୀବନ ଓ ପ୍ରଗତିକୁ ସୂଚାଇଥାଏ ।
- ଏଥିରେ ଥିବା ଚକ୍ରରେ ୨୪ଟି ଅଖ ରହିଛି, ଯାହା ତ୍ରିରଙ୍ଗାର ମଝିରେ ରହିଥାଏ। ଏହା ଆମର ପ୍ରଗତିକୁ ସୂଚାଇଥାଏ ।
- ଏହି ପତାକାକୁ ସ୍ୱାଧୀନତା ସଂଗ୍ରାମୀ ପିଙ୍ଗଲି ଭେଙ୍କୟା ଡିଜାଇନ କରିଥିଲେ ।
- ତ୍ରିରଙ୍ଗାକୁ ନେଇ ହେଉଥିବା ବିଭିନ୍ନ ନିଷ୍ପତ୍ତିକୁ ଏକ କମିଟି କରୁଥିଲା ଯାହାକୁ ଡ. ରାଜେନ୍ଦ୍ର ପ୍ରସାଦ ନେତୃତ୍ୱ ନେଉଥିଲେ।
- ଜାତୀୟ ପତାକାର ପ୍ରସ୍ତୁତି କରିବା ଅଧିକାର ଆମର ଖଦି ବିକାଶ ଏବଂ ଗ୍ରାମ ଶିଳ୍ପ ଆୟୋଗ କମିସନ ପାଖରେ ରହିଛି ।

# ଟ୍ରାଇକଲର ଫ୍ୟାଶନ

ସ୍ୱାଧୀନତା ଦିବସରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ହୋଇଥାଏ । ଯେଉଁଥିରେ ସମସ୍ତେ ଟ୍ରାଇକଲର ଫ୍ୟାଶନରେ ଦେଖିବାକୁ ମିଳନ୍ତି । ତେବେ ଆପଣ ଏଥିରେ ବିଭିନ୍ନ ପ୍ରକାରର ପୋଷାକକୁ ଷ୍ଟାଇଲ କରିପାରିବେ । ଆସନ୍ତୁ ଜାଣିବା ସେହିଭଳି କିଛି ଟ୍ରାଇକଲର ଫ୍ୟାଶନ ସମ୍ପର୍କରେ ।

**କୁର୍ତ୍ତି-** ଯଦି ଆପଣଙ୍କର କୁର୍ତ୍ତୀ ପସନ୍ଦ ତେବେ ଏହି ଦିନ ଟ୍ରାଇକଲରର କୁର୍ତ୍ତି ଟ୍ରାଏ କରନ୍ତୁ । ଏହା ଏକ ଡିଫରେଣ୍ଟ୍ ଲୁକ୍ ଦେବ । ଏହାସହିତ ଦୁପଟ୍ଟା ଓ ପ୍ୟାଣ୍ଟ ନିଜ ପସନ୍ଦ ଅନୁଯାୟୀ ମ୍ୟାଚ କରାଇବେ । ସେହିଭଳି ଜୁଏଲାରୀ ଟିକେ ହେଭି ପିନ୍ଧିବେ ଯାହା ଫଳରେ ଆପଣ ଏକ ସୁନ୍ଦର ଫେଷ୍ଟିଭ୍ ଲୁକ୍ ପାଇପାରିବେ। ଏହା ବିଭିନ୍ନ ଫାବ୍ରିକ୍ ଓ ଡିଜାଇନ୍‌ର ମିଳିଥାଏ । ସେହିଭଳି ଏଥିରେ ଟ୍ରାଇକଲରର ଷ୍ଟୋଲ ମଧ୍ୟ ବ୍ୟବହାର କରିପାରିବେ ।

**ଶାଢୀ-** ଭାରତୀୟ ପରମ୍ପରା ଶାଢୀରେ ଝଲକ ଥାଏ । ଏହି ଦିନ ଏକ ଟ୍ରାଇ କଲର ହେଉ କିମ୍ବା ତ୍ରିରଙ୍ଗାରେ ଥିବା ଯେ କୌଣସି ରଙ୍ଗର ହେଉ ପିନ୍ଧିପାରିବେ । ତେବେ ଟ୍ରାଇ କଲର ଶାଢୀ ବେଶି ଭଲ ଲାଗିବ । ତେବେ ଶାଢୀରେ ମିନିମାଲ ଜୁଏଲାରୀ ପିନ୍ଧନ୍ତୁ । ହେୟାର ଷ୍ଟାଇଲ୍ ଖୋଲା ରଖିପାରିବେ ଏହା ବେଶି ମାନିଥାଏ । ଆଜିକାଲି ବଜାରରେ ସ୍ୱାଧୀନତା ଦିବସକୁ ଆଖିରେ ରଖି ବିଭିନ୍ନ ଡିଜାଇନ ତଥା ବିଭିନ୍ନ ଫାବ୍ରିକର ଟ୍ରାଇକଲର ଶାଢୀ ମିଳୁଛି ।

**ଧଳା କୁର୍ତ୍ତା-** ପୁଅ ପିଲାଙ୍କ ପାଇଁ ମଧ୍ୟ ଏଥିରେ ପୋଷାକ ରହିଛି । ଆପଣ ପ୍ଲେନ୍ ଧଳା ରଙ୍ଗର କୁର୍ତ୍ତା ସହିତ ଟ୍ରାଇକଲରର ଷ୍ଟୋଲ ପକାଇ ପାରିବେ ।

**ଫ୍ରକ-** ଛୋଟ ପିଲାଙ୍କ ପାଇଁ ଟ୍ରାଇକଲର ଫ୍ୟାଶନରେ ରହିଛି ଫ୍ରକ । ଏହିଦିନ ଛୋଟଛୋଟ ପିଲାଙ୍କୁ ଟ୍ରାଇକଲରର ଫ୍ରକ ପିନ୍ଧାନ୍ତୁ ଏହା ବେଶ୍ ଫ୍ୟାଶନେବଲ ହୋଇଥାଏ।









# ବୀରାଙ୍ଗନା





**ଭାରତର ସ୍ୱାଧୀନତା ସଂଗ୍ରାମରେ ନାରୀଶକ୍ତିର ଯୋଗଦାନ ଅତୁଳନୀୟ। ଦେଶମାତୃକାର ମୁକ୍ତି ପାଇଁ ସେମାନଙ୍କ ତ୍ୟାଗ ଆଜି ବି ଅନେକ ନାରୀଙ୍କ ପାଇଁ ପ୍ରେରଣାର ଉତ୍ସ । ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ବୀରାଙ୍ଗନାଙ୍କୁ ନେଇ ସଂକ୍ଷେପରେ ଉପସ୍ଥାପନା...**

**ରାଣୀ ଲକ୍ଷ୍ମୀବାଈ** (୧୯ ନଭେମ୍ବର ୧୮୨୮ - ୧୮ ଜୁନ୍ ୧୮୫୮): ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈ ୧୮୫୭ର ସିପାହୀ ବିଦ୍ରୋହର ଅନ୍ୟତମ ମୁଖ୍ୟ ନାୟିକା ଥିଲେ । ବ୍ରିଟିଶ ସରକାରଙ୍କ 'ସ୍ୱତ୍ୱଲୋପ ନୀତି' ବିରୋଧରେ ସେ ସ୍ୱର ଉତ୍ତୋଳନ କରିଥିଲେ । ହାତରେ ଖଣ୍ଡା ଓ ପୃଷ୍ଠରେ ପୁତ୍ରକୁ ବାନ୍ଧି ଇଂରେଜ ସେନା ବିରୋଧରେ ରଣାଙ୍ଗନରେ ବୀରତ୍ୱର ସହ ଲଢ଼ି ସେ ଶହୀଦ ହୋଇଥିଲେ। ସେ ଆଜି ମଧ୍ୟ ଅନେକ ନାରୀଙ୍କର ପ୍ରେରଣାର ଉତ୍ସ ହୋଇ ରହିଛନ୍ତି ।

**କସ୍ତୁରବା ଗାନ୍ଧୀ** (୧୧ ଅପ୍ରେଲ ୧୮୬୯ - ୨୨ ଫେବୃଆରୀ ୧୯୪୪) : ମହାତ୍ମା ଗାନ୍ଧୀଙ୍କ ଧର୍ମପତ୍ନୀ 'ବା' ଭାବେ ପରିଚିତା କସ୍ତୁରବା ଗାନ୍ଧୀ ଜଣେ ସଫଳ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସତ୍ୟାଗ୍ରହ, ଆଇନ୍ ଅମାନ୍ୟ ଆନ୍ଦୋଳନ ଓ ଭାରତ ଛାଡ଼ ଆନ୍ଦୋଳନରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଗାନ୍ଧିଜୀ ଜେଲ୍‌ରେ ଥିବା ସମୟରେ ସେ ଆନ୍ଦୋଳନର ନେତୃତ୍ୱ ନେଉଥିଲେ । ସେ ଅନେକ ଆନ୍ଦୋଳନରେ ଲୋକଙ୍କ ପାଇଁ ପ୍ରେରଣା ପାଲଟିଥିଲେ ।

**ଇନ୍ଦିରା ଗାନ୍ଧୀ** (୧୯ ନଭେମ୍ବର ୧୯୧୭ - ୩୧ ଅକ୍ଟୋବର ୧୯୮୪): ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବାଲ୍ୟକାଳରୁ ପିତା ଜବାହରଲାଲ ନେହରୁଙ୍କ ଯୋଗୁଁ ସ୍ୱାଧୀନତା ସଂଗ୍ରାମ ସହ ଯୋଡ଼ିହୋଇଥିଲେ । ପିଲାଦିନେ ସେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସାହାଯ୍ୟ କରିବା ପାଇଁ 'ବାନର ସେନା' ଗଠନ କରିଥିଲେ। ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭାବେ ଭାଗନେଇ ସେ ଜେଲ୍‌ଦଣ୍ଡ ଭୋଗିଥିଲେ ।

**ସରୋଜିନୀ ନାଇଡୁ** (୧୩ ଫେବୃଆରୀ ୧୮୭୯ - ୨ ମାର୍ଚ୍ଚ ୧୯୪୯): 'ଭାରତର କୋକିଳ' ଭାବେ ପ୍ରସିଦ୍ଧ ସରୋଜିନୀ ନାଇଡୁ ଜଣେ ପ୍ରଖ୍ୟାତ କବି ଓ କ୍ରାନ୍ତିକାରୀ ନେତ୍ରୀ ଥିଲେ। ୧୯୩୦ ଲବଣ ସତ୍ୟାଗ୍ରହ ଏବଂ ଭାରତ ଛାଡ଼ ଆନ୍ଦୋଳନରେ ସେ ଆଗଧାଡ଼ିର ନେତୃତ୍ୱ ନେଇ ବହୁବାର ଜେଲ୍ ଯାଇଥିଲେ। ସେ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଭାରତୀୟ ମହିଳା ଅଧ୍ୟକ୍ଷା ଥିଲେ ।

**ରମାଦେବୀ ଚୌଧୁରୀ** (୩ ଡିସେମ୍ବର ୧୮୯୯ - ୨୨ ଜୁଲାଇ ୧୯୮୫) : ଓଡ଼ିଶାରେ 'ମା' ରମାଦେବୀ ଭାବେ ପରିଚିତ ଏହି ମହାନ ସଂଗ୍ରାମୀ ୧୯୨୧ ମସିହାରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ ସହ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଓଡ଼ିଶାରେ ଲବଣ ସତ୍ୟାଗ୍ରହ, ଅସହଯୋଗ ଓ ଭାରତ ଛାଡ଼ ଆନ୍ଦୋଳନର ନେତୃତ୍ୱ ନେଇ ସେ ଅନେକ ଥର କାରାବରଣ କରିଥିଲେ। ସ୍ୱାଧୀନତା ସହ ଗାନ୍ଧୀବାଦୀ ଚିନ୍ତାଧାରା, ହରିଜନ କଲ୍ୟାଣ ଓ ନାରୀ ସଶକ୍ତୀକରଣରେ ତାଙ୍କର ଯୋଗଦାନ ଅତୁଳନୀୟ ।

**ସରଳା ଦେବୀ** (୯ ଅଗଷ୍ଟ ୧୯୦୪ - ୪ ଅକ୍ଟୋବର ୧୯୮୬): ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା ସରଳା ଦେବୀ ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ଥିଲେ। ସେ ଲବଣ ସତ୍ୟାଗ୍ରହ ସମୟରେ ଜେଲ୍ ଯାଇଥିବା ଓଡ଼ିଶାର ପ୍ରଥମ ମହିଳା। ଏହାସହ ସେ ୧୯୩୭ ମସିହାରେ କଟକ ଆସନରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିବା ପ୍ରଥମ ମହିଳା ବିଧାୟିକା ମଧ୍ୟ ଥିଲେ । ସେ ଥିଲେ ଉତ୍କଳମଣି ଗୋପବନ୍ଧୁଙ୍କ ସହଯୋଗୀ ଭାଗୀରଥି ମହାପାତ୍ରଙ୍କ ସହଧର୍ମିଣୀ ।

**ମାଳତୀ ଚୌଧୁରୀ** (୨୬ ଜୁଲାଇ ୧୯୦୪ - ୧୫ ମାର୍ଚ୍ଚ ୧୯୯୮): ମାଳତୀ ଚୌଧୁରୀ ସ୍ୱାଧୀନତା ସଂଗ୍ରାମ ଓ କୃଷକ ଆନ୍ଦୋଳନର ପ୍ରମୁଖ ନେତ୍ରୀ ସହ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କର ସେ ଥିଲେ ଧର୍ମପତ୍ନୀ। ୧୯୩୦ ଲବଣ ସତ୍ୟାଗ୍ରହ, ଆଇନ୍ ଅମାନ୍ୟ ଓ ଭାରତ ଛାଡ଼ ଆନ୍ଦୋଳନରେ ସେ ଆଗଧାଡ଼ିରେ ରହି କାରାବରଣ କରିଥିଲେ । ଶୋଷିତ, ଆଦିବାସୀ ଓ ଗରିବଙ୍କ ହକ୍ ପାଇଁ ସେ ଜୀବନସାରା ସଂଗ୍ରାମ କରିଥିଲେ ।

**ଲକ୍ଷ୍ମୀ ଇନ୍ଦିରା ପଣ୍ଡା** (୧୯୩୦- ୨୦୦୮ ):ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ୍ ହିନ୍ଦ୍ ଫୌଜରେ ଯୋଗଦେଇଥିବା ଏକମାତ୍ର ଓଡ଼ିଆ ମହିଳା ଥିଲେ ଲକ୍ଷ୍ମୀ ଇନ୍ଦିରା ପଣ୍ଡା। ମାତ୍ର ୧୪ ବର୍ଷ ବୟସରେ ସେ 'ରାଣୀ ଝାନ୍ସୀ ରେଜିମେଣ୍ଟ'ରେ ଯୋଗ ଦେଇ ଅସ୍ତ୍ରଶସ୍ତ୍ର ପ୍ରଶିକ୍ଷଣ ଓ ଗୁପ୍ତଚର କାର୍ଯ୍ୟ କରିଥିଲେ । ସେହି ସମୟରେ ନେତାଜୀ ସ୍ୱୟଂ ତାଙ୍କୁ 'ଇନ୍ଦିରା' ନାମ ଦେଇଥିଲେ। ନିଜର ଅଦମ୍ୟ ସାହସ ପାଇଁ ସେ ଆଜି ବି ଅନେକ ନାରୀଙ୍କର ପ୍ରେରଣାର ଉତ୍ସ ହୋଇ ରହିଛନ୍ତି ।

**କୋକିଳା ଦେବୀ** (୧୮୯୬ -୧୯୩୬): ଉନ୍ନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଆ ସାହିତ୍ୟ ଓ ସାମାଜିକ ସଂସ୍କାର କ୍ଷେତ୍ରରେ ଏକ ଚର୍ଚ୍ଚିତ ନାମ ଥିଲେ କୋକିଳା ଦେବୀ । ବିଶେଷ କରି ବିଧବା ବିବାହ ଏବଂ ନାରୀ ସଶକ୍ତୀକରଣ ଭଳି ଚିନ୍ତାଧାରାକୁ ନେଇ ରଚିତ ତାଙ୍କର ପ୍ରସିଦ୍ଧ ଗଳ୍ପ 'ବିଳାସିନୀ' ଓଡ଼ିଆ ସାହିତ୍ୟ ଜଗତରେ ଏକ ଅଭୂତପୂର୍ବ ଆଲୋଡ଼ନ ସୃଷ୍ଟି କରିଥିଲା। ସେହି ସମୟର ରକ୍ଷଣଶୀଳ ସମାଜରେ କୁସଂସ୍କାର ବିରୋଧରେ ନିଜ ଲେଖନୀ ଚାଳନା କରି ସେ ନାରୀମାନଙ୍କ ଅଧିକାର ଓ ପୁନର୍ବାସ ପାଇଁ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କର ଏହି କାଳଜୟୀ ରଚନା ପରବର୍ତ୍ତୀ ସମୟରେ ଇଂରାଜୀରେ ଅନୂଦିତ ହୋଇ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି । ଓଡ଼ିଆ ସାହିତ୍ୟରେ ନାରୀ ଜାଗରଣ ଓ ସାମାଜିକ ପରିବର୍ତ୍ତନର ଧାରା ଆଣିବାରେ ତାଙ୍କର ଏହି ନିର୍ଭୀକ ଉଦ୍ୟମ ସଦା ସ୍ମରଣୀୟ ।

**କୁନ୍ତଳା କୁମାରୀ ସାବତ** ( ୮ ଫେବୃଆରୀ ୧୯୦୧- ୨୩ ଅଗଷ୍ଟ ୧୯୩୮): ଓଡ଼ିଶାର ପ୍ରଥମ ମହିଳା ଡାକ୍ତର, ସ୍ୱାଧୀନତା ସଂଗ୍ରାମୀ ତଥା ସୁସାହିତ୍ୟିକା ଥିଲେ 'ଉତ୍କଳ ଭାରତୀ' କୁନ୍ତଳା କୁମାରୀ ସାବତ। ୧୯୨୧ରେ ସ୍ୱର୍ଣ୍ଣ ପଦକ ସହ ଡାକ୍ତରୀ ଶିକ୍ଷା ସମାପ୍ତ କରି ସେ ମାନବସେବାରେ ନିଜକୁ ନିୟୋଜିତ କରିବା ସହ ନିଜର ଦେଶାତ୍ମବୋଧକ ଓ ସଂସ୍କାରବାଦୀ ରଚନା ମାଧ୍ୟମରେ ସ୍ୱାଧୀନତା ଆନ୍ଦୋଳନକୁ ଋଦ୍ଧିମନ୍ତ କରିଥିଲେ । ସମାଜରୁ କୁସଂସ୍କାର, ବାଲ୍ୟ ବିବାହ, ଜାତିପ୍ରଥା ଉଚ୍ଛେଦ ସହ ବିଧବା ବିବାହ ଏବଂ ନାରୀ ସଶକ୍ତୀକରଣ ପାଇଁ ସେ ନିରନ୍ତର ସଂଗ୍ରାମ କରିଥିଲେ ।







**ମେଷ-** ଆୟରେ ଶାନ୍ତି, ଦ୍ରବ୍ୟଲାଭ, ଅଯଥା ଅଶାନ୍ତି ଦୂର ହେବ, ବନ୍ଧୁ ସାହାଯ୍ୟ, ନୂତନ କର୍ମ ଆରମ୍ଭ, ପାରିବାରିକ ସୁଖ, ସନ୍ତାନ ସମସ୍ୟା, ଦାମ୍ପତ୍ୟ ଖୁସି, ଅଶ୍ୱିନ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ ପିଙ୍କ, ସଂଖ୍ୟା-୭, ଆରାଧନା- କୁବେର ଭଗବାନ।

**ବୃଷ-** ଗୃହେ ସମସ୍ୟା, ଅର୍ଥଲାଭ, କର୍ମକ୍ଷେତ୍ରେ ସଫଳତା, ଶୁଭ ସମ୍ବାଦ ଲାଭ, ଦେବ ଦର୍ଶନ, ଶତ୍ରୁ ସମସ୍ୟା, ଦୂର ଯାତ୍ରାରେ ସତର୍କ, ବିଦ୍ୟାରେ ସଫଳ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ ଧଳା, ସଂଖ୍ୟା -୮, ଆରାଧନା ପ୍ରଭୁ ହନୁମାନ।

**ମିଥୁନ-** ଲୋକ ସମ୍ପର୍କ ବୃଦ୍ଧି, ଦୂର ଯାତ୍ରାରେ ସଫଳ, କର୍ମକ୍ଷେତ୍ରେ ବହୁ ପରିଶ୍ରମ, ସନ୍ତାନ ସମସ୍ୟା, ହେବା କାର୍ଯ୍ୟରେ ବିଳମ୍ବ, ଅର୍ଥ ଚିନ୍ତା, ପାରିବାରିକ ସମସ୍ୟା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ ଲାଲ, ସଂଖ୍ୟା ୭, ଆରାଧନା ମହାଲକ୍ଷ୍ମୀ ।

**କର୍କଟ-** କର୍ମକ୍ଷେତ୍ର ପ୍ରଶଂସା, ଅର୍ଥଲାଭ, ଶରୀର ଅସୁସ୍ଥ, ବନ୍ଧୁଲାଭ, ଶୁଭ କାର୍ଯ୍ୟକ୍ରମକୁ ନେଇ ଦୂର ଯାତ୍ରା, ସମ୍ମାନ ଲାଭ, ଶତ୍ରୁ ସମସ୍ୟା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ ଆକାଶି, ସଂଖ୍ୟା ୯, ଆରାଧନା ମା ଦକ୍ଷିଣକାଳୀ ।

**ସିଂହ-** ଗୃହେ ସମସ୍ୟା, କର୍ମକ୍ଷେତ୍ରେ ସଫଳତା, ପୁରାତନ ରୋଗ ଦେଖା ଦେଇ ପାରେ, ବଳିଷ୍ଠ କାର୍ଯ୍ୟ ସଫଳତା, ସନ୍ତାନ ସମସ୍ୟା, ଦାମ୍ପତ୍ୟ ସୁଖ, ମଘାନକ୍ଷତ୍ର ସତର୍କ ରୁହନ୍ତୁ ,ଶୁଭ ରଙ୍ଗ କମଳା, ସଂଖ୍ୟା - ୯, ଆରାଧନା - କୁବେର ଭଗବାନ।

**କନ୍ୟା-** ଯାତ୍ରାରେ ସଫଳ, ଶୁଭଆଲୋଚନା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ଲାଭ, କିଛି କ୍ରୟ କରିବାରେ ସଫଳତା ମିଳିବ, ସମ୍ପତ୍ତି ଲାଭ, ଶାରୀରିକ ସୁସ୍ଥତା, କିଛି କାର୍ଯ୍ୟେ ନିନ୍ଦା, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ ସବୁଜ, ସଂଖ୍ୟା - ୧୦, ଆରାଧନା - ମା ଭୁବନେଶ୍ୱରୀ

**ତୁଳା-** ଅଯଥା ଖର୍ଚ୍ଚାନ୍ତ, ମାନସିକ ଶାନ୍ତି, ଭ୍ରାତୃ ସ୍ନେହ, ଲୋକ ସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ପାରିବାରିକ ଅଶାନ୍ତି, ଅନୁଷ୍ଠାନରୁ ଲାଭ, ସନ୍ତାନ ଖୁସି, ଶୁଭ ସମ୍ବାଦ ଲାଭ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ,ଶୁଭ ରଙ୍ଗ ଧଳା, ସଂଖ୍ୟା ୮, ଆରାଧନା ଶଙ୍କର ଭଗବାନ ।

**ବିଛା-** ବ୍ୟବସାୟରେ ସଫଳ, ସମ୍ପତ୍ତ ଲାଭ, ଶାରୀରିକ ସୁସ୍ଥ, ଦ୍ରବ୍ୟ ଲାଭ, ଶତ୍ରୁ ପରାଜିତ, ପାରିବାରିକ ସାହାଯ୍ୟ, ବିଦ୍ୟାରେ ସଫଳତା, ବିଶେଷ ବ୍ୟକ୍ତିଙ୍କ ସାହାଯ୍ୟ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ ଧଳା ଚେକ, ସଂଖ୍ୟା ୯, ଆରାଧନା _ ମହାପ୍ରଭୁ ଜଗନ୍ନାଥ ।

**ଧନୁ-** କିଛି କାର୍ଯ୍ୟ ଅସନ୍ତୋଷ, ମାନସିକ ଅଶାନ୍ତି, ଅର୍ଥ ଲାଭ, ଲୋକ ସମ୍ପର୍କ ହାନି, ସମ୍ପତ୍ତି ଲାଭ, ସ୍ୱାସ୍ଥ୍ୟ ଲାଭ, ବନ୍ଧୁ ସାହାଯ୍ୟ, ଦାମ୍ପତ୍ୟ କଳହ, ସନ୍ତାନ ଚିନ୍ତା, ବାଣିଜ୍ୟ ସମସ୍ୟା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ ହଳଦୀ, ସଂଖ୍ୟା ୮, ଆରାଧନା ସୂର୍ଯ୍ୟନାରାୟଣ ।

**ମକର-** ଯାତ୍ରାରେ ସତର୍କ, ବିଶିଷ୍ଟ କାର୍ଯ୍ୟ ସଫଳ, ସମ୍ମାନ ମିଳିବ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପୁରାତନ ବନ୍ଧୁ ଦ୍ୱାରା ଶୁଭ ସମ୍ବାଦ, ସୁମିଷ୍ଟ ଭୋଜନ ମିଳିବ, ସମ୍ପତ୍ତି ଲାଭ, ଲୋକ ସମ୍ପର୍କ ବୃଦ୍ଧି, ଉତ୍ତରାଷାଢା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ ଆକାଶି, ସଂଖ୍ୟା ୭, ଆରାଧନା ପ୍ରଭୁ ଲୋକନାଥ ।

**କୁମ୍ଭ-** ବନ୍ଧୁ ସାହାଯ୍ୟ, ଅର୍ଥ ଲାଭ, ଶୁଭ ସମ୍ବାଦ ଲାଭ, ଦାମ୍ପତ୍ୟ ସୁଖ, ବିଶିଷ୍ଟ କ୍ଷେତ୍ରେ ସଫଳ, ଦ୍ରବ୍ୟ କ୍ରୟ କରି ପାରନ୍ତି, ଦୂର ଯାତ୍ରା, ଅନୁଷ୍ଠାନ ରୁ ସଫଳତା, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ ନୀଳ, ସଂଖ୍ୟା ୮, ଆରାଧନା - ଶଙ୍କର ଭଗବାନ।

**ମୀନ-** ଶରୀରରେ ଆଳସ୍ୟ ରହିବ, ହେବା କାର୍ଯ୍ୟରେ ବିଳମ୍ବ, ପାରିବାରିକ ସାହାଯ୍ୟ, ବନ୍ଧୁ ଲାଭ, କର୍ମକ୍ଷେତ୍ରେ ଲାଭ, ଦାମ୍ପତ୍ୟ ସୁଖ, ହେବା କାର୍ଯ୍ୟକୁ ନେଇ ଚିନ୍ତିତ, ଶତ୍ରୁ ସମସ୍ୟା, ଶାରୀରିକ କଷ୍ଟ, ଉତ୍ତରାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ ଧଳା ସଂଖ୍ୟା - ୧୦, ଆରାଧନା - ମା ଭଗବତୀ

**ଶ୍ରାବଣ ଶୁକ୍ଳପକ୍ଷ ତୃତୀୟା**
**୧୫.୮.୨୦୨୬, ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୧୧
ତିଥି: ତୃତୀୟା
୧୫ ଅଗଷ୍ଟ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur



### ସ୍ୱାଧୀନତା ଦିବସ ଶୁଭେଚ୍ଛା

୮୦ତମ ସ୍ୱାଧୀନତା ଦିବସ ଅବସରରେ 'ସମୟ'ର ଅଗଣିତ ପାଠକ, ପାଠିକା, ଲେଖକ, ଲେଖିକା, ବିଜ୍ଞାପନଦାତା, ସମ୍ବାଦଦାତା, ଏଜେଣ୍ଟ ଓ ବିତରକମାନଙ୍କୁ 'ସମୟ' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ।

ନିର୍ଦ୍ଦେଶିକା

### 'ସମୟ'ର ଛୁଟି

୮୦ତମ ସ୍ୱାଧୀନତା ଦିବସ ଅବସରରେ 'ସମୟ' କାର୍ଯ୍ୟାଳୟ ଅଗଷ୍ଟ ୧୫ ତାରିଖ ଶନିବାର ବନ୍ଦ ରହିବ । ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ସୋମବାର ସକାଳେ ପ୍ରକାଶ ପାଇବ ।

ନିର୍ଦ୍ଦେଶିକା

## ଜାତୀୟ ସ୍ୱାର୍ଥରେ ସିନ୍ଧୁ ଚୁକ୍ତି ବାତିଲ

ନୂଆଦିଲ୍ଲୀ, ୧୪ ।୮ : ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ରାଷ୍ଟ୍ର ସହ ସିନ୍ଧୁ ଚୁକ୍ତି ବାତିଲ୍ ଜାତୀୟ ସ୍ୱାର୍ଥ ଲାଗି ଉଦ୍ଦିଷ୍ଟ । ବିଶେଷକରି ଚାଷୀମାନଙ୍କ ଲାଗି ଏହା ବେଶ୍ ଲାଭଦାୟକ । ଆତଙ୍କବାଦୀମାନେ ଯେଉଁଠି ଲୁଚିଲେ ବି ସେମାନଙ୍କୁ ତାଙ୍କ ପରିଣାମ ଭୋଗିବାକୁ ପଡ଼ିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୮୦ତମ ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ର ଉଦ୍ଦେଶ୍ୟରେ ବାର୍ତ୍ତା ଦେଇ ଏହା ଉଲ୍ଲେଖ କରିଛନ୍ତି ।

ରାଷ୍ଟ୍ରପତି କହିଛନ୍ତି ଯେ ଅପରେସନ୍ ସିନ୍ଦୂର ଭାରତୀୟ ସେନାର ଆତଙ୍କବାଦୀଙ୍କ ନେଟ୍‌ୱାର୍କ କ୍ଷତବିକ୍ଷତ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଅପରେସନ୍



ସିନ୍ଦୂରରେ ଭାରତୀୟ ସେନା ଆତଙ୍କୀ ନେଟ୍‌ୱାର୍କ ବିରୋଧରେ ତାଙ୍କ ଦକ୍ଷତା ଦେଖାଇଛନ୍ତି । ପହଲଗାଁଓ ଆତଙ୍କୀ ଆକ୍ରମଣ ପରେ ଭାରତ ସିନ୍ଧୁ ଚୁକ୍ତି ବାତିଲ କରିଥିଲା । ଏ ସମ୍ପର୍କରେ ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି (୯ ପୃଷ୍ଠାରେ)

## ବିନୟତୋଷ ମିଶ୍ର ଅନ୍ତରୀଣ ଡିଜିପି

ଭୁବନେଶ୍ୱର, ୧୪।୮ (ସବ୍ୟୁ): ନୂଆ ପୂର୍ଣ୍ଣକାଳୀନ ଡିଜିପି ନିଯୁକ୍ତି ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଥିବାରୁ ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚର ଡିଜି ବିନୟତୋଷ ମିଶ୍ରଙ୍କୁ ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି । ବର୍ତ୍ତମାନ ଡିଜିପି ଥିବା ୱାଇବି ଖୁରାନିଆ ଅଗଷ୍ଟ ୧୬ରେ ଅବସର ନେଉଛନ୍ତି । ତେଣୁ ଶ୍ରୀ ମିଶ୍ରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଅନୁମୋଦନ କରିଛନ୍ତି । ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଶ୍ରୀ ମିଶ୍ର ଡିଜିପି ଭାବେ ଦାୟିତ୍ୱ ତୁଲାଇବେ । (୯ ପୃଷ୍ଠାରେ)




# ମୟୂରଭଞ୍ଜରେ ବନ୍ୟା ବିଭୀଷିକା, ୩ ମୃତ


ବାରିପଦା, ୧୪ ।୮ (ସବ୍ୟୁ) : ଲଗାଣ ବର୍ଷା ଓ ନଦୀଗୁଡ଼ିକରେ ବଢୁଥିବା ଜଳସ୍ତର ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ପରିସ୍ଥିତି ଗୁରୁତର ରୂପ ଧାରଣ କରିଛି । ଜିଲ୍ଲାର ୨୨ଟି ବ୍ଲକ ବନ୍ୟା ପ୍ରଭାବିତ ହୋଇଥିବାବେଳେ ବିଭିନ୍ନ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି । ଅନେକ ରାସ୍ତା ଓ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେବାରୁ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ବୁଢ଼ାବଳଙ୍ଗ ନଦୀର ବନ୍ୟା ଯୋଗୁଁ ବଡ଼ସାହି-ବେତନଟୀ, ମାଣତ୍ରୀ-ବେତନଟୀ ଓ ବୈଶିଙ୍ଗା-ମାଣତ୍ରୀ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଥିବାବେଳେ ସୋନନଦୀର ବନ୍ୟା ଜଳ ରାସଗୋବିନ୍ଦପୁର-ଅମର୍ଦ୍ଦାରୋଡ଼ ସଡ଼କ ସଂଯୋଗକୁ ବିଚ୍ଛିନ୍ନ କରିଦେଇଛି ।

ଗତ ରାତିରେ ସୋନନଦୀ ସେତୁ ଅତିକ୍ରମ ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ ବନ୍ୟାଜଳରେ ଭାସିଯାଇଥିଲା । ଅଗ୍ନିଶମ ବାହିନୀ ତତ୍ପରତାର ସହ ଚାଳକ ଓ ହେଲପରଙ୍କୁ ଉଦ୍ଧାର କରିଥିଲେ । ଅନ୍ୟପକ୍ଷରେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଶଙ୍କରେଇ ନାଳରୁ ଭାସିଆସିଥିବା ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଚଢେଇପାହାଡ଼ି ( ୯ ପୃଷ୍ଠାରେ)

## ରାଜ୍ୟର ୬ ଜିଲ୍ଲାରେ ବନ୍ୟା ସ୍ଥିତି

### ୫୨ ବ୍ଲକର ୨ ଲକ୍ଷ ଲୋକ ପ୍ରଭାବିତ

ଭୁବନେଶ୍ୱର, ୧୪ ।୮ (ସବ୍ୟୁ): ଲଘୁଚାପ ଜନିତ ଲଗାଣ ବର୍ଷା ଉତ୍ତର ଓ ଉପକୂଳ ଓଡ଼ିଶାରେ ବଡ଼ ବିପତ୍ତି ଆଣିଦେଇଛି । ରାଜ୍ୟର ପ୍ରମୁଖ ନଦୀ ବୈତରଣୀ, ବୁଢ଼ାବଳଙ୍ଗ ଓ ଜଳକା ବିପଦ ସଙ୍କେତ ଟପି ପ୍ରବାହିତ ହେଉଥିବାରୁ କେନ୍ଦୁଝର, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ପରିସ୍ଥିତି ସଙ୍ଗୀନ ହୋଇପଡ଼ିଛି । ଗତ ଅଗଷ୍ଟ ୮ ତାରିଖର ବନ୍ୟା ଦୁର୍ଦ୍ଦଶାରୁ ଲୋକେ ମୁକୁଳି ନଥିବା ବେଳେ ଏବେ ପୁଣି ଥରେ ନଈବଢ଼ି ତଳିଆ ଅଞ୍ଚଳବାସୀଙ୍କୁ ବେସାହାରା କରିଦେଇଛି । ଚାରିଆଡ଼େ କେବଳ ପାଣି ଆଉ ପାଣି ଦେଖିବାକୁ ମିଳୁଛି । (୯ ପୃଷ୍ଠାରେ)








ଡିଜିପି ୱାଇ.ବି ଖୁରାନିଆ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରୁଛନ୍ତି ।

## ସଦର ବିଧାୟକଙ୍କ ସିନେଟ୍ ସଭ୍ୟ ଭାବରେ ମନୋନୟନ
# ଶିକ୍ଷାନୁଷ୍ଠାନର ମର୍ଯ୍ୟାଦାକୁ ଭୂଲୁଣ୍ଠିତ କରିବ : ରେଭେନ୍ସା ବିକାଶ ଅଭିଯାନ

କଟକ, (ସବ୍ୟୁ):ରେଭେନ୍ସା ବିଶ୍ୱବିଦ୍ୟାଳୟ ମଧ୍ୟରେ ବଳପୂର୍ବକ ଅନଧିକାର ପ୍ରବେଶ କରି କୁଳପତି ଓ ଛାତ୍ର ମାନଙ୍କ ଉପସ୍ଥିତିରେ କଟକ ସଦର ବିଧାୟକ ବିଦ୍ୟାଳୟର ଜନୈକ ବରିଷ୍ଠ ଅଧ୍ୟାପକଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଅପମାନିତ କରିବା ଘଟଣା ପରେ ବହୁଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ବିଧାୟକଙ୍କ ବିରୁଦ୍ଧରେ କୁଳପତି କିମ୍ବା ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି । ଅନ୍ୟ ପଟରେ ସ୍ୱାଭାବିକ ପ୍ରଶାସନିକ ଅଦଳ ବଦଳ ଆଳରେ ରାଜନୈତିକ ଚାପ ଆଗରେ ଆତ୍ମ ସମର୍ପଣ କରି ବିଧାୟକଙ୍କ ଅସୌଜନ୍ୟ ମୂଳକ ଆଚରଣର ଦୃଢ଼ ପ୍ରତିବାଦ କରିଥିବା ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ବିଭିନ୍ନ ହଷ୍ଟେଲ ଦାୟିତ୍ୱରୁ କୁଳପତି ଅନ୍ତର କରି ଦେଇଛନ୍ତି । କୁଳପତି ଓ ରାଜ୍ୟ ସରକାରଙ୍କ ଏତାଦୃଶ କାମକୁ ରେଭେନ୍ସା ବିକାଶ ଅଭିଯାନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ଏହା ସଙ୍ଗେସଙ୍ଗେ ରେଭେନ୍ସା ସିନେଟ୍ ସଭ୍ୟ ଭାବରେ ଦାଗି ବିଧାୟକଙ୍କ ମନୋନୟନକୁ ତୁରନ୍ତ ପ୍ରତ୍ୟାହାର କରିବାପାଇଁ ଆଜି ସଂଗଠନ ପକ୍ଷରୁ ରାଜ୍ୟ ବାଚସ୍ପତିଙ୍କୁ କଟକ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ସଙ୍ଗଠନର ସଭାପତି ଚିତ୍ତରଞ୍ଜନ ମହାନ୍ତି, ଆଇନଜୀବୀ ସୁକାନ୍ତ ନାୟକ, ବିଶିଷ୍ଟ କର୍ମଚାରୀ ନେତା ପ୍ରତାପ ଦାସ, ବସ୍ତିନେତା ଖଗେଶ୍ୱର ସେଠୀ, ଅରବିନ୍ଦ ମଲ୍ଲିକ, ଯୁଗଳ ନାୟକ, ନିର୍ମଳ କୁମାର ସାମଲ ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ବିଭାଜନ ବିଭୀଷିକା ସ୍ମୃତି ଦିବସ'ରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ
# ୧୯୪୭ ବିଭାଜନ ଥିଲା ମାନବ ସଭ୍ୟତାର ସବୁଠୁ ବଡ଼ ସ୍ଥାନାନ୍ତରଣ

ଭୁବନେଶ୍ୱର, (ସବ୍ୟୁ): ସ୍ୱାଧୀନତା ଦିବସର ପୂର୍ବସନ୍ଧ୍ୟାରେ ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆୟୋଜିତ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ବିଭାଜନର କଳା ଅଧ୍ୟାୟ, ଅମାନୁଷିକ ଯନ୍ତ୍ରଣା ଏବଂ ଏହାର ଭୟାବହ ବାସ୍ତବତାକୁ ସ୍ମରଣ କରିଛନ୍ତି । ବିଭାଜନ ବିଭୀଷିକା ସ୍ମୃତି ଦିବସ କେବଳ ଅତୀତର ଦୁଃଖଦ ଅଧ୍ୟାୟକୁ ସ୍ମରଣ କରିବାର ଦିନ ନୁହେଁ, ବରଂ ଆଜିର ଦିନରେ ଆମକୁ ଏହାକୁ ଦେଶର ଏକତା ଓ ଅଖଣ୍ଡତା ପାଇଁ 'ସଂକଳ୍ପ ଦିବସ' ଭାବେ ପାଳନ କରିବାକୁ ଶପଥ ନେବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ଦେଶ ବିଭାଜନର ଭୟାନକ ତଥ୍ୟ ଉପସ୍ଥାପନ କରି କହିଛନ୍ତି ଯେ, ୧୯୪୭ ମସିହାର ବିଭାଜନ କେବଳ ଦୁଇ ଦେଶର ସୀମାରେଖା ନିର୍ଦ୍ଧାରଣ ନ ଥିଲା, ଏହା ଥିଲା ମାନବ ସଭ୍ୟତାର ସବୁଠାରୁ ବଡ଼ ସ୍ଥାନାନ୍ତରଣ । ପାକିସ୍ତାନରୁ ଆସୁଥିବା 'ବ୍ଲଡ୍ ଟ୍ରେନ୍' ଓ 'ଘୋଷ୍ଟ ଟ୍ରେନ୍'ଗୁଡ଼ିକରେ କେବଳ ମୃତଦେହ ଭରି ରହିଥିଲା, ଯାହାର ପ୍ରଭାବ ଆଜି ବି ସେମାନଙ୍କ ବଂଶଧରଙ୍କ ମନରେ ରହିଛି ।



ଆଜି ବି ପାକିସ୍ତାନରେ ହିନ୍ଦୁଙ୍କ ସଂଖ୍ୟା ନଗଣ୍ୟ ହୋଇଯାଇଥିବା ବେଳେ ବାଙ୍ଗଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଉଛି । ଯେଉଁମାନେ ଏହି ବିଭୀଷିକାକୁ ସାଧାରଣ ଭାବେ ଦେଖୁଛନ୍ତି କିମ୍ବା ଶତ୍ରୁ ଭାବାପନ୍ନ ଦେଶ ସହ ବନ୍ଧୁତ୍ୱ ପାଇଁ ଆଗ୍ରହୀ, ସେମାନଙ୍କୁ ସ୍ୱାର୍ଥପର ଓ ଦେଶବିରୋଧୀ ବୋଲି ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୦୨୧ରୁ ଆରମ୍ଭ କରାଯାଇଥିବା ଏହି 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ପାଳନ ଆମକୁ ଘୃଣା ଓ ବିଦ୍ୱେଷର ପରିଣାମ ପ୍ରତି ସଚେତନ କରାଏ । ଶନିବାର ସ୍ୱାଧୀନତା ଦିବସ ଆନନ୍ଦର ସହ ପାଳନ କରିବା ସହ ଦେଶର ସାର୍ବଭୌମତ୍ୱ, ସୁରକ୍ଷା, ଏକତା ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ଏବଂ ଏହି କଳା ଇତିହାସର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ସଜାଗ ରହିବାକୁ ସେ ଆହ୍ୱାନ ଦେଇଛନ୍ତି । ବିଭାଜନର ଯନ୍ତ୍ରଣା, ବିଚ୍ଛେଦ ଓ ବଳିଦାନକୁ ମନେ ପକାଇ ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି ଯେ, ଆଜିର ଦିନଟି କେବଳ ଏକ ସାଧାରଣ ଦିବସ ନୁହେଁ, ବରଂ ଏହା ଇତିହାସର ଏକ କଳା ଅଧ୍ୟାୟ । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଅର୍ଗାନାଇଜର ପତ୍ରିକାର ସମ୍ପାଦକ ପ୍ରଫୁଲ୍ଲ କେତ୍‌କର୍, ଦୁର୍ଗା ବାହିନୀର ରାଷ୍ଟ୍ରୀୟ ସଂଯୋଜିକା ସୁଶ୍ରୀ ପ୍ରଜ୍ଞା ମହଲା, ଭାରତୀୟ ଇତିହାସ ସଂକଳନ ସମିତିର ଅଧ୍ୟକ୍ଷ ବିକ୍ରମ କେଶରୀ ମହାପାତ୍ର, ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ବକ୍ସି ପ୍ରାଇମେରୀ ବିଦ୍ୟାଳୟରେ ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

କଟକ, (ସ୍ୱପ୍ର): ଆଜି କଟକ ମିଶନ ରୋଡ୍ ସ୍ଥିତ ଐତିହାସିକ ବକ୍ସି ପ୍ରାଇମେରୀ ବିଦ୍ୟାଳୟ ପରିସରରେ ନୂତନ ଶ୍ରେଣୀଗୃହର ଉଦଘାଟନ ଉତ୍ସବ ସମ୍ପନ୍ନ ହୋଇଯାଇଛି । ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ନବନିର୍ମିତ ଶ୍ରେଣୀଗୃହକୁ ଉଦଘାଟନ କରିଛନ୍ତି । ବିଦ୍ୟାଳୟରେ ଶ୍ରେଣୀଗୃହର ଅଭାବ ଯୋଗୁଁ କୋମଳମତି ଛାତ୍ରଛାତ୍ରୀମାନେ ପାଠପଢ଼ାରେ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସ୍ଥାନୀୟ ବାସିନ୍ଦାମାନେ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଅନୁରୋଧ କରିଥିଲେ । କୋମଳମତି ଶିଶୁମାନଙ୍କ ଶିକ୍ଷା ଓ ଶିକ୍ଷାଦାନର ସୁବିଧାକୁ ପ୍ରାଥମିକତା ଦେଇ ବିଧାୟିକା ଶ୍ରୀମତୀ ଫିରଦୋସ ବିନା ଦ୍ୱିଧାରେ ତୁରନ୍ତ ନିଜ ବିଧାୟକ ଉନ୍ନୟନ ପାଣ୍ଠିରୁ ଆବଶ୍ୟକୀୟ ଅର୍ଥ ମଞ୍ଜୁର କରିଥିଲେ । ଏହି ଅବସରରେ ବିଧାୟିକା ସୋଫିଆ ଫିରଦୋସ ନିଜ ବକ୍ତବ୍ୟରେ କହିଥିଲେ ଯେ, ଶିକ୍ଷା ହିଁ ସମାଜର ପ୍ରଗତିର ମୂଳଦୁଆ । ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ ଏବଂ ସେମାନଙ୍କୁ ଏକ ଉନ୍ନତ ଓ ଆନନ୍ଦଦାୟକ ପାଠପଢ଼ା ପରିବେଶ ଯୋଗାଇଦେବା ଆମର ନୈତିକ କର୍ତ୍ତବ୍ୟ । ପ୍ରାଥମିକ ସ୍ତରରୁ ହିଁ ଶିକ୍ଷାର ସୁଦୃଢ଼ ଭିତ୍ତିଭୂମି ଗଠନ ହେଲେ ପିଲାମାନେ ଭବିଷ୍ୟତରେ ସଫଳ ନାଗରିକ ହୋଇପାରିବେ । ଉତ୍ସବରେ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ସେ କହିଥିଲେ ଯେ, ପିଲାମାନେ ସେମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ଶିକ୍ଷା ଓ ଉପଯୁକ୍ତ ପରିବେଶ ଅତ୍ୟନ୍ତ ଜରୁରୀ । କେବଳ ପାଠପଢ଼ା ନୁହେଁ, ବରଂ ଭଲ ମଣିଷ ହେବା ଏବଂ ନୈତିକ ମୂଲ୍ୟବୋଧ ଶିଖିବା ଶିଶୁଜୀବନର ମୂଳ ଲକ୍ଷ୍ୟ ହେବା ଉଚିତ । ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, କର୍ମଚାରୀ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ଲିଜାରାଣୀ ରାଉତ, କଟକ ଡାୟୋସିସ ବିଶପ ରାଇଟ ରେଭ ସୁରେନ୍ଦ୍ର କୁମାର ନନ୍ଦ, ଆଇନଜୀବୀ ବିଭୁଦତ୍ତ ଦାସ, ବିଦ୍ୟାଳୟ ସଂପାଦକ ରେଭ ପରିତୋଷ ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ସୁଦିପ୍ତା ପାତ୍ର, କାର୍ଯ୍ୟ ନିର୍ବାହୀ ସେକ ଅସଲମ, ସୁସ୍ମିତା ସିଂ, ଜନ ମହାନ୍ତି, ମମତା ସିଂ, ସ୍ମୃତିରେଖା ପଣ୍ଡା, ଅବିନାଶ ଦାସ, ଗୋଲେଖ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



## ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି
# ଏମ୍‌ଏମ୍‌ଡିଆର ସଂଶୋଧନ ବିଲ୍ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ ଡାକ

ଭୁବନେଶ୍ୱର,(ସବ୍ୟୁ): ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍ ସଂସଦରେ ପାରିତ ହୋଇଛି । ମାତ୍ର ଏହି ବିଲ୍‌ଟି ଓଡ଼ିଶାର ପ୍ରାକୃତିକ ସମ୍ପଦ ଉପରୁ ଆର୍ଥିକ ସ୍ୱୟଂକ୍ରିୟତା ଓ ସାମ୍ବିଧାନିକ ଅଧିକାର ପ୍ରତି ଗଭୀର ଚେତାବନୀ ସୃଷ୍ଟି କରିଛି ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଜଣାଇଛନ୍ତି ।

ନବୀନ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟସଭାରେ ବିଜେଡି ସାଂସଦମାନେ ଏହି ବିଲ୍‌କୁ ବିରୋଧ କରିଥିଲେ । ସେମାନେ ରାଜ୍ୟର ଆର୍ଥିକ ଅଧିକାର ନେଇ ପ୍ରଶ୍ନ ଉଠାଇଥିଲେ । ବିଲ୍‌ରେ ଥିବା ଧାରା-୨ରେ ଖଣିଜ ସମ୍ପଦ ଥିବା ଜମିଗୁଡ଼ିକରେ ରାଜ୍ୟ ସରକାରଙ୍କ କ୍ଷମତା ରହିବ ନାହିଁ । ଏହାଛଡ଼ା ରାଜ୍ୟର ରାଜସ୍ୱ କ୍ଷମତା ଉପରେ ମଧ୍ୟ କଟକଣା ରହିବ । ଏହି ବିଲ୍‌ର ଧାରା-୧୩ରେ ଥିବା ସଂଶୋଧନରେ କେନ୍ଦ୍ର ସରକାରଙ୍କ ଖଣିଜ ଦ୍ରବ୍ୟ ଉପରେ ସମ୍ପୂର୍ଣ୍ଣ ମାଲିକାନା ରହିବ ଓ ରାଜ୍ୟର କ୍ଷମତା ସଂକୁଚିତ ହେବ । ଓଡ଼ିଶାରେ ଥିବା ଖଣିଜ ସମ୍ପଦଗୁଡ଼ିକ ଓଡ଼ିଶାବାସୀଙ୍କର । ଖଣି କାର୍ଯ୍ୟରୁ ରାଜସ୍ୱ ସଂଗ୍ରହ କରାଯାଇ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ କଲ୍ୟାଣ ଯୋଜନା ଓ ଭିତ୍ତିଭୂମି ବିକାଶରେ ଖର୍ଚ୍ଚ କରାଯାଇଥାଏ । ରାଜ୍ୟ ତା'ର କ୍ଷମତା ବଳରେ ଖଣିଜ ପଦାର୍ଥ ଥିବା ଜମି ଉପରେ ଟିକସ ଓ ସେସ୍ ଲଗାଇଥାଏ । ମାତ୍ର କେନ୍ଦ୍ର ସରକାର ଏହି ନିଷ୍ପତ୍ତି ରାଜ୍ୟ ଆର୍ଥିକ ସ୍ୱୟଂକ୍ରିୟତାକୁ ବାଧା ଦେବ । ତେଣୁ ତୁରନ୍ତ ଏକ ସର୍ବଦଳୀୟ ବୈଠକ ଡକାଯାଇ ସର୍ବସମ୍ମତିକ୍ରମେ ଓଡ଼ିଶାର ସଂଘୀୟ ଅଧିକାର ଓ ଖଣି ରାଜସ୍ୱକୁ ସୁରକ୍ଷିତ କରାଯାଉ । ଏଥିସହ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବସି ଏକ ସର୍ବସମ୍ମତ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଦିଆଯାଉ । ଆର୍ଥିକ ସ୍ୱତନ୍ତ୍ରତା ହେଉଛି ଆମ ସଂଘୀୟ ବ୍ୟବସ୍ଥାର ମୂଳ ନୀତି । ଏହି ବିଲ୍‌ଟି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ସମ୍ପର୍କରେ ବାଧା ସୃଷ୍ଟି କରିବ । ଏହାର ପ୍ରଭାବ ସିଧାସଳଖ ଓଡ଼ିଶାର ଭବିଷ୍ୟତ ବିକାଶ ଉପରେ ପଡ଼ିବ । ଯଦି କେନ୍ଦ୍ର ସରକାର ରାଜ୍ୟଠାରୁ ଖଣିଜ ପଦାର୍ଥ ଥିବା ଜମି ଉପରୁ ସେସ୍ ଆଦାୟ କ୍ଷମତା କାଢ଼ିନେଲେ କେବେଳ ପ୍ରଦୂଷଣ ଓ ବିସ୍ଥାପିତ ବୋଝ ରାଜ୍ୟ ଉପରେ ପଡ଼ିବ । ଲୋକଙ୍କ ସ୍ୱାର୍ଥ ପାଇଁ ଏହା ଉପରେ କାର୍ଯ୍ୟ କରିବାକୁ ନବୀନ ଅନୁରୋଧ କରିଛନ୍ତି ।

# ପୋଲିସ ସେବା ପୁରସ୍କାର ୨୦୨୬ ଘୋଷଣା : ଓଡ଼ିଶାର ୧୭ ଜଣଙ୍କୁ ମିଳିବ

ଭୁବନେଶ୍ୱର, (ସବ୍ୟୁ) : ସ୍ୱାଧୀନତା ଦିବସ ପୂର୍ବରୁ ବିଶିଷ୍ଟ ସେବା ପୁରସ୍କାର ୨୦୨୬ ଘୋଷଣା କରାଯାଇଛି । ଚଳିତ ବର୍ଷ ଓଡ଼ିଶାର ୧୭ ଜଣଙ୍କୁ ମିଳିବ ଏହି ପୁରସ୍କାର । ୫ ଜଣଙ୍କୁ ସାହସିକତା, ୨ ଜଣଙ୍କୁ ରାଷ୍ଟ୍ରପତି ପଦକ ଏବଂ ୧୦ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ମିଳିବ ବୋଲି ଜଣାପଡ଼ିଛି । ଏଡିଜି ସଞ୍ଜୀବ ପଣ୍ଡା ଏବଂ ଡିସିପି ସ୍ମିତାରାଣୀ ମହାନ୍ତିଙ୍କୁ ରାଷ୍ଟ୍ରପତି ପଦକ ମିଳିବ । ସ୍ୱାଧୀନତା ଦିବସ ୨୦୨୬ ଅବସରରେ ପୋଲିସ, ଅଗ୍ନିଶମ, ଗୃହରକ୍ଷୀ, ନାଗରିକ ପ୍ରତିରକ୍ଷା ଏବଂ ସଂଶୋଧନ ସେବାର ମୋଟ ୧,୦୫୭ ଜଣ କର୍ମଚାରୀଙ୍କୁ ସାହସିକତା ଏବଂ ସେବା ପଦକ ପ୍ରଦାନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ସାହାସିକତା ପାଇଁ ୩୦୧ ପଦକ (ଜିଏମ୍) ପୁରସ୍କାର ମଧ୍ୟରୁ ୨୭୨ ପୋଲିସ କର୍ମଚାରୀଙ୍କୁ ଏବଂ ୨୯ ଅଗ୍ନିଶମ ସେବା କର୍ମଚାରୀଙ୍କୁ ଦିଆଯାଇଛି । ଜୀବନ ଏବଂ ସମ୍ପତ୍ତି ରକ୍ଷା, ଅପରାଧ ରୋକିବା କିମ୍ବା ଅପରାଧୀଙ୍କୁ ଗିରଫ କରିବାରେ ସାହସିକତାର ଏକ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସାହସିକତା ପଦକ ପ୍ରଦାନ କରାଯାଏ, ଯେଉଁଥିରେ ଅଧିକାରୀଙ୍କ କର୍ତ୍ତବ୍ୟ ଏବଂ ନିଷ୍ଠାକୁ ଦୃଷ୍ଟିରେ ରଖି ବିପଦର ମୂଲ୍ୟାଙ୍କନ କରାଯାଏ । ଆଞ୍ଚଳିକ ଭାବରେ, ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରୁ ୧୯୭ ଜଣ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରୁ, ୫୧ ଜଣ ଜାମ୍ମୁ ଏବଂ କାଶ୍ମୀରରୁ, ୧୨ ଜଣ ଉତ୍ତର-ପୂର୍ବରୁ ଏବଂ ୪୧ ଜଣ ଅନ୍ୟାନ୍ୟ ଅଞ୍ଚଳରୁ ଆସିଛନ୍ତି । ଏକ ସ୍ୱତନ୍ତ୍ର ପ୍ରତିଷ୍ଠିତ ସେବା ରେକର୍ଡ ପାଇଁ ମୋଟ ୯୨ ଜଣ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ (ପିଏସ୍‌ଏମ୍) ପ୍ରଦାନ କରାଯିବ । ପୃଥକ ଭାବରେ ୬୬୪ ପଦକ ମେଧାବୀ ସେବା (ଜିଏସ୍‌ଏମ୍) ପୁରସ୍କାର ମିଳିବ ।

# ୧୩.୩୫କେଜି ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ତମାଣ୍ଡୋ ଥାନା ପୋଲିସ ଦୁଇଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୩.୩୫ କେଜି ଗଞ୍ଜେଇ ଜବତ କରିଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜାତୀୟ ରାଜପଥ ପାଶ୍ୱର୍ ତମାଣ୍ଡୋ ଖେଳ ପଡ଼ିଆ ନିକଟ ବସ୍‌ଷ୍ଟପ୍ ନିକଟରେ ତମାଣ୍ଡୋ ଥାନା ପୋଲିସ ଚଢାଉ କରିଥିଲା । ସେଠାରେ ରଞ୍ଜନ ନାୟକ ଓ ରାହୁଲ ଦଳାଇ ନାମକ ଦୁଇଜଣ ଯୁବକ ଏକ ଧଳା ଜରି ବ୍ୟାଗ୍‌ରେ ଗଞ୍ଜେଇ ଭର୍ତ୍ତି କରି ସନ୍ଦେହଜନକ ଅବସ୍ଥାରେ ବସ୍‌କୁ ଅପେକ୍ଷା କରିଥିବା ଦେଖି ତାଙ୍କୁ କାବୁ କରିଥିଲେ । ପୋଲିସ ତାଙ୍କୁ କାବୁ କରିବା ପୂର୍ବରୁ ସେ ଖସିଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ପୋଲିସ ତାଙ୍କୁ ପିଛା କରି ଧରିବାରେ ସକ୍ଷମ ହୋଇଥିବା ତମାଣ୍ଡୋ ଥାନା ସୂତ୍ରରୁ ଜଣାପଡ଼ିଛି ।

# ହାଇଟେକ୍ ଡେଣ୍ଟାଲ୍ କଲେଜ୍‌ର ବିରଳ ରେକର୍ଡ ୧୭୫ଟି ଶିଶୁଙ୍କ ସଫଳ ଗ୍ରହଣ ଖଣ୍ଡିଆ ଅସ୍ତ୍ରୋପଚାର ସଂପନ୍ନ

ଭୁବନେଶ୍ୱର, (ସବ୍ୟୁ): ହାଇ-ଟେକ୍ ମେଡିକାଲ କଲେଜ ପରିସରରେ 'ମିଶନ ସ୍ମାଇଲ୍' ଏବଂ 'ଇଣ୍ଡିଆନ ଅଏଲ୍ କର୍ପୋରେସନ୍ ଲିମିଟେଡ୍' ର ମିଳିତ ସହଯୋଗରେ ଆୟୋଜିତ 'ମଧୁର ମୁସ୍କାନ' ପ୍ରକଳ୍ପ (୨୦୨୫-୨୬) ର ଉଦ୍‌ଯାପନୀ ସମାରୋହ ସଫଳତାର ସହ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ ହାଇଟେକ୍ ଡେଣ୍ଟାଲ୍ କଲେଜ୍ ଓ ହସ୍‌ପିଟାଲର ନିର୍ଦ୍ଦେଶିକା ତଥା କାର୍ଯ୍ୟକାରୀ ଅଧ୍ୟକ୍ଷା ଇଂ. ମଧୁସ୍ମିତା ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ସମ୍ପାଦିତ ହୋଇଥିଲା । ଉତ୍ସବରେ ଓଡ଼ିଶା ଏବଂ ମୁମ୍ବାଇରୁ ଇଣ୍ଡିଆନ ଅଏଲ୍‌ର ବରିଷ୍ଠ ପଦାଧିକାରୀ, କୋଲକାତାରୁ 'ମିଶନ ସ୍ମାଇଲ୍' ର କର୍ମକର୍ତ୍ତାଙ୍କ ସମେତ ହାଇ-ଟେକ୍ ଡେଣ୍ଟାଲ୍ କଲେଜର ଅଭିଜ୍ଞ ଶଲ୍ୟ ଚିକିତ୍ସକ ଓ ନିଶ୍ଚେତକ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ ଓ ଚଳିତ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ଅଧୀନରେ ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁର ଅଞ୍ଚଳର ମୋଟ ୧୭୫ ଜଣ ଛୋଟ ଛୋଟ ଶିଶୁଙ୍କ ଗ୍ରହଣ ଖଣ୍ଡିଆ ରୋଗର ସଫଳ ଅସ୍ତ୍ରୋପଚାର କରାଯାଇଛି ଓ ସେଥିମଧ୍ୟରୁ କେବଳ ଭୁବନେଶ୍ୱର ହାଇ-ଟେକ୍ ଡେଣ୍ଟାଲ କଲେଜରେ ପାଖାପାଖି ୧୫୦ଟି ଅସ୍ତ୍ରୋପଚାର କରାଯାଇ ଅସହାୟ ଶିଶୁ ଓ ସେମାନଙ୍କ ପରିବାର ମୁହଁରେ ହସ ଫୁଟାଯାଇପାରିଛି ଓ ଏହି ଚିକିତ୍ସା ଓ ଅସ୍ତ୍ରୋପଚାର ସଂପୂର୍ଣ୍ଣ ରୂପେ ମାଗଣା କରାଯାଇଥିଲା ବେଳେ, ୨୦୧୫ ମସିହାରୁ ମିଶନ ସ୍ମାଇଲ୍ ଏବଂ ହାଇ-ଟେକ୍ ଡେଣ୍ଟାଲ କଲେଜ ଏହି ମହତ୍ ସେବା କାର୍ଯ୍ୟ ଜାରି ରଖିଥିବା ବେଳେ, ଆଇଓସିଏଲ୍ ର ନିରନ୍ତର ସହଯୋଗ ଏହି କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିଛି । ଏହି ଅବସରରେ ହାଇଟେକ୍ ଗ୍ରୁପ୍ ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ, ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ହାଇଟେକ ଡେଣ୍ଟାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସଂଗ୍ରାମ ପାତ୍ର, ପ୍ରଫେସର ଡାକ୍ତର ଅଭିତୋଷ ଦେବତା ପ୍ରମୁଖ ଉପସ୍ଥିତ ସମସ୍ତ ଡାକ୍ତର, ମେଡିକାଲ ଟିମ୍ ଏବଂ ସହଯୋଗୀ ସଂସ୍ଥାମାନଙ୍କୁ ସେମାନଙ୍କର ନିଃସ୍ୱାର୍ଥପର ସମର୍ଥନ ଓ ସେବା ପାଇଁ ଧନ୍ୟବାଦ ଅର୍ପଣ କରିବା ସହ ଆସନ୍ତାଦିନରେ ମଧ୍ୟ ହାଇଟେକ୍ ଡେଣ୍ଟାଲ କଲେଜ ଓ ହସପିଟାଲ ଏହିଭଳି ରୋଗୀଙ୍କ ଚିକିତ୍ସା ସଂପୂର୍ଣ୍ଣ ମାଗଣାରେ କରିବାକୁ ପ୍ରତିଶୃତିବଦ୍ଧ ବୋଲି ଡକ୍ଟର ପାଣିଗ୍ରାହୀ କହିଛନ୍ତି ।



## ଭୁବନେଶ୍ୱର ସ୍ଥିତ ବାସଭବନରେ ତ୍ରିରଙ୍ଗା ଉତ୍ତୋଳନ କଲେ ସାଂସଦ
# 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଜାତୀୟତାବୋଧର ଅନନ୍ୟ ଶିହରଣ ସୃଷ୍ଟି କରିଛି : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର "ହର୍ ଘର୍ ତ୍ରିରଙ୍ଗା" ଅଭିଯାନରେ ଭୁବନେଶ୍ୱର ସ୍ଥିତ ନିଜ ବାସଭବନରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶବାସୀଙ୍କୁ ୮୦ତମ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇଛନ୍ତି । ପତାକା ଉତ୍ତୋଳନ କରିବା ପରେ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ ନେତୃତ୍ୱରେ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଆଜି ସମଗ୍ର ଦେଶରେ ଜାତୀୟତାବୋଧ, ଏକତା ଓ ଆତ୍ମସମ୍ମାନର ଏକ ଅନନ୍ୟ ଶିହରଣ ସୃଷ୍ଟି କରିଛି । ଏହି ଅଭିଯାନ ପ୍ରତ୍ୟେକ ଭାରତୀୟଙ୍କୁ ନିଜର ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ସଂଗ୍ରାମ ଓ ବଳିଦାନକୁ ମନେପକାଇବା ସହ ଦେଶସେବା ପାଇଁ ସଂକଳ୍ପବଦ୍ଧ ହେବାକୁ ପ୍ରେରଣା ଯୋଗାଉଛି । ଏହି ଅବସରରେ ଶ୍ରୀ ପ୍ରଧାନ ସମସ୍ତ ଓଡ଼ିଶାବାସୀ ତଥା ଦେଶବାସୀଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଆସନ୍ତୁ, ଆମେ ସମସ୍ତେ ଦେଶଭକ୍ତିର ଭାବନାରେ ଏହି ଅଭିଯାନରେ ସାମିଲ ହେବା ଓ ନିଜ ଘରେ ରାଷ୍ଟ୍ରୀୟ ଧ୍ୱଜା ଉତ୍ତୋଳନ କରିବା ସହ ଜାତୀୟ ଏକତା, ଶାନ୍ତି ଓ ସାମାଜିକ ସୌହାର୍ଦ୍ଦ୍ୟର ବାର୍ତ୍ତା ବାଣ୍ଟିବା ।



# ଯେଉଁ ଅଟୋମୋବାଇଲ କ୍ଷେତ୍ରରେ ସୁନାମ ଥିଲା ତାହାକୁ ମଧ୍ୟ ସରକାର ନଷ୍ଟ କରିଦେଲେ

ଭୁବନେଶ୍ୱର,(ସବ୍ୟୁ): ଭାରତ ସରକାରଙ୍କ ଇ-୨୦ ପେଟ୍ରୋଲ ନୀତି ତଥା ପ୍ରସ୍ତାବିତ ଖୋର୍ଦ୍ଧା ବସଷ୍ଟାଣ୍ଡକୁ ନେଇ ପିସିସି ଗଣମାଧ୍ୟମ ବିଭାଗ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାସ ଓ ବରିଷ୍ଠ ମୁଖପାତ୍ର ସୋନାଲୀ ସାହୁ ଉକ୍ତ ବିଷୟରେ ନିଜ ପ୍ରତିକ୍ରିୟା ଉପସ୍ଥାପନ କରିଥିଲେ । ଗଣମାଧ୍ୟମ ଅଧ୍ୟକ୍ଷ ଶ୍ରୀ ଦାସ ନିଜ ବିବୃତିରେ କହିଥିଲେ ଯେ, ଯାହା ଆଶଙ୍କା କରାଯାଉଥିଲା ତାହାହିଁ ହେଲା । ପରିବହନ ମନ୍ତ୍ରୀ ନିତୀନ ଗଡକରୀ ବାହାସ୍ଫୋଟ ମାରୁଥିଲେ ଗୋଟିଏ ବି ଗାଡି ଖରାପ ହେବା ଦେଖାଇ ଦିଅନ୍ତୁ । ଜନସାଧାରଣଙ୍କ ଉପରେ ଏକତରଫା ଭାବେ ଇ-୨୦ ପେଟ୍ରୋଲ ଲଦି ଦେବାର ଏହା ଫଳ । ସୋସାଇଟି ଅଫ ଇଣ୍ଡିଆନ ଅଟୋମୋବାଇଲ ମେନୁଫେକଚରର୍ସ (ସିଆମ) ୨୮-୮-୨୦୨୬ ରିଖ ଦିନ ସରକାରଙ୍କୁ ଚିଠି ଲେଖିଥିଲେ ଯେ, ଇ-୨୦ ପେଟ୍ରୋଲ ଦ୍ୱାରା ପ୍ରଦୂଷଣ ହେଉଛି । କିନ୍ତୁ ଅନ୍ୟ ପକ୍ଷରେ ସଡକ ପରିବହନ ମନ୍ତ୍ରୀ ହୋଇ ପେଟ୍ରୋଲିୟମ ଉପରେ ଭାଷଣ ଦେଇ ଏଭଳି କୌଣସି ଆଶଙ୍କାକୁ ଖାରଜ କଲେ । ଯାହାର ଉଦ୍ଦେଶ୍ୟ ଖରାପ ପରିଣାମ କିପରି ଭଲ ହେବ । ଏଥିରେ କିଛି ମୌଳିକ ପ୍ରଶ୍ନ ଆସୁଛି, ଇଥାନଲ ଉତ୍ପାଦନରେ ତାଙ୍କ ପୁତ୍ରଙ୍କ ନାମ ଆସିଛି । ସେ ନିଜ ସ୍ୱଚ୍ଛତା ପ୍ରଦର୍ଶନ କରିବାରେ ଅକ୍ଷମ ହେଉଛନ୍ତି ।




ଏପ୍ରିଲ ୨୦୨୩ ରେ ବିଏସ ୬ ନିୟମ ଲାଗୁ ହେବା ପୂର୍ବରୁ ଯେଉଁ ବାହନ ଗୁଡିକ ଅଛି ସେଥିରେ ଇ-୨୦ ବ୍ୟବହାର କଲେ ଆଦ୍ରତା କିମ୍ବା କ୍ଲୋରାଇଡ ଅଂଶ ରହିବନି ବୋଲି ଆପଣ କେଉଁ ଆଧାରରେ କହିଲେ ବୋଲି ପ୍ରଶ୍ନ କରାଯାଇଛି । ରଏଟର୍ସର ବିବରଣୀ ଅନୁଯାୟୀ ଇଥାନଲରୁ ପ୍ରଦୁଷଣ ହେଉଛି ଓ ମାତ୍ରାଧିକ କ୍ଲୋରାଇଡ ଅଂଶ ରହୁଛି ବୋଲି ଜଣା ପଡୁଛି । ଭୁବନେଶ୍ୱରରେ ପ୍ରତ୍ୟେକ ଗ୍ୟାରେଜକୁ ୨-୩ ମାସ ହେବ ପ୍ରାୟ ଅଧିକ ୧୫ ଗୋଟି ଗାଡି ମରାମତି ପାଇଁ ଆସୁଛି । ଅଟୋମୋବାଇଲ ଶିଳ୍ପକୁ ନଷ୍ଟ କରିଦେବା କେଡେ ପାପ ଆପଣ ଚିନ୍ତା କରନ୍ତୁ । ଜନତାଙ୍କୁ ଇଥାନଲ ବ୍ୟବହାର କରିବାପାଇଁ ସରକାର ବାଧ କରିପାରିବେ ନାହିଁ । ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଲେ, ଖୋର୍ଦ୍ଧା ସହରର ବିକାଶ ପାଇଁ ଅଟଳ ବସଷ୍ଟାଣ୍ଡ ଏକ ଅତ୍ୟନ୍ତ ଆବଶ୍ୟକ ପ୍ରକଳ୍ପ । ଏହି ପ୍ରକଳ୍ପକୁ କଂଗ୍ରେସ ପୂର୍ଣ୍ଣ ସମର୍ଥନ କରୁଛି । କିନ୍ତୁ ଆମ ମତ ହେଉଛି, ଏହା ପ୍ରସ୍ତାବିତ ସ୍ଥାନରେ ନୁହେଁ, ବରଂ ଯେଉଁଠାରେ ଅଧିକ ପରିମାଣର ସରକାରୀ ଜମି ଉପଲବ୍ଧ ଅଛି ଏବଂ ଭବିଷ୍ୟତରେ ବିସ୍ତାରର ସୁବିଧା ରହିବ, ସେହି ସ୍ଥାନରେ ନିର୍ମାଣ କରାଯିବା ଉଚିତ । ବର୍ତ୍ତମାନର ଡିପିଆର ଓ ଲେଆଉଟକୁ ପୁନଃ ସମୀକ୍ଷା କରାଯାଉ । ଯଦି ଆବଶ୍ୟକ ହୁଏ, ଡିପିଆରରେ ପରିବର୍ତ୍ତନ କରି ଅଧିକ ଜମି ଥିବା ସ୍ଥାନରେ ଏକ ଆଧୁନିକ, ସୁବିଧାସମ୍ପନ୍ନ ଏବଂ ଭବିଷ୍ୟତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବସଷ୍ଟାଣ୍ଡ ନିର୍ମାଣ କରାଯାଉ । ସମ୍ପ୍ରତି ଟେଣ୍ଡର ବାତିଲ ହୋଇଛି । ଏହି ସୁଯୋଗରେ ସରକାର ଜନମତ, ବିଶେଷଜ୍ଞଙ୍କ ମତାମତ ଏବଂ ଯାତାୟାତର ଭବିଷ୍ୟତ ଚାହିଦାକୁ ବିଚାର କରି ଏକ ଉପଯୁକ୍ତ ସ୍ଥାନ ଚୟନ କରନ୍ତୁ । ଖୋର୍ଦ୍ଧାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରକଳ୍ପର ଡିପିଆରକୁ ସଂଶୋଧନ କରନ୍ତୁ, ଅଧିକ ଜମିଥିବା ବିକଳ୍ପ ସ୍ଥାନ ବାଛନ୍ତୁ ଏବଂ ଶୀଘ୍ର ନୂଆ ଟେଣ୍ଡର ଆହ୍‌ୱାନ କରି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ କାର୍ଯ୍ୟକାରୀ କରନ୍ତୁ । ଏହା ଖୋର୍ଦ୍ଧାର ବିକାଶ ଓ ଜନସାଧାରଣଙ୍କ ସୁବିଧା ପାଇଁ ଅତ୍ୟନ୍ତ ଜରୁରୀ ହେବ ବୋଲି ଶ୍ରୀମତୀ ସାହୁ ଦାବି କରିଥିଲେ ।

## ସ୍ୱାଧୀନତା ଦିବସରେ ବିଏସ୍‌ଏନ୍‌ଏଲ୍‌ର ବଡ଼ ଭେଟି
# ନୂଆ ଗ୍ରାହକଙ୍କୁ ୧ ଟଙ୍କାରେ ମିଳିବ ଫ୍ରିଡମ୍ ଅଫର୍

ଭୁବନେଶ୍ୱର(ସବ୍ୟୁ): ଭାରତର ୮୦ତମ ସ୍ୱାଧୀନତା ଦିବସରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ) ଗ୍ରାହକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଉପହାର ଘୋଷଣା କରିଛି । ସୁଲଭ, ସୁରକ୍ଷିତ ଏବଂ ନିର୍ଭରଯୋଗ୍ୟ ସେବା ଯୋଗାଇ ସମୃଦ୍ଧ ଓ ଡିଜିଟାଲ୍ ଭାରତ ଗଠନ ପାଇଁ ବିଏସ୍‌ଏନ୍‌ଏଲ ସଦା ସର୍ବଦା ପ୍ରତିବଦ୍ଧ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ଅଶୋକ ନଗରସ୍ଥିତ ବିଏସ୍‌ଏନ୍‌ଏଲ୍ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଏସ୍‌ଏନ୍‌ଏଲ୍‌ର ସିଜିଏମ ଦୁଷ୍ମନ୍ତ କୁମାର ବେହେରା,ଭାରତନେଟ ପିଜିଏମ ଆଜି ସୋରେନ, ଜିଏମ୍ ଗୁରୁଦାସ ମେହେର କହିଛନ୍ତି, ସ୍ୱାଧୀନତା ଦିବସ ପାଳନର ଏକ ଅଂଶ ସ୍ୱରୂପ ବିଏସ୍‌ଏନ୍‌ଏଲ ଏକ ସ୍ୱତନ୍ତ୍ର "୧ ଟଙ୍କିଆ ଫ୍ରିଡମ୍ ଅଫର୍' ଆରମ୍ଭ କରୁଛି । ଏହି ଅଫର୍ ମାଧ୍ୟମରେ ନୂତନ ଗ୍ରାହକମାନେ ମାତ୍ର ୧ ଟଙ୍କାରେ ବିଏସ୍‌ଏନ୍‌ଏଲ ମୋବାଇଲ୍ ନେଟୱାର୍କର ସେବା ପାଇପାରିବେ । ସେହିପରି ଫାଇବର୍ ଫ୍ରିଡମ୍ ପ୍ଲାନ୍ ଗ୍ରାହକଙ୍କୁ ପ୍ରିମିୟମ୍ ବ୍ରଡବ୍ୟାଣ୍ଡ ସେବା ଦେବା ପାଇଁ ବିଏସ୍‌ଏନ୍‌ଏଲ ମାସିକ ୧,୧୧୧ ଟଙ୍କାରେ ପ୍ଲାନ୍ ଆଣିଛି । ଏଥିରେ ୨୦୦ ଏମବିପିଏସ୍ ପର୍ଯ୍ୟନ୍ତ ସ୍ପିଡ୍, ମାସିକ ୫,୦୦୦ ଜିବି ଡାଟା ଏବଂ ୧୪ରୁ ଅଧିକ ପ୍ରିମିୟମ୍ ଓଟିଟି ପ୍ଲାଟଫର୍ମର ସୁବିଧା ମିଳିବ । ଡିବିଏନ ଅନୁଦାନ ପ୍ରାପ୍ତ ପ୍ରକଳ୍ପ ମାଧ୍ୟମରେ ରାଜ୍ୟରେ ମୋଟ ୧୭୪୧ଟି ନୂଆ ୪-ଜି ମୋବାଇଲ୍ ଟାୱାର ସ୍ଥାପନ କରାଯାଇଛି । ଯାହା ଦ୍ୱାରା ୨୪୮୨ଟି ଦୁର୍ଗମ ଓ ଅପହଞ୍ଚ ଗାଁରେ ସେବା ପହଞ୍ଚିପାରିଛି । ଆହୁରି ୨୯୫ଟି ନୂଆ ଗାଁକୁ ଏହି ସେବାରେ ଯୋଡ଼ାଯିବ । ଏଥିସହିତ ଭାରତନେଟ୍ ପ୍ରକଳ୍ପ ଅଧୀନରେ ୩୧୯୪ଟି ସ୍କୁଲ୍ ଏବଂ ୬୭୯୮ଟି ଗ୍ରାମ ପଞ୍ଚାୟତକୁ ହାଇ-ସ୍ପିଡ୍ ଇଣ୍ଟରନେଟ୍ ସହ ଯୋଡ଼ାଯାଇଛି । ଓଡ଼ିଶାର ୫୦୦୦ରୁ ଅଧିକ ସେକେଣ୍ଡାରୀ ସ୍କୁଲ୍, ୧୧୦୦ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୩୫୦୦ରୁ ଅଧିକ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଫଟିଟିଏଚ୍ (ଫାଇବର୍) ସୁବିଧା ଯୋଗାଇବା ପାଇଁ ବିଏସ୍‌ଏନ୍‌ଏଲ ପ୍ରକ୍ରିୟା ଆରମ୍ଭ କରିଛି ।



# ଜିଲ୍ଲାପାଳଙ୍କ ଦ୍ୱାରା ସୋଲାର ରଥର ଶୁଭାରମ୍ଭ




ଅନୁଗୋଳ, (ସବ୍ୟୁ) : ଓଡ଼ିଶା ସରକାର ଏବଂ ଟାଟା ପାୱାରର ମିଳିତ ଆନୁକୂଲ୍ୟରେ ଟିପିସିଓଡିଏଲ୍ ପକ୍ଷରୁ 'ପିଏମ୍ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା' ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏବଂ ସୌରଛାତ (ରୁଫଟପ୍ ସୋଲାର) ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସୋଲାର ରଥର ଶୁଭାରମ୍ଭ କରାଯାଇଛି ।

ଏହି ସୋଲାର ରଥକୁ ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖ୍ତର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ପଦକ୍ଷେପ ଦ୍ୱାରା ଅକ୍ଷୟ ଶକ୍ତିର ବିକାଶ ଏବଂ ସ୍ଥାୟୀ ପ୍ରଗତିକୁ ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି ।

ଏହି ପ୍ରଚାର ଗାଡ଼ିଟି ଜିଲ୍ଲାର ବିଭିନ୍ନ ଆଦର୍ଶ ସୌର ଗ୍ରାମ (ମୋଡେଲ୍ ସୋଲାର ଭିଲେଜ୍) ଏବଂ ଅନ୍ୟାନ୍ୟ ଗ୍ରାମଗୁଡ଼ିକ ପରିକ୍ରମା କରିବ । ଏହା ମାଧ୍ୟମରେ ଗ୍ରାହକମାନଙ୍କୁ ସୌର ଶକ୍ତିର ଲାଭ, ଘରୋଇ ରୁଫଟପ୍ ସୋଲାର ସିଷ୍ଟମ୍, ସରକାରୀ ସବସିଡି ଏବଂ ଏହାର ସ୍ଥାପନ ପ୍ରକ୍ରିୟା ବିଷୟରେ ସଚେତନ କରାଯିବ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଜାତୀୟ ରାଜପଥରୁ ୧୦୬ କେଜି ଗଞ୍ଜେଇ ଜବତ, ୩ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଅବକାରୀ ଗୋଇନ୍ଦା ବିଭାଗ ଡିଏସପି ଶ୍ରୁତିକାନ୍ତ ରାଉତଙ୍କ ନେତୃତ୍ୱରେ ଏକ ଟିମ ଜାତୀୟ ରାଜପଥ ଜଗଦଳପୁର ରୋଡ ଏକ ପେଟ୍ରୋଲ ପମ୍ପ ନିକଟରୁ ୧୦୬ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଭର୍ତ୍ତି କାରକୁ ଏସ୍କାର୍ଟ କରୁଥିବା ଯୁବକ ସମେତ ତିନି ଜଣଙ୍କୁ ବାନ୍ଧିଛି। ସେମାନେ ହେଲେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅନ୍ତର୍ଗତ କୁରାଳ ଗ୍ରାମର ଦିନେଶ ସାହୁ (୧୮), ଓଡ଼ଗାଁର ଜଗନ୍ନାଥ ସାହୁ (୨୯) ଏବଂ କୁରାଳ ଟୋଟାସାହିର ଗୋପାଳ ଚନ୍ଦ୍ର ଖଟେଇ (୨୬) । ଏହି ର୍ୟାକେଟର ମାଷ୍ଟରମାଇଣ୍ଡ ନୟାଗଡ଼ର ପ୍ରସାଦ ପଣ୍ଡା ଫେରାର ହୋଇଯାଇଥିବା ବେଳେ ତାଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଡ଼ିଏସପି ରାଉତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ୯ତାରିଖରେ କନ୍ଧମାଳ ଅବକାରୀ ବିଭାଗ ଉକ୍ତ ପ୍ରସାଦ ପଣ୍ଡାଙ୍କ ବଡ଼ଭାଇ ଭକ୍ତ ଦର୍ଶନ ପଣ୍ଡା ସମେତ ତିନି ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ନିକଟରୁ ୧୬୩ କେଜି ଗଞ୍ଜେଇ ସହ ଦୁଇଟି ବନ୍ଧୁକ ଓ କାର ଜବତ କରିଥିଲା । ସେହି ଲିଙ୍କ ଆଧାରରେ କନ୍ଧମାଳ ଜିଲ୍ଲା ସାରଙ୍ଗଗଡ଼ରୁ ଗଞ୍ଜେଇ ବ୍ରହ୍ମପୁର ଦେଇ ନୟାଗଡ ଚାଲାଣ ହେଉଥିବା ଖବର ପାଇ ଆଜି ଜାତୀୟ ରାଜପଥ ଜଗଦଳପୁର ରୋଡ ନିକଟ ପେଟ୍ରୋଲ ପମ୍ପ ନିକଟରୁ ଉକ୍ତ ତିନି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି ବୋଲି ସେ କହିଛନ୍ତି । ପୋଲିସ ଗୋଟିଏ କାର, ପଲସର ବାଇକ ଓ ୬ଗୋଟି ମୋବାଇଲ ଜବତ କରିଛି। ଜବତ ଗଞ୍ଜେଇ ଓ କାର ଓ ବାଇକର ମୂଲ୍ୟ ପ୍ରାୟ ୨୦ଲକ୍ଷ ଟଙ୍କା ହେବ ବୋଲି କହିଛି । ମାମଲା ନଂ ୨୮୮/୨୬-୨୭ ରେ ଉପରୋକ୍ତ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟ ଚାଲାଣ କରିଛି। ଗଞ୍ଜେଇ ବ୍ରହ୍ମପୁର ଚାଲାଣ ହେଉଥିବା ଖବର ପାଇ ଆଜି ସକାଳ ପ୍ରାୟ ୬ଟା ୨୦ରେ ଜାଗଦଳପୁର ନିକଟ ଏନ୍‌ଏଚ୍-୫୯ ରେ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଗଞ୍ଜାମ ଅବକାରୀ ଓ ଏନ୍‌ଫୋର୍ସମେଣ୍ଟ ୟୁନିଟ୍-୨ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଏକ କଳା ରଙ୍ଗର ପଲସର-୨୦୦ ମୋଟରସାଇକେଲ ଓ ଏକ ଧଳା ରଙ୍ଗର ବୋଲେରୋ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଅଭିଯୁକ୍ତମାନଙ୍କୁ ଧରାଯାଇଥିଲା ।

ଯାଞ୍ଚ ବେଳେ ଗାଡ଼ି ଭିତରୁ ୪ଟି ଜରି ବସ୍ତାରେ ଥିବା ୧୦୬ କେଜି ଗଞ୍ଜେଇ ଜବତ ହୋଇଥିଲା । ଆଜିର ଚଢ଼ାଉରେ ଏସଆଇ ଗିରିଜାନନ୍ଦନ ଜେନା ଏଏସଆଇ ଅମରଜିତ ସାହୁ, କନେଷ୍ଟେବଲ ପବିତ୍ର ସାମଲ, ସନ୍ତୋଷ ନାୟକ, କୁମଦ ପ୍ରଧାନ ପ୍ରମୁଖ ସାମିଲ ଥିଲେ । ଘଟଣାରେ ଅଧିକ ତଦନ୍ତ ଜାରି ରହିଛି ବୋଲି ଡ଼ିଏସପି କହିଛନ୍ତି ।

# ବିଏସ୍ଏନ୍ଏଲ୍‌ର ଡିଜିଟାଲ ପଦକ୍ଷେପ ଘୋଷଣା

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାରେ ବିଏସ୍ଏନ୍ଏଲ ତରଫରୁ ୮୦ ତମ ସ୍ୱାଧିନତା ଦିବସ ଅବସରରେ ବିଭିନ୍ନ ସେବାର ଆରମ୍ଭ କରାଯାଇଛି ।

ଏହି ଅବସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡିଜିଏମ ବିବେକ ବିଶ୍ୱକର୍ମା ଯୋଗଦେଇ ମାତ୍ର ଏକ ଟଙ୍କାରେ ସିମ ସହିତ ୪ଜି ସେବା ପ୍ରଦାନ କରାଯାଉଥିବାର କହିଥିଲେ । ଏକ ଟଙ୍କାରେ ସିମ୍ କିଣି ପ୍ରତିଦିନ ୧ ଜିବି ଡାଟା ସହିତ ଏସ୍ଏମ୍ଏସ, ଅସୀମିତ ଭଏସ୍ କଲ ଏବଂ ୨୪ଦିନରେ ସେବା ଯୋଗାଇ ଦିଆଯାଉଥିବାର କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବିଏସ୍ଏନ୍ଏଲ୍ ତରଫରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଡିଜିଏମ୍ ରଞ୍ଜିତ ସାହୁଙ୍କ ସହିତ ଅନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଏସ୍‌ସିବିରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ବାରିପଦା, (ସବ୍ୟୁ) : କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସସିବି) ମେଡିକାଲ କଲେଜକୁ ଏଆଇଆଇଏମଏସ୍-ପ୍ଲସ୍ ସ୍ତରର ଅନୁଷ୍ଠାନରେ ରୂପାନ୍ତରଣ ପରିପ୍ରେକ୍ଷୀରେ ଏହାର ପ୍ରତିଷ୍ଠାତା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଗୌରବମୟ ଅବଦାନକୁ ସ୍ମରଣ କରିବା ପାଇଁ ତାଙ୍କର ଏକ ବିଶାଳ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ଦାବି ଉଠିଛି । ପ୍ରିୟବ୍ରତ ମାଝୀ ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଏହି ଦାବି ଉଠାଇଛନ୍ତି । ସେ କହିଛନ୍ତି ଯେ, ଏସସିବି ମେଡିକାଲ କଲେଜର ବ୍ୟାପକ ବିସ୍ତାର ଓ ଆଧୁନିକୀକରଣ ପରେ ଅନୁଷ୍ଠାନର ମୁଖ୍ୟ ପ୍ରବେଶପଥରେ ଏହାର ପ୍ରତିଷ୍ଠାତା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଏକ ଭବ୍ୟ ପୂର୍ଣ୍ଣାବୟ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ଉଚିତ । ଏହା ମହାରାଜାଙ୍କ ପ୍ରତି କୃତଜ୍ଞତାର ଏକ ସ୍ଥାୟୀ ପ୍ରତୀକ ହେବା ସହ ତାଙ୍କ ଅମୂଲ୍ୟ ଅବଦାନକୁ ଆଗାମୀ ପିଢ଼ି ପାଇଁ ସ୍ମରଣୀୟ କରିବ ବୋଲି ସେ ମତ ଦେଇଛନ୍ତି । ଶ୍ରୀ ମାଝୀଙ୍କ ମତରେ, ମହାରାଜାଙ୍କ ଦୂରଦୃଷ୍ଟି, ଉଦାରତା ଏବଂ ଚିକିତ୍ସା ଶିକ୍ଷା ପ୍ରତି ଥିବା ପ୍ରତିବଦ୍ଧତା ଓଡ଼ିଶାର ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ଶିକ୍ଷାର ବିକାଶରେ ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ ।

ତେଣୁ ତାଙ୍କ ନାମରେ ପ୍ରତିଷ୍ଠିତ ଏକ ମହାନ ଚିକିତ୍ସା ଅନୁଷ୍ଠାନରେ ତାଙ୍କ ଐତିହାସିକ ଅବଦାନକୁ ଯଥୋଚିତ ସମ୍ମାନ ଦିଆଯିବା ଆବଶ୍ୟକ । ମୟୂରଭଞ୍ଜର ଏହି ମହାନ ସନ୍ତାନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ । ତାଙ୍କ ନାମରେ ନାମିତ ଏସସିବି ମେଡିକାଲ କଲେଜ ଆଜି ଓଡ଼ିଶାର ଏକ ପ୍ରମୁଖ ଚିକିତ୍ସା ଅନୁଷ୍ଠାନ ଭାବେ ପରିଚିତ । ଏଭଳି ପରିସ୍ଥିତିରେ ଅନୁଷ୍ଠାନର ନୂତନ ରୂପାନ୍ତରଣ ସହ ତାଙ୍କର ଏକ ପୂର୍ଣ୍ଣାବୟ ପ୍ରତିମୂର୍ତ୍ତି ସ୍ଥାପନ କରାଗଲେ ଏହା କେବଳ ଜଣେ ମହାନ ବ୍ୟକ୍ତିତ୍ୱଙ୍କୁ ସମ୍ମାନ ନୁହେଁ, ବରଂ ଓଡ଼ିଶାର ଚିକିତ୍ସା ଶିକ୍ଷାର ଇତିହାସ ପ୍ରତି ମଧ୍ୟ ଏକ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତ ପ୍ରକାଶ ପାଇଛି ।

# ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ଖୋର୍ଦ୍ଧା ଜିଲ୍ଲା କାଇପଦର ଅଞ୍ଚଳର ବଳିଆ ଓରଫ ବଳରାମ ଯୁଝାର ସିଂ(୨୭) । ବଳିଆ ଜେସିବି ଡ୍ରାଇଭର ଭାବେ କାମ କରୁଥିବା ବେଳେ ପୀଡିତା ନାବାଳିକାଙ୍କ ଦୋକାନରୁ ଜିନିଷ ପତ୍ର ଆଣିବା ଭିତରେ ନାବାଳିକା ସହ ସମ୍ପର୍କ ଗଢି ଉଠିଥିଲା । ଏହାର ଫାଇଦା ନେଇ ବଳିଆ ଗତ ଜୁଲାଇ ୧୮ ତାରିଖ ସନ୍ଧ୍ୟାରେ ସମ୍ପୃକ୍ତ ନାବାଳିକାକୁ ଅପହରଣ କରି ନେଇଥିଲା । ଏନେଇ ନାବାଳିକାଙ୍କ ପରିବାର ଲୋକେ ବୁଗୁଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ ନଂ - ୩୫୩/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଏବେ କାଇପଦରସ୍ଥିତ ନିଜ ଘରୁ ବଳିଆକୁ ପୋଲିସ ଗିରଫ କରିବା ସହ ସମ୍ପୃକ୍ତ ନାବାଳିକାକୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଥିବା ବେଳେ ବଳିଆକୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି ।

# ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଟାଉନ ଥାନା ଅଞ୍ଚଳରେ ରହୁଥିବା ଜନୈକା ୧୩ ବର୍ଷର ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ହୋଇଥିଲା । ଅଭିଯୋଗ ପରେ ଘଟଣାର ତଦନ୍ତ କରି ପୋଲିସ ବୁଧବାର ଦିନ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଯୁବକ ଜଣକ ହେଲେ ଉକ୍ତ ଥାନା ଅଞ୍ଚଳର ହେମନ୍ତ ଦାସ (୩୭) । ପୋଲିସ ଗୁରୁବାର ଉଭୟ ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ଏମକେସିଜିରେ ଡାକ୍ତରୀ ମାଇନା କରିଛି । ମାମଲା ନଂ ୩୬୦/୨୬ରେ ହେମନ୍ତ ଦାସକୁ ସ୍ୱତନ୍ତ୍ର ପୋକ୍ସ କୋର୍ଟ ଚାଲାଣ କରିଛି । ଉଭୟ ପୀଡ଼ିତା ଓ ଅଭିଯୁକ୍ତ ଙ୍କ ପୋଷାକକୁ ଜୈବି ନମୁନା ସଂଗ୍ରହ କରିଛି । ସୂଚନାଯୋଗ୍ୟ ଟାଉନ ଥାନା ଅଞ୍ଚଳରେ ନାବାଳିକା ଜଣକ ଭିନ୍ନକ୍ଷମ ଥିବାବେଳେ ଗତକାଲି ସେ ଘରେ ଏକାକୀ ଥିବା ଜାଣି ଅଭିଯୁକ୍ତ ଜଣକ ଘର ଭିତରେ ପଶି ନାବାଳିକାଙ୍କୁ ବଳାତ୍କାର କରିଥିଲା । ନାବାଳିକା ଜଣକ ଚିତ୍କାର କରିବାରୁ ସାହିର କିଛି ଲୋକ ସେଠାକୁ ଆସୁଥିବା ଦେଖି ଅଭିଯୁକ୍ତ ଜଣକ ସେଠାରୁ ଖସିଯିବାକୁ ଚେଷ୍ଟା କରିଥିଲେ । ସ୍ଥାନୀୟ ଲୋକ ଅଭିଯୁକ୍ତକୁ କାବୁ କରି ପୋଲିସ ରେ ଜିମା ଦେଇଥିଲେ । ଶୁକ୍ରବାର ଦିନ ପୀଡ଼ିତାଙ୍କ କୋର୍ଟରେ ବୟାନ ରେକର୍ଡ କରାଯିବ ବୋଲି ପୋଲିସ କହିଛି ।

# ସ୍ୱାଧିନତା ଦିବସ ଉପଲକ୍ଷେ ବିଏସ୍ଏନ୍ଏଲ୍‌ର ଅଫର

ବ୍ରହ୍ମପୁର, (ସବ୍ୟୁ): ସ୍ୱାଧୀନତା ଦିବସ ଅବସରରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସଏନଏଲ) ପକ୍ଷରୁ ୩ଟି ନୂତନ ଅଫର ଓ ନୂଆ ଡିଜିଟାଲ ସେବା ଘୋଷଣା କରାଯାଇଛି । ବ୍ରହ୍ମପୁର ବିଏସଏନଏଲ ଟେଲିକମ୍ ଅପରେସନାଲ ଏରିଆ ପକ୍ଷରୁ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ କରାଯାଇ ଅଫରଗୁଡ଼ିକ ବିଷୟରେ ସୂଚନା ଦିଆଯିବା ସହ ଆଗାମୀ ୨୦୨୭ ସୁଧା ୧୧୧ଟି ଗ୍ରାମରେ ମୋବାଇଲ ନେଟୱାର୍କ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିବା କୁହାଯାଇଛି । ସ୍ୱାଧିନତା ଦିବସ ଉପଲକ୍ଷେ ବିଏସଏନଏଲ ପକ୍ଷରୁ ୧ ଟଙ୍କିଆ ଫ୍ରିଡମ ୨.୦ ଅଫର ଘୋଷଣା କରାଯାଇଛି । ନୂତନ ଗ୍ରାହକଙ୍କ ପାଇଁ ଏହି ଅଫର ଲାଗୁହେବ । ୨୪ ଦିନିଆ ବୈଧତା ସହ ଦୈନିକ ୧ ଜିବି ଡାଟା, ଅସିମୀତ ଭଏସ କଲ ରହିଛି । ସେହିପରି ୧୧୧୧ ଟଙ୍କାରେ ବିଏସଏନଏଲ ଫାଇବର ଫ୍ରିଡମ ପ୍ଲାନ ଘୋଷଣା କରାଯାଇଛି । ଏଥିରେ ୨୦୦ଏମବିପିଏସ ପର୍ଯ୍ୟନ୍ତ ଇଣ୍ଟରନେଟ୍ ସ୍ପିଡ୍, ୫୦୦୦ ଜିବି ମାସିକ ଡାଟା ଏବଂ ୨୫ରୁ ଅଧିକ ପ୍ରିମିୟମ୍ ଓଟିଟି ପ୍ଲାଟଫର୍ମର ଆକ୍ସେସ୍ ରହିଛି । ବିଏସଏନଏଲ ଏଣ୍ଟରଟେନମେଣ୍ଟ ଟିଭି ଟାଙ୍ଗେ ନାମକ ଏକ ପ୍ଲାନ ରହିଛି, ଯାହା ବିଭିନ୍ନ ଲାଇଭ୍ ଟିଭି ଚ୍ୟାନେଲ୍ ଓ ଅନ୍-ଡିମାଣ୍ଡ ମନୋରଞ୍ଜନ ସାମଗ୍ରୀ ମୋବାଇଲ୍ ଡିଭାଇସରେ ୍ର ଦେଖିବାର ସୁଯୋଗ ମିଳିବ । ଏହା ବ୍ୟତୀତ ବିଏସଏନଏଲ ପକ୍ଷରୁ ଗ୍ଲୋବାଲ ସାଟେଲାଇଟ ଫୋନ ସର୍ଭିସ (ଜିଏସପିଏସ) ପ୍ରଦାନ କରାଯାଉଛି । ପାରମ୍ପରିକ ମୋବାଇଲ୍ ନେଟୱର୍କ ଉପଲବ୍ଧ ନଥିବା ଦୁର୍ଗମ, ଭୌଗୋଳିକ ଭାବେ କଠିନ ଏବଂ ଯୋଗାଯୋଗ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳରେ ଏହି ସେବା ବିଶେଷ ଉପଯୋଗୀ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ବ୍ରହ୍ମପୁର ଅପରେସନାଲ ଏରିଆର ବରିଷ୍ଠ ମହାପ୍ରବନ୍ଧକ ବଳବୀର ସିଂ ସୂଚନା ଦେଇଥିଲେ । ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ମହାପାତ୍ର, ବିତ୍ତ ପରିଚାଳକ ବିଭୁପ୍ରସାଦ ରାଜଗୁରୁ ସମେତ ଏକାଧିକ ସହକାରୀ ମହାପ୍ରବନ୍ଧକ ଉପସ୍ଥିତ ଥିଲେ । "ଆତ୍ମନିର୍ଭର ଭାରତ' ଓ "ଡିଜିଟାଲ ଇଣ୍ଡିଆ' ଅଭିଯାନ ସହ ସମନ୍ୱୟ ରଖି ଦେଶରେ ଡିଜିଟାଲ ସଂଯୋଗକୁ ଆହୁରି ସୁଦୃଢ଼ କରିବା ଦିଗରେ ବିଏସଏନଏଲ କାର୍ଯ୍ୟ କରୁଛି । ବ୍ରହ୍ମପୁର ଅପରେସନାଲ ଏରିଆରେ ଟେଲିକମ୍ ଭିତ୍ତିଭୂମି ବିକାଶ ପାଇଁ ମଧ୍ୟ ଅନେକ ପଦକ୍ଷେପ ନିଆଯାଇଛି । ୩୬୨ ଗୋଟି ଫୋର ଜି ବିଏସଏନଏଲ ଟାଓ୍ୱାର ସ୍ଥାପନ କରାଯାଇଥିବା ବେଳେ ପୂର୍ବରୁ ଥିବା ଅନ୍ୟ ୩୦୦ ଟି ଟାଓ୍ୱାରକୁ ଅପଗ୍ରେଡ କରାଯାଇଛି । ଡିଜିଟାଲ ଭାରତ ନିଧୀ ଯୋଜନା ଅଧିନରେ ୨୬୪ଟି ଟାୱାର ନିର୍ମାଣ ହୋଇଛି । ଏହି ପ୍ରକଳ୍ପ ଅଧିନରେ ଆଉ ୧୧୧ଟି ଗ୍ରାମରେ ଫୋରଜି ଟାୱାର ସ୍ଥାପନ ପାଇଁ ଯୋଜନା ରହିଛି ବୋଲି ସୂଚନା ଦିଆଯାଇଥିଲା । ଭାରତ ନେଟ୍ କାର୍ଯ୍ୟକ୍ରମ ଜରିଆରେ ସମସ୍ତ ଗ୍ରାମ ପଞ୍ଚାୟତକୁ ଓଏଫସି ରିଙ୍ଗ୍ ଟପୋଲୋଜି ସହ ସଂଯୋଗ କରାଯିବା ସହ ସମସ୍ତ ଗାଁକୁ ରୁରାଲ ଏଫଟିଟିଏଚ ସୁବିଧା ଯୋଗାଇବାର ଲକ୍ଷ୍ୟ ରହିଛି ।



# ପୁଣି ଗାଁରେ ପଶିଲା ବନ୍ୟାଜଳ



ମଙ୍ଗଳପୁର, (ସବ୍ୟୁ) : ବୈତରଣୀ ନଦୀର ଉପରମୁଣ୍ଡରେ ସୃଷ୍ଟ ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ଯାଜପୁର ଜିଲ୍ଲାରେ ପୁନର୍ବାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଆଖୁଆପଦାଠାରେ ବୈତରଣୀ ନଦୀର ବିପଦ ସଙ୍କେତ ୧୮.୩୩ ମିଟର ରହିଥିବା ବେଳେ ସକାଳ ୮ଟା ସୁଦ୍ଧା ଜଳସ୍ତର ୧୯.୩୭ ମିଟରରେ ପ୍ରବାହିତ ହେଉଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୧୯.୬୩ ମିଟରରେ ପ୍ରବାହିତ ହେଉଛି । ଫଳରେ ଜିଲ୍ଲାର ଦଶରଥପୁର ବ୍ଲକର ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି । ତୃତୀୟ ବନ୍ୟାର ମାତ୍ର କେଇଟା ଦିନ ପରେ ପୁଣି ଚତୁର୍ଥ ବନ୍ୟା ଜଳ ଆସି ଗାଁ ରେ ପଶିଲାଣି । ମାତ୍ର ଗତ ଜୁଲାଇ ୨୯ ତାରିଖରେ ବୈତରଣୀ ଶାଖା କାଣୀ ନଦୀ ତରପଦା ପଞ୍ଚାୟତ ଡୋଭିଲ - ପାଟଣା ଠାରେ ୨ ଟି ଘାଇ ହୋଇଥିଲା । ଗତ କାଲି ବୈତରଣୀ ନଦୀରେ ଚତୁର୍ଥ ବନ୍ୟା ଆସିବା ପରେ ଘାଇ ହୋଇଥିବା ସ୍ଥାନରେ ଅର୍ଦ୍ଧ ମରାମତି କରାଯାଇଥିବା ଘାଇରୁ ଗାଁ କୁ ବନ୍ୟା ଜଳ ପ୍ରବେଶ କରୁଛି । ଫଳରେ ବର୍ତ୍ତମାନ ସୁଧା କସପା, ତରପଦା, ମଲ୍ଲୀକାପୁର, ଜୟନ୍ତରା, ଶୁଶୁଆ ଆଦି ପଞ୍ଚାୟତଗୁଡ଼ିକ ଗାଁ ରେ ବନ୍ୟା ଜଳ ପ୍ରବେଶ କରିସାରିଲାଣି । ଅହିୟାସ ବଜାରରେ ମଧ ବନ୍ୟା ଜଳ ପ୍ରବେଶ କରିସାରିଲାଣି । ଯାହାକି ବିପନ୍ନଙ୍କ ଦୁଃଖ ଆହୁରି ବଢ଼ାଇଦେଇଛି । ତୃତୀୟ ବନ୍ୟାରେ ବିପନ୍ନ ଘରକୁ ଫେରି ନଥିବା ବେଳେ ପୁଣି ଚତୁର୍ଥ ବନ୍ୟା ଚିନ୍ତାର କାରଣ ପାଲଟିଛି । ବନ୍ୟା ପରିସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତିର ଅନୁଧ୍ୟାନ ଓ ସମୀକ୍ଷା କରିଛନ୍ତି । ସେ ନିଜେ ଉପସ୍ଥିତ ରହି ଉଦ୍ଧାର ଓ ରିଲିଫ କାର୍ଯ୍ୟର ପ୍ରତ୍ୟକ୍ଷ ତଦାରଖ କରିବା ସହ ପ୍ରଭାବିତଙ୍କୁ ତୁରନ୍ତ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କର୍ମଚାରୀଙ୍କୁ ସଜାଗ ଓ ହାଇଆଲର୍ଟରେ ରହିବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

# ୧୦ ଜୁଆଡି ଗିରଫ: ୩ ବାଇକ ସହ ୮୪ ହଜାର ଜବତ

କୁଜଙ୍ଗ ,(ସବ୍ୟୁ) : ପାନପଲ୍ଲୀ ଗ୍ରାମରେ ଦୀର୍ଘଦିନ ହେବ ଚାଲୁଥିବା ଏକ ବେଆଇନ ଜୁଆ ଆଡ଼ା ଉପରେ ଚଢାଉ କରି କୁଜଙ୍ଗ ପୋଲିସ ବଡ ସଫଳତା ପାଇଛି । ଦୀର୍ଘ ପାଞ୍ଚ ବର୍ଷ ରୁ ଉର୍ଦ୍ଧ ହେବ ଏଠାରେ ବେଆଇନ ଜୁଆ ଖେଳ ଚାଲିଥିଲା । କୌଣସି ସୂତ୍ର ରୁ ଏହି ଖବର ପାଇ କୁଜଙ୍ଗ ପୋଲିସ ବେଶ ଚତୁରତାର ସହ ଏହି ଆଡା ଉପରେ ଚଢାଉ କରିଥିଲା । ଗାଁ କୁ ପୋଲିସ ଯିବାକୁ ଜୁଆ ଖେଳ ର ମାଷ୍ଟର ମାଇଣ୍ଡ ସତର୍କତା ଅବଲମ୍ବନ କରୁଥିଲେ । ପୋଲିସ ଗାଡିରେ ଯିବା ମାତ୍ରେ ବିଭିନ୍ନ ସ୍ଥାନ ରେ ରହୁଥିବା ଯୁବକ ମାନେ ଏ ସମ୍ପର୍କ ରେ ଖବର ଦେଇଦେଉଥିଲେ । ଫଳରେ ଆଡ଼ା ଛାଡ଼ି ଜୁଆ ଖେଳାଳି ମାନେ ପଳାଇ ଯାଉଥିଲେ । ଏଥର କିନ୍ତୁ କୁଜଙ୍ଗ ଥାନା ଆଇ ଆଇ ସି ଶିବାଶିଷ ଦାସ ଏକ ନୂଆ ଫର୍ମୁଲା ତିଆରି କଲେ । ପୋଲିସ ଫଉଜ ସହ ସେ ଅତର୍କିତ ଭାବରେ ଘଟଣା ସ୍ଥଳ ରେ ପହଞ୍ଚିଲେ । ସବୁ ପୋଲିସ ସାଧା ପୋଷାକ ରେ ଗାଁ ଭିତରେ ଥିବା ବିଭିନ୍ନ ଦିଗ ରୁ ଏହି ଜୁଆ ଆଡ଼ା ଚାଲିଥିବା ଘର ଉପରେ ରାତି ୮.୩୦ ବେଳେ ଅତର୍କିତ ଭାବେ ଚଢ଼ାଉ କରିଥିଲେ । ଘଟଣା ସ୍ଥଳରୁ ଦଶ ଜଣ ଯୁବକଙ୍କୁ ଗିରଫ କରିଥିଲେ । ଏହି ଘରଟି ହେଉଛି ଗୋପୀନାଥ ବେହେରାଙ୍କର ବୋଲି ଜଣାପଡ଼ିଛି । ଘଟଣା ସ୍ଥଳରେ ଦଶ ଜଣ ଯୁବକ ଜୁଆ ଖେଳୁଥିଲେ । ସମସ୍ତେ ଧରାପଡ଼ିଛନ୍ତି । ସେମାନଙ୍କ ଠାରୁ ଚଉରାଅଶୀ ହଜାର ଟଙ୍କା, ତିନିଟି ବାଇକ, ଦଶଟି ମୋବାଇଲ, ଦଶ ଟି ମନି ପର୍ସ ଜବତ ହୋଇଛି । ଦୀର୍ଘ ବର୍ଷ ହେବ ବିଭିନ୍ନ ସ୍ଥାନ ରୁ ଆସୁଥିବା ଯୁବକମାନେ ଏଠାରେ ଜୁଆ ଖେଳୁଥିଲେ ମଧ ଗ୍ରାମବାସୀ ମାନେ ଅତି ବ୍ୟସ୍ତ ହୋଇପଡ଼ିଥିଲେ । ଏ ସମ୍ପର୍କ ରେ ପୋଲିସ ଏକ ମକଦ୍ଦମା ରୁଜୁ କରିଛି । ୧୯୮ ନମ୍ବର ମକଦ୍ଦମା ରେ ଗିରଫ ହୋଇଥିବା ଯୁବକ ମାନେ ହେଲେ ସୁକାନ୍ତ କୁମାର ବେହେରା, ସ୍ମୃତି ରଞ୍ଜନ ବିଶ୍ୱାଳ, ଶିବବ୍ରତ ରାଉତ, ହୃଷୀକେଶ ବେହେରା, ରାଜକିଶୋର ସଓ୍ୱାଇଁ, ବେଣୁଧର ପାଣି, ସହଦେବ ବେହେରା, ସୁଶାନ୍ତ ଦାସ, ସାଗର ଦାସ, ଯୁମର ବେହେରା ବୋଲି ଜଣାପଡିଛି । ରାଜକିଶୋର ସ୍ୱାଇଁ ଏହି ଜୁଆ ଆଡ଼ା ର ମୁଖ୍ୟ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି । ପାନପଲ୍ଲୀ ଗ୍ରାମ ର ଜଣେ ସହକାରୀ ଶିକ୍ଷକ ଏଥିରେ ସମ୍ପୃକ୍ତ ଥିଲେ ବୋଲି ଜଣାପଡ଼ିଛି । ଜବତ ହୋଇଥିବା ବାଇକ ନମ୍ବର ହେଉଛି ଓ ଡି ୨୧ ଆର ୬୩୧୬, ଓ ଆର୦୫ ଏ ଏମ ୫୩୭୮, ଓ ଡି ୨୧ ଏଚ ୬୫୨୧ । ଗିରଫ ଯୁବକ ମାନଙ୍କୁ କୁଜଙ୍ଗ ବିଚାର ବିଭାଗୀୟ ଅଦାଲତ କୁ ପଠାଯାଇଛି । ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହୋଇଛି । ଅପରାଧୀ ମାନଙ୍କ ବିରୋଧ RE ୧୨୬(୨), ୧୧୫ (୨), ୨୯୬, ୧୩୨, ୧୧୧ (୨), ୧୧୧(୩), ୧୨୫, ୧୨୧(୧), ୧୨୧(୨), ୩୫୨, ୧୧୨(୨), ୩୫୧(୩), ୩(୫), ବି ଏନ ଏସ ୧୯୫୫ ମସିହା ବେଆଇନ ଜୁଆ ଆଡ଼ା ଅପରାଧରେ ମକଦ୍ଦମା ରୁଜୁ କରାଯାଇଛି । ଆୟୋଜିତ ଏକ ସାମଓ୍ୱାଦିକ ସମ୍ମିଳନୀ ରେ ର୍ତିଓ୍ୱୋଲ ଏସଡିପିଓ ଅଜି କୁମାର ଦାସ, କୁଜଙ୍ଗ ଆଇଆଇ ସି ଶିବାଶିଷ ଦାସ ଘଟଣା ସମ୍ପର୍କ ରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ ।

# ବାହ୍ମଣୀ ନଦୀରେ ସମ୍ଭାବ୍ୟ ବନ୍ୟାକୁ ନେଇ ଲୋକେ ଆତଙ୍କିତ

ଧର୍ମଶାଳା,(ସବ୍ୟୁ) : ବ୍ରାହ୍ମଣୀ ନଦୀରେ ସମ୍ଭବ୍ୟ ବନ୍ୟାକୁ ନେଇ ନଦୀ କୂଳରେ ବସବାସ କରୁଥିବା ପରିବାର ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ଚଳିତ ବର୍ଷ ବ୍ରାହ୍ମଣୀ ନଦୀରେ ବନ୍ୟା ଆସି ତଳିଆ ଅଂଚଳ ବରୀ ବ୍ଲକରେ ଘାଇ ସୃଷ୍ଟି ହୋଇଥିବା ବେଳେ ଧର୍ମଶାଳା ବ୍ଲକର ଅନେକ ଗାଁ ଓ ଚାଷ କ୍ଷେତ ଜଳମଗ୍ନ ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏବେ ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ବନ୍ୟା ଆସିଛି। ଯାହାକି ପୁର୍ବ ବନ୍ୟା ଅପେକ୍ଷା ବଡଧରଣର ବନ୍ୟା ହେବ ବୋଲି ଆଶଙ୍କା କରାଯାଉଛି। ଗତ ଥର ସମଲ ବ୍ୟାରେଜର ୮ ଗୋଟି ଓ ରେଙ୍ଗାଲିର ଗୋଟଏ ଗେଟ ଖୋଲାଯାଇଥିବା ବେଳେ ବନ୍ୟାଜଳ ବିପଦ ସଙ୍କେତର ବହୁ ଉପରେ ପ୍ରବାହିତ ହୋଇ ତଳିଆ ଅଂଚଳରେ ବହୁ କ୍ଷତି ଘଟାଇଥିଲା। ଉପରମୁଣ୍ଡରେ ଅଧିକ ବର୍ଷା ହୋଇଥିବାରୁ ବନ୍ୟାଜଳକୁ ନିୟନ୍ତ୍ରଣ କରିବା ଲାଗି ସମଲ ବ୍ୟାରେଜର ୧୩ ଗୋଟି ଗେଟ ଓ ରେଙ୍ଗାଲି ଡ୍ୟାମର ଦୁଇ ଗୋଟି ଗେଟ ଖୋଲିଦିଆଯାଇଛି। ଫଳରେ ବ୍ରହ୍ମଣୀ ଓ ଏହାର ଶାଖା ନଦୀ ଗୁଡିକରେ ଜଳପତନ ବୃଦ୍ଧି ପାଇବାରେ ଲାଗିଛି। ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ସନ୍ଧ୍ୟା ୬ଟା ସୁଦ୍ଧା ୬୨.୫୦ ଫୁଟ ରହିଥିବା ବେଳେ ଏଠାରେ ବିପଦ ସଙ୍କେତ ୬୭ ଫୁଟ ରହିଛି। ଆସନ୍ତାକାଲି ଭୋର ସୁଦ୍ଧା ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେବ ବୋଲି ଆଶଙ୍କା କରାଯାଇଛି। ବ୍ରାହ୍ମଣୀ ନଦୀ ଓ ଏହାର ଶାଖା ନଦୀ କୂଳରେ ବସବାସ କରୁଥିବା ଲୋକମାନଙ୍କୁ ସତର୍କ ହୋଇ ରହିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଗତ ବନ୍ୟାରେ ରେଙ୍ଗାଲିର ଗୋଟିଏ ଖୋଲାଯାଇଥିବା ବେଳେ ଏଥର ଡ୍ୟାମର ଦୁଇଗୋଟି ଗେଟ ଖୋଲାଯାଇଥିବା ଜଣାଯାଇଛି।

# ତ୍ରିରଙ୍ଗା ଶୋଭାଯାତ୍ରା : ସାମିଲ ହେଲେ ସବୁ ବର୍ଗର ଲୋକ



ଚଣ୍ଡିଖୋଲ,(ସବ୍ୟୁ) ଦେଶ ସ୍ୱାଧୀନତାର ୮୦ତମ ବର୍ଷ ତଥା ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଦେଶବ୍ୟାପୀ 'ହର ଘର ତ୍ରିରଙ୍ଗା' ଶୋଭାଯାତ୍ରା ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ଯାଜପୁର ଜିଲ୍ଲାର ବଡ଼ଚଣା ବିଜେପି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ଶୋଭାଯାତ୍ରାରେ ସବୁ ବର୍ଗର ଲୋକେ ସାମିଲ ହୋଇଥିଲେ । ବଡଚଣା ବ୍ଲକ ଅନ୍ତର୍ଗତ ପାଞ୍ଚଟି ମଣ୍ଡଳର ସମ୍ମିଳିତ ତ୍ରିରଙ୍ଗା ଶୋଭାଯାତ୍ରାରେ ବଡ଼ଚଣା ବିଧାୟକ ଅମରକୁମାର ନାୟକ ଯୋଗଦେଇ ଦେଶ ମାତୃକା ପାଇଁ ସମସ୍ତେ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ । ଏଥିରେ ବଡ଼ଚଣା ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି,ଉପାଧ୍ୟକ୍ଷ ବିଭାସଚନ୍ଦ୍ର ନନ୍ଦ, ଯାଜପୁର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶର ବରାଳ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ,ଯତିନ୍ଦ୍ରପ୍ରସାଦ ନାୟକଙ୍କ ସହ ସମସ୍ତ ମଣ୍ଡଳ ସଭାପତି ଓ ପ୍ରମୁଖ ବିଜେପି ନେତା ମାନେ ଯୋଗଦେଇ ଭାରତ ମାତାଙ୍କ ଜୟଗାନ କରିଥିଲେ । ଏହି ଶୋଭାଯାତ୍ରା ବଡଚଣା ବଜାର ଆରମ୍ଭ ହୋଇ ଖଏରା,ବୈରୀ, ଚମ୍ପାପୁର,ଛତିଆ ଦେଇ ଚମ୍ପାପୁର ହାଟ ପର୍ଯ୍ୟନ୍ତ ଯାଇଥିଲା । ସେହିପରିଅପରାହ୍ନରେ ଓଲାଶୁଣୀ ଓ ବାଲିଚନ୍ଦ୍ରପୁର ମଣ୍ଡଳ ପକ୍ଷରୁ ପତରାଜପୁର ଓ ଭରତପୁର ଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

# ଅଟଳ ସେନା ପକ୍ଷରୁ ଦେବେନ୍ଦ୍ର ମହାପାତ୍ରଙ୍କ ଶ୍ରାଦ୍ଧ ଦିବସ ପାଳିତ




ସାଲେପୁର,(ସବ୍ୟୁ) : ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହପ୍ରାନ୍ତ କାର୍ଯ୍ୟବାହ ଓ ଓଡ଼ିଶା ବିଜେପିର ମୁଖ୍ୟ ବିନ୍ଧାଣୀ ସ୍ୱର୍ଗତ ଦେବେନ୍ଦ୍ର କୁମାର ମହାପାତ୍ରଙ୍କର ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ସାଲେପୁରସ୍ଥ ଶାରଳା ମଣ୍ଡପ ଠାରେ ଅଟଳ ସେନାର ଉପଦେଷ୍ଟା ପ୍ରଫେସର୍ ଦୀନବନ୍ଧୁ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବକୁ ବିଜେପି ବାର୍ତ୍ତାର ସମ୍ପାଦକ ଡଃ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଯୋଗ ଦେଇ ତାଙ୍କୁ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହପ୍ରାନ୍ତ ବୌଦ୍ଧିକ ପ୍ରମୁଖ ବିଶ୍ୱମ୍ବର ପାଣି ଓଡ଼ିଶାରେ ସଙ୍ଘର ବିବିଧ କ୍ଷେତ୍ର ସହ ବିଜେପିକୁ ଶୂନ୍ୟରୁ ଶୀର୍ଷ ସ୍ଥାନ ପର୍ଯ୍ୟନ୍ତ ନେବାରେ ତାଙ୍କର ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ବିଶିଷ୍ଟ ଅତିଥି ଭାବରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ତାଙ୍କୁ ମାହାଙ୍ଗା ମାଟିର ଏକ ଅନ୍ୟତମ ବରପୁତ୍ର ହିସାବରେ ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥି ଭାବରେ ବିଜେପି ରାଜ୍ୟ ସମ୍ପାଦକ ସରୋଜ କୁମାର କର ଓ ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନ ତାଙ୍କର ସ୍ମୃତଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଟଳ ସେନା ଚିନ୍ତନ ପରିଷଦ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାପାତ୍ର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କଟକ ବିଭାଗ ସଂଘ ଚାଳକ ଡଃ ଗୌତମ ମହାରଣା, ବିଜେପି ରାଜ୍ୟକାର୍ଯ୍ୟକାରିଣୀ କମିଟି ସଭ୍ୟ ଭୁବନ ମୋହନ ଜେନା, ଚିନ୍ତନ ପରିଷଦ ଉପାଧ୍ୟକ୍ଷ ଡଃ ପ୍ରଭାତ କିଶୋର ନାୟକ, ସଙ୍ଗଠନ ସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ବିପିନ ବିହାରୀ କର,ଲକ୍ଷ୍ମୀ ନାରାୟଣ ନାୟକ, ତାପସ ରଞ୍ଜନ ତ୍ରିପାଠୀ, ସ୍ନେହଲତା ସିଂହ, ବିଜୟିନୀ ନାୟକ, ଜଗବନ୍ଧୁ ପ୍ରଧାନ, ଉପାଧ୍ୟକ୍ଷ ଗୌତମ ରାୟ ଚୌଧୁରୀ, ଅଶୋକ କୁମାର ସ୍ୱାଇଁ, କୁମାର ଜାନୁ ରାଉତ, ଗୋଲଖ ବେହେରା, ଧ୍ରୁବାନନ୍ଦ ଶରଣ, ଅନନ୍ତ ଦାସ, ଝରି ସୁନ୍ଦର୍ ମଲ୍ଲିକ, ଭିକାରୀ ଚରଣ ବେହେରା, ଇଂ ଅମୀୟ କୁମାର ଦାସ, ବିପିନ ବିହାରୀ କର, ମିତାରାଣୀ ରାଉି, ନିର୍ମଳେନ୍ଦୁ ଦାସ, ପ୍ରବୀର ଚନ୍ଦ୍ର ଦାସ,ଆଶୀର୍ବାଦ ସିଂହ, ତପନ କୁମାର ଭୂୟାଁ, ବିଦ୍ୟୁ ଲତା ମନ୍ତ୍ରୀଙ୍କ ସମେତ ଅନେକ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଚନ୍ଦ୍ରମଣୀ ଭୂୟାଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ କୋଷାଧ୍ୟକ୍ଷ ପ୍ରଦୀପ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ସ୍କୁଲ ବ୍ୟାଗରେ ବନ୍ଧୁକ ,ପୋଲିସର ଖୋଳତାଡ଼

ପାରାଦୀପ/ନାଉଗାଁ,( ଜି ପ୍ର/ସବ୍ୟୁ ) :ଛାତ୍ରଙ୍କ ସ୍କୁଲ ବ୍ୟାଗ ଭିତରେ ବନ୍ଧୁକ ସନ୍ଦେହରେ ଖୋଳତାଡ଼ ସ୍କୁଲ କର୍ତ୍ତୃପକ୍ଷ ସ୍ଥାନୀୟ ଥାନାକୁ ଖବର ଦେବାପରେ ଘଟଣାସ୍ଥଳରେ ପୋଲିସ ପହଂଚି ଛାନଭିନ ଆରମ୍ଭ କରିଛି । ଏଭଳି ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ସର୍ବ ପୁରାତନ ଅଲଣାହାଟ ଉଚ୍ଚ ବିଦ୍ୟାଳୟରେ । ଜୈନିକ ନବମ ଶ୍ରେଣୀ ଛାତ୍ରଙ୍କ ବ୍ୟାଗ ଭିତରେ ଏକ ବନ୍ଧୁକ ଥିବା ନେଇ ସାଥି ସହପାଠୀ ମାନେ ଶିକ୍ଷକଙ୍କୁ କହିଥିଲେ । ଶିକ୍ଷକ ଏହି ଘଟଣା ଜାଣିବାପରେ ସ୍ଥାନୀୟ ନାଉଗାଁ ପୋଲିଶକୁ ତୁରନ୍ତ ଖବର ଦେବାପରେ ପୋଲିସ ଆସି ସ୍କୁଲ ପରିସର ମଧ୍ୟରେ ପହଂଚି ତନଖି ଆରମ୍ଭ କରିଥିଲା । ସମ୍ପୃକ୍ତ ଛାତ୍ରଙ୍କ ବ୍ୟାଗ ଭିତରୁ ଏକ ବନ୍ଧୁକ ବାହାରିବା ପରେ ଏହାର ଯାଞ୍ଚ ପରେ ଏହା ବନ୍ଧୁକ ଆକୃତିର ନକଲି ଓ ଏହା ଏକ ଲାଇଟର ବୋଲି ଜଣାପଡିଛି । ତେବେ କିଭଳି ଏହି ଛାତ୍ର ଜଣଙ୍କ ସ୍କୁଲ ବ୍ୟାଗ ଭିତରେ ବନ୍ଧୁକ ଆକୃତିର ଏହି ଲାଇଟରକୁ ଆଣି ସ୍କୁଲ ଆସିଛନ୍ତି , ସେନେଇ ବିଦ୍ୟାଳୟ ପରିଚାଳନା ବୈଠକ ତୁରନ୍ତ ଡକାଯିବ । ସହ

# ତିନିମୁହାଣୀରୁ ପୁରୁଣାବସଷ୍ଟାଣ୍ଡ ତ୍ରିରଙ୍ଗା ଶୋଭାଯାତ୍ରା

କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ବିଜେପି ପକ୍ଷରୁ କେନ୍ଦ୍ରାପଡା କଲେଜ ପଡିଆରୁ ପୁରୁଣାବସଷ୍ଟାଣ୍ଡ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଯଶସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସାରାଦେଶରେ ଦେଶପ୍ରତି ବୀର ମହାପୁରୁଷଙ୍କ ବଳିଦାନକୁ ମନେପକାଇବା ତଥା ନାଗରିକମାନଙ୍କ ମଧ୍ୟରେ ସ୍ୱଦେଶପ୍ରୀତିର ଜାଗ୍ରତ କରାଇବା ଆଭିମୁଖ୍ୟ ନେଇ ଏହି ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା କଲେଜ ପଡିଆରୁ ପୁରୁଣା ବସଷ୍ଟାଣ୍ଡ ତ୍ରିରଙ୍ଗାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରାଟି ତିନିମୁହାଣୀ, କଜଳା, ମହିପାଳ, ନୂଆ ବସଷ୍ଟାଣ୍ଡ, କାକଟ ଛକ, ବଡହାଟ ଆଦି ସହରାଚଁଳ ଛକ ଅତିକ୍ରମ କରି ପୁରୁଣା ବସଷ୍ଟାଣ୍ଡରେ ଶେଷ ହୋଇଥିଲା । ଦେଶପ୍ରତି ତ୍ୟାଗ ବଳିଦାନ ଦେଇଥିବା ବୀର ମହାପୁରୁଷଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, କେନ୍ଦ୍ରାପଡା ଜିଲ୍ଲା ବିଜେପି ସଭାପତି ଶସାଙ୍କ ଶେଖର ସେଠୀ, ଜିଲା ବିଜେପି ସାଧାରଣ ସଂପାଦକ ଅମିତାଭ ସୂଆର, ଭାରତଭୂଷଣ ଦାସ, ଅଭିମନ୍ୟୁ ଗୋଛାୟତ, ଜିଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତ୍ସ୍ନାରନୀ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଗୀତାଞ୍ଜଳୀ ସେଠୀ ପ୍ରମୁଖ ଏହି ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ । ଶୋଭାଯାତ୍ରାରେ କେନ୍ଦ୍ରାପଡା ମହାବିଦ୍ୟାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ବର୍ଷାରେ ଧୋଇଗଲା ତଳିଘେରା , ଜୀବନ ହାରିଲେ ଚାଷୀ

ପାରାଦୀପ,( ଜିପ୍ର ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକରେ ଚାଷୀ ଆତ୍ମହତ୍ୟା ଅଭିଯୋଗ । ବିଲରେ ଥିବା ତଳି ଘେରା ଧୋଇ ଯିବାରୁ ଜଣେ ଯୁବ ଚାଷୀ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗ ଆସିଛି । ଏହି ବ୍ଲକ କଣିଆ ଗ୍ରାମର ଚାଷୀ ସ୍ମୃତି ରଞ୍ଜନ ସ୍ୱାଇ ( ୪୬) ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି । ସ୍ମୃତି ରଞ୍ଜନ ଓରଫ ତପୁ ଚାଷ କାମ କରି ନିଜେ ଚଳେ । ଚଳିତ ସିଜିନରେ ଧାନ ଚାଷ ପାଇଁ ତଳି ପକାଇ ଥିଲେ । କିନ୍ତୁ ଲଘୁଚାପ ଜନିତ ବର୍ଷାରେ ଦୁଇ ଥର ତଳି ଧୋଇ ଯିବା ସହିତ, ଯେଉଁ ତଳି ବଞ୍ଚିଥିଲା, ସେ ସବୁକୁ ଷ,, ଖାଇ ଯାଇଥିଲା । ଯାହାକୁ ନେଇ ଯୁବ ଚାଷୀ ସ୍ମୃତି ଓରଫ ତପୁ ଆତ୍ମହତ୍ୟା କରିଥାଇ ପାରେ ବୋଲି ସ୍ଥାନୀୟ ଅଞ୍ଚଳର ଲୋକମାନେ କହୁଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ମୁତାବକ ସ୍ମୃତି ଓରଫ ତପି ଗତ ୭ଦିନ ତଳେ ତଳି ବିଲ ଦେଖିବାକୁ ଯାଇଥିବା ବେଳେ ବିଲରେ ବସି କାନ୍ଦୁ ଥିବା ସ୍ଥାନୀୟ ଚାଷୀ ମାନେ ପ୍ରକାଶ କରିଛନ୍ତି । କିନ୍ତୁ ସେହି ଦିନ ଠାରୁ ସ୍ମୃତି ଓରଫ ତପୁ ଆଉ ଘରୁ ବାହାରି ନଥିଲା । ଗତକାଲି ସନ୍ଧ୍ୟା ସମୟରେ ପଡୋଶୀ ଘର ଭିତରୁ ଦୁର୍ଗନ୍ଧ ବାହାରିବା ଜାଣିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ସ୍ଥାନୀୟ ବାଲିକୁଦା ଥାନାକୁ ଜଣାଇ ଥିଲେ, କିନ୍ତୁ ସନ୍ଧ୍ୟା ହୋଇଯାଇଥିବାରୁ ଘର ଖୋଲା ଯାଇ ପାରି ନଥିଲା । ଆଜି ମିଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଘର ଖୋଲା ଯାଇଥିବା ବେଳେ ସ୍ମୃତି ଓରଫ ତପୁ ଫ୍ୟାନ ହୁକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖା ଯାଇଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଗତ ୨୦୧୪ ମସିହା ଡିସେମ୍ବର ମାସ ୩୧ ତାରିଖରେ ଏହି ବାଲିକୁଦା ବ୍ଲକ ତଣ୍ଡିକୁଳ ପଂଚାୟତ ସାରେଣା ଗ୍ରାମର ଯୁବ ଚାଷୀ କୃତିବାସହ ସାମଲ ମଧ ଚାଷ ପାଇଁ ଆତ୍ମହତ୍ୟା କରିଥିଲେ ।

# ପ୍ରଧାନଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ ଗିରଫ ନହେଲେ ସ୍କୁଲ ବନ୍ଦ , ବ୍ଲକ ଘେରାଉ

ବିଞ୍ଝାରପୁର, (ସବ୍ୟୁ) :ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବରୁଣେଇ ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆର୍ତ୍ତବନ୍ଧୁ ସାହୁଙ୍କ ଉପରେ ହୋଇଥିବା ସଂଘାତିକ ମରଣାନ୍ତକ ଆକ୍ରମଣ ଘଟଣା ଏବେ ସମଗ୍ର ବ୍ଲକର ଶିକ୍ଷକ ମହଲରେ ତୀବ୍ର ଅସନ୍ତୋଷ ଓ ଆଶଙ୍କାର ବାତାବରଣ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଦିନ ଜଣେ ଦୁର୍ବୃତ୍ତ ପ୍ରଧାନଶିକ୍ଷକଙ୍କୁ ସଂଘାତିକ ଭାବେ ଆକ୍ରମଣ କରିଥିଲେ । ଘଟଣାକୁ ତିନି ଦିନ ବିତିଯାଇଥିଲେ ସୁଦ୍ଧା ଅଭିଯୁକ୍ତ ବ୍ୟକ୍ତି ଗିରଫ କରାଯାଉଥିବା ବେଳେ ଖୁଲମଖୁଲା ବୁଲୁଥିବା ଅଭିଯୋଗ ହୋଇଛି । ଏଭଳି ସ୍ଥିତି ଯୋଗୁଁ ଅଞ୍ଚଳରେ କାର୍ଯ୍ୟରତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିରାପତ୍ତା ଓ ସୁରକ୍ଷା ପ୍ରତି ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି । ଏହି ସଂକ୍ରାନ୍ତରେ ଗତ ଅଗଷ୍ଟ ୧୨ ତାରିଖରେ ବିRାରପୁର ଥାନାରେ ଏକ ଲିଖିତ ଏତଲା କରାଯାଇଥିଲା । ମାତ୍ର ଏତଲା ଦିଆଯିବାର ଦୁଇ ଦିନ ପରେ ମଧ୍ୟ ପୋଲିସ ଦ୍ୱାରା କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଶିକ୍ଷକ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି । ଏହି ଘଟଣାର ପ୍ରତିବାଦରେ ଶୁକ୍ରବାର ଦିନ ବିRାରପୁର ପ୍ରାଥମିକ ଶିକ୍ଷକ ସଂଘ ଏବଂ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ବିRାରପୁର ବ୍ଲକ ଶାଖାର ଏକ ପ୍ରତିନିଧି ଦଳ ବିRାରପୁର ଥାନା ଆଇ.ଆଇ.ସି.ଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସଂଘର ସଭାପତି ରବିନାରାୟଣ ସାହୁ ଓ ସମ୍ପାଦକ ସୁବାସ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଦିଆଯାଇଥିବା ଏହି ଦାବିପତ୍ରରେ ସ୍ପଷ୍ଟ ଚେତାବନୀ ଦିଆଯାଇଛି ଯେ, ଆସନ୍ତା ଅଗଷ୍ଟ ୨୦ ତାରିଖ ମଧ୍ୟରେ ଯଦି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାନଯାଏ, ତେବେ ସଂଘ ବାଧ୍ୟହୋଇ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ । ସଂଘର ନିଷ୍ପତ୍ତି ଅନୁଯାୟୀ, ଦାବି ପୂରଣ ନହେଲେ ଅଗଷ୍ଟ ୨୦ ପରେ ବିRାରପୁର ବ୍ଲକର ସମସ୍ତ ପ୍ରାଥମିକ ବିଦ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରଖାଯିବା ସହ ବ୍ଲକର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ବ୍ଲକ ଫାଟକ ସମ୍ମୁଖରେ ଗଣଧାରଣାରେ ବସିବେ। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଓ ସମ୍ପାଦକଙ୍କ ବ୍ୟତୀତ ବହୁ ଶିକ୍ଷକ ପ୍ରତିନିଧି ଉପସ୍ଥିତ ଥିଲେ ।

# ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ



ଜଗତସିଂହପୁର, (ସବ୍ୟୁ) : ଦେଶ ବିଭାଜନରେ ପ୍ରଭାବିତ ଲକ୍ଷ ଲକ୍ଷ ଜନମାନସଙ୍କ ସଂଘର୍ଷ ଓ ବଳିଦାନର ସ୍ମୃତି ଚାରଣ ନିମନ୍ତେ ଆଜି ସନ୍ଧ୍ୟାରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଅଛି ।ଏହି ଶୋଭାଯାତ୍ରାର ନେତୃତ୍ୱ ଜିଲ୍ଲାପାଳ, ଜଗତସିଂହପୁର ଜେ ସୋନାଲ ନେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ) ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତି ଶଙ୍କର ରାୟ , ଅତିରିକ୍ତ ଜିଲ୍ଲାପାଳ (ପାରାଦୀପ) ନିରଞ୍ଜନ ବେହେରା, ଉପ-ଜିଲ୍ଲାପାଳ, ଜଗତସିଂହପୁର ପ୍ରଶାନ୍ତ କୁମାର ତରାଇ ଯୋଗଦାନ କରିଥିଲେ ।ଅଖଣ୍ଡତା ଓ ଏକାଗ୍ରତା ସହିତ ଆମ ଭାରତମାତାଙ୍କୁ ଶାନ୍ତି ଓ ସୌହାର୍ଦ୍ଦ୍ୟ ପୂର୍ବକ ବିକାଶ କରିବା ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଶୋଭାଯାତ୍ରାର ସମାପ୍ତି ପରେ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ବିଭାଜନ ବିଭୀଷିକା ସ୍ମୃତି ଦିବସ ପ୍ରଦର୍ଶନୀର ଉଦଘାଟନ କରିଥିଲେ । ଉକ୍ତ ପ୍ରଦର୍ଶନୀଟି ଆସନ୍ତା ୭ଦିନ ପର୍ଯ୍ୟନ୍ତ ପ୍ରଦର୍ଶିତ କରାଯିବ । ଏହି ଶୋଭାଯାତ୍ରାରେ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ତଥା ସାଧାରଣ ନାଗରିକ ଉପସ୍ଥିତ ଥିଲେ ।

# ଟ୍ରକ ପଛରେ ପିଟିଲା କାର, ଦୁଇ ଆହତ

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲ ଗେଟ ନିକଟରେ ଗାଡି ଖରାପ ଥିବାରୁ ଛିଡା ହୋଇଥିବା ଏକ ଟ୍ରକ ପଛରେ କାର ଧକ୍କା ହେବାରୁ କାର ଆରୋହୀ ଓ ସହଯାତ୍ରୀ ଆହତ ହୋଇଥିବା ବେଳେ ପୁଲିସ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି। ଟ୍ରକ ଚାଳକ ଯୋଗୀ ରାଜୁ ଆନ୍ଧ୍ରପ୍ରଦେଶରୁ କଲିକତା ଅଭିମୁଖେ ପେପର ବୋଝେଇ କରି ଯାଉଥିବା ଏକ ଟ୍ରକର ଟାୟାର ଫାଟି ଯିବାରୁ ସେ ଟ୍ରକଟିକୁ ଅଟକାଇ ଟାୟାର ବଦଳାଉଥିଲେ। ଏହି ସମୟରେ ଏକ କାରରେ ଭୁବନେଶ୍ୱରରୁ କଳିଙ୍ଗନଗର ଶିଳ୍ପାଂଚଳକୁ ରବି ନାରାୟଣ ଭୂତିଆ ଓ ରଂଜିତ ସାମଲ ଯାଉଥିଲେ। ହେଲେ ସେମାନେ ଛିଡା ହୋଇଥିବା ଟ୍ରକ ପଛରେ ଭାରସାମ୍ୟ ହରାଇ ପିଟିହୋଇଥିଲେ। ଫଳରେ କାରଟି ଚୁରମାର ହେବା ସହ କାରଥିବା ଉଭୟେ ଆହତ ହୋଇଥିଲେ। ଖବରପାଇ ରାଜପଥ ପେଟ୍ରୋଲିଂଗ ଓ ପାଣିକୋଇଲି ପୁଲିସ ପହଂଚି ସେମାନଙ୍କୁ ପ୍ରାଥମିକ ଚକିସା କରିବା ସହ ଗାଡି ଦୁିଟିକୁ ଜବତ କରିଛି।

# ନବ ଉତ୍କଳ ମହିଳା ସମିତି ପକ୍ଷରୁ ହୁଇଲ ଚେୟାର ପ୍ରଦାନ



ବ୍ୟାସନଗର,(ଜିପ୍ର): ନବ ଉତ୍କଳ ମହିଳା ସମିତି ପକ୍ଷରୁ ବ୍ୟାସନଗର ଏରିଆ ହସ୍ପିଟାଲ ଓ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ବ୍ୟବହାର ନିମନ୍ତେ ଦୁଇଟି ହୁଇଲ ଚେୟାର ଯୋଗାଇ ଦିଆଯାଇଛି। ଏହି ଚେୟାର ପ୍ରଦାନ ସମୟରେ ସେଠାରେ ଅଧିକ୍ଷକ ଡାକ୍ତର ପ୍ରସନ୍ନଜିତ୍ କର, ମେଡିକାଲ ଅଫିସର ଗୌତମ ସାହୁ, ନର୍ସିଂ ଅଫିସର ପୂର୍ଣ୍ଣିମା ପଣ୍ଡା, ସ୍ୱେଚ୍ଛାସେବୀ ରାଜେଶ କୁମାର ରାଉତ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୋରେଇର ପ୍ରସୂତି ବିଭାଗର ଡାକ୍ତର ସୌଭାଗ୍ୟ ସୁବୁଦ୍ଧି, ଆୟୁଷ ମେଡିକାଲ ଅଫିସର ଡାକ୍ତର ଚିତ୍ରଲେଖା ମଲ୍ଲ, ନର୍ସିଂ ଅଫିସର ସସ୍ମିତା ମଲ୍ଲୀକ, ବ୍ଲକ ଏକାଉଂଟ ମ୍ୟାନେଜର କ୍ଷୀରବ୍ଧି ତନୟା ଜେନାଙ୍କ ସମେତ ନବଉକଳ ମହିଳା ସମିତିର ଉପଦେଷ୍ଟା ଶାନ୍ତିଲତା ମାଝୀ, ସଭାପତି ଅମୂଲୀ ପହି, ସମ୍ପାଦିକା ଜୟନ୍ତୀ ଜେନା, କୋଷାଧ୍ୟକ୍ଷ କବିତା ପାତ୍ର ଓ ସୁଷମା ବଳ, ଚନ୍ଦନା ଜେନା, ରମା ଓଝା, ସନ୍ଧ୍ୟା ଦାସ, ବର୍ଷା ଦାସ, ଶଶୀରେଖା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଟିକିଆ ହାତୀର ଦୌରାତ୍ମ୍ୟ
# ପାଚେରୀ ଭାଙ୍ଗୁଛି, ପନିପରିବା ଖାଉଛି

ବାରଙ୍ଗ, (ସବ୍ୟୁ) : ଗତ ୫ ଦିନ ହେବ ଚନ୍ଦକା ଜଙ୍ଗଲରୁ ବାହାରି ଆସିଥିବା ଏକ ଗୋଟିକିଆ ମାଈ ହାତୀର ଦୌରାତ୍ମ୍ୟରେ ବାରଙ୍ଗ ବ୍ଲକ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସୂଚନା ଅନୁଯାୟୀ, ଉକ୍ତ ହାତୀଟି ମାର୍ଥାପୁର ଓ ରାମଦାସପୁର ଗହିରରେ ପଶି ଫସଲ ନଷ୍ଟ କରୁଛି। ମାର୍ଥାପୁର ଗ୍ରାମର ପ୍ରଶାନ୍ତ ପାଇଟାଲ, ସନ୍ତୋଷ ପାଇଟାଲ, ସୁନିଲ ପାଇଟାଲ, ପ୍ରତାପ ପାଇଟାଲ, ସରୋଜ ପାଇଟାଲ, ବିଶ୍ୱାମିତ୍ର ନାୟକ, ବିନୋଦ ନାୟକ, ଅନାଥ ପ୍ରଧାନ ଆଦି ଚାଷୀଙ୍କର ପ୍ରାୟ ୨୦ରୁ ୨୫ ଏକର ଜମିରେ ଲାଗିଥିବା ପନିପରିବା ଫସଲ ଖାଇ ନଷ୍ଟ କରିଦେଇଛି।

ଏହାସହ ଧାନ ତଳିକୁ ମଧ୍ୟ ଦଳି ଚକଟି ନଷ୍ଟ କରୁଛି।କେବଳ ଚାଷ ଜମି ନୁହେଁ, ଗୁରୁବାର ବିଳମ୍ବିତ ରାତିରେ ହାତୀଟି ନରାଜ ଗ୍ରାମ ମଧ୍ୟକୁ ପଶି ଆସି ଅନେକ ସ୍ଥାନରେ ପାଚେରୀ ଭାଙ୍ଗିବା ସହ ବାଡ଼ିରେ ଥିବା କଦଳୀ ଗଛ ଭାଙ୍ଗି ନଷ୍ଟ କରିଛି।ହାତୀଟି ଦିନବେଳା ଗୋବିନ୍ଦପୁରର ନୂଆଗାଁ ପାହାଡ଼ରେ ଲୁଚି ରହୁଥିବା ବେଳେ ସନ୍ଧ୍ୟା ହେବା ମାତ୍ରେ ବାହାରି ଉତ୍ପାତ କରୁଛି। ଚାଷ ଜମି ଛାଡି ହାତୀ ଗାଁ ଭିତରକୁ ପଶିବା ପରେ ନରାଜ, ମାର୍ଥାପୁର, ରାମଦାସପୁର ସମେତ ଆଖପାଖ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତୁରନ୍ତ ବନ ବିଭାଗ ହାତୀଟିକୁ ଘଉଡାଇ ଜଙ୍ଗଲ ମଧ୍ୟକୁ ନେବା ପାଇଁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି।

# ଝାଡ଼ାବାନ୍ତିରେ ଆକ୍ରାନ୍ତ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି

ବାଙ୍କୀ, (ସବ୍ୟୁ) : ମହାନଦୀର ବନ୍ୟା ଜଳ ବାଙ୍କୀ ଅବବାହିକାରେ ପ୍ରବେଶ କରିଥିବା ଜଳ ସମ୍ପୂର୍ଣ୍ଣ ଭାବେ ନିଷ୍କାସନ ହୋଇ ଯାଇଛି । ଏବେ ପରିବା ଫସଲ ନଷ୍ଟ ହୋଇଯାଇଛି । ବନ୍ୟାଜଳ ପ୍ରବାହିତ ହୋଇଥିବା ଗାଆଁ ରେ ସଂକ୍ରମିତ ହୋଇ ନ ଥିବା ବେଳେ ଏହା ବର୍ଷା ଋତୁ ଯୋଗୁ ହୋଇଥିବାର ସୂଚନା ଦେଇଛନ୍ତି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଆଲୋକ କୁମାର ପଟ୍ଟନାୟକ ।

କିନ୍ତୁ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ଝାଡ଼ାରେ ଆକ୍ରାନ୍ତ ହୋଇ ରଗଡରୁ ଦୁଇ ଜଣ, ଗୋପାଳପୁରରୁ ଦୁଇ ଜଣ ପାଟପୁର ରୁ ଜଣେ ବାଙ୍କୀ ଏନ, ଏ, ସି ରୁ ଜଣେ ଏବଂ ସୁବର୍ଣ୍ଣପୁର ଗ୍ରାମ ରୁ ଦୁଇ ଜଣ ଆସି ଚିକିତ୍ସିତ ହୋଇ ଦୁଇ ଜଣ ଘରକୁ ଫେରି ଥିବା ବେଳେ ଆଉ ପାଞ୍ଚ ଜଣ ସଂନ୍ଧ୍ୟାରେ ଘରକୁ ଫେରି ଛନ୍ତି । ଗୁରୁବାର ସାତ ଜଣ ,ଶୁକ୍ରବାର ପାଞ୍ଚ ଜଣ ଡାକ୍ତରଖାନା ରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ।

ବାଙ୍କୀ ଡାକ୍ତରଖାନାରେ ସଙ୍ଗେ ସଙ୍ଗେ ଚିକିତ୍ସା ,ଯଥା ସମ୍ଭବ ଔଷଧ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ମହଜୁଦ ରହିଥିବାର ସହିତ କିଛି ଆତଙ୍କିତ ହେବାର ନାହିଁ ବୋଲି ସୂଚନା ଦେଇଛନ୍ତି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ପଟ୍ଟନାୟକ । ସେପଟେ ଅପରାହ୍ନରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ ଭେଟି ଉତ୍ତମ ଚିକିତ୍ସା ଯୋଗାଇଦେବା ସହ ଝାଡ଼ା ଓ ବାନ୍ତି ରେ ଯେତେ ବେଳେ ଯେଉଁ ବ୍ୟକ୍ତି ଆସିବେ ସମସ୍ତଙ୍କୁ ଚିକିତ୍ସା କରିବା ପାଇଁ ଅଧୀକ୍ଷକଙ୍କୁ ପରାମର୍ଶ ଦେଇଥିଲେ ।



# ସ୍ତ୍ରୀକୁ ମାରି ପୋଖରୀରେ ଫିଙ୍ଗିଦେଲା ସ୍ୱାମୀ

ନୟାଗଡ଼/ଶରଣକୁଳ, (ସବ୍ୟୁ) : ସୈତାନ ସାଜିଲା ସ୍ୱାମୀ । ସ୍ତ୍ରୀକୁ ହତ୍ୟା କରି ଫାର୍ମ ହାଉସରେ ଥିବା ପୋଖରୀରେ ଫୋପାଡିଲା ସ୍ୱାମୀ । ପୋଖରୀରେ ବୁଡ଼ିଯାଇଥିବା କହି ସ୍ୱାମୀ ରଚିଲା ନାଟକ । ଏଭଳି ଅଭିଯୋଗ ଓଡଗାଁ ଥାନା ବେଲଦ୍ୱାର ଗାଁରୁ ଆସିଛି । ପାରିବାରିକ କଳହ ଓ ଯୌତୁକ ଯୋଗୁଁ ଝିଅ ତପସ୍ୱିନୀ ସାହୁଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି । ନୟାଗଡ଼ ଢେଙ୍କେଣା ଗାଁର ବକ୍ସିଧର ପ୍ରଧାନଙ୍କ ସହ ଶରଣକୂଳ



ଅଞ୍ଚଳର ତପସ୍ୱିନୀ ସାହୁ ୨୦୨୦ ମସିହାରେ ବିବାହ କରିଥିଲେ । କିଛି ମାସ ହେବ। ଓଡଗାଁ ଥାନା ବେଲଦ୍ୱାରରେ ଥିବା ଫାର୍ମ ହାଉସରେ ରହୁଥିଲେ । ବିଳମ୍ବିତ ରାତିରେ କୌଣସି କାରଣରୁ ପତି-ପତ୍ନୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ପରେ ତାଙ୍କୁ ସ୍ୱାମୀ ବକ୍ସିଧର ପ୍ରଧାନ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିଲେ । ପୋଲିସ ଏବଂ ପରିବାର ଲୋକଙ୍କୁ ମଧ୍ୟ ଫୋନ କରିଥିଲେ । ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଥିବା କହିଥିଲେ । ଅଗ୍ନିଶମ ବାହିନୀ ପୋଖରୀରୁ ଶବ ଉଦ୍ଧାର କରିଥିଲା । ତେବେ ଅଧିକ ଯୌତୁକ ଯୋଗୁଁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

# ହରିଶ୍ଚନ୍ଦ୍ର ଯୋଜନା ବାଟବଣା

ଭାପୁର, (ସବ୍ୟୁ): ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ଠିକ ସମୟରେ ଦେଇପାରୁ ନ ଥିବା ଡବଲ ଇଞ୍ଜିନ ସରକାର ଏବେ ମୃତ ବ୍ୟକ୍ତିମାନଙ୍କ ସହିତ ଖେଳଖେଳିବା ଆରମ୍ଭ କରିଛି ଅର୍ଥାତ, ହରିଶ୍ଚନ୍ଦ୍ର ଯୋଜନା ସାଇଡକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ବସିଛନ୍ତି। ପୂର୍ବ ସରକାର ହରିଶ୍ଚନ୍ଦ୍ର ଯୋଜନାରେ ରାଜ୍ୟର ଗରିବ ପରିବାରର କୌଣସି ବ୍ୟକ୍ତି ମୃତ୍ୟୁ ବରଣ କଲେ ଗ୍ରାମାଞ୍ଚଳରେ ରହୁଥିବା ପରିବାରକୁ ୩ ହଜାର ଟଙ୍କା ଓ ସହରାଞ୍ଚଳର ପରିବାରକୁ ୪ହଜାର ଟଙ୍କା ପ୍ରଦାନ ପାଇଁ ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନାରେ ସହାୟତା ରାଶି ପାଇବାକୁ ହେଲେ ମୃତବ୍ୟକ୍ତି ଙ୍କ ପରିବାର ୧୫ ଦିନ ମଧ୍ୟରେ ଅନଲାଇନରେ ଆବେଦନ କରିବା ପାଇଁ ନିୟମ ରହିଅଛି ।ମାତ୍ର ଏବେ ।ଜ୍ୟେ ସରକାର ଏହି ସାଇଡକୁ ପ୍ରାୟ ମାସେ ହେବ କରିଦେଇଛନ୍ତି । ଫଳରେ,ଏହି ଯୋଜନାରେ ଆବେଦନ ହୋଇପାରୁ ନ ଥିବାରୁ ମୃତବ୍ୟକ୍ତିଙ୍କ ପରିବାର ସୁଫଳ ପାଇପାରୁନାହାନ୍ତି । ଭାପୁର ବ୍ଲକରେ ଏହି ଯୋଜନାରେ ସାମିଲ ହେବାପାଇଁ ଶତାଧିକ ପରିବାର ଚାହିଁ ବସିଥିବାବେଳେ ଏହା ବର୍ତ୍ତମାନ ବନ୍ଦ ରହିଥିବାରୁ ପଞ୍ଚାୟତ ମାନଙ୍କରେ ଜନପ୍ରତିନିଧି ମାନେ ଅପଦସ୍ତ ହେଉଛନ୍ତି।

## ଲୋକେଶ୍ୱର ସେବା ସମବାୟ ସମିତି
# ରେକର୍ଡ ସ୍ଥାନାନ୍ତର ଓ ପଞ୍ଜୀକରଣକୁ ନେଇ ଚାଷୀଙ୍କ ଅସନ୍ତୋଷ

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ନୂତନ ଭାବେ ଗଠିତ ଛତ୍ରପଡ଼ା ଲୋକେଶ୍ୱର ପ୍ରାଥମିକ କୃଷି ସେବା ସମବାୟ ସମିତି ର ସେବା କାର୍ଯ୍ୟକାରିତାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ, ଲୋକେଶ୍ୱର ସମିତି ଅଞ୍ଚଳର ଚାଷୀମାନେ ପଞ୍ଜୀକରଣ ଓ ଅନ୍ୟାନ୍ୟ ସେବା ପାଇଁ ଗଡ଼ମାଣତୀର ସେବା ସମବାୟ ସମିତି ଉପରେ ନିର୍ଭର କରୁଥିବା ନେଇ ସମସ୍ୟା ଦେଖାଦେଇଛି ବୋଲି ଅଭିଯୋଗରୁ ଜଣାପଡ଼ିଛି।ସୂଚନା ଅନୁଯାୟୀ, ଗଡ଼ମାଣତୀର ସମିତିରୁ ଅଲଗା ହୋଇ ଲୋକେଶ୍ୱର ସେବା ସମବାୟ ସମିତି ନୂତନ ଭାବେ ଗଠିତ ହୋଇଥିଲା। ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ଏହି ସମିତିର ପରିଚାଳନା ପାଇଁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମାତ୍ର, ସମିତିର ସମସ୍ତ ରେକର୍ଡପତ୍ର ଓ ଆବଶ୍ୟକୀୟ ଭିତ୍ତିଭୂମି ସମ୍ପୂର୍ଣ୍ଣ ଭାବେ ଲୋକେଶ୍ୱର ସମିତିକୁ ସ୍ଥାନାନ୍ତରିତ ହୋଇ ନପାରିବା ଯୋଗୁଁ ଚାଷୀମାନେ ନିୟମିତ ସାର, ବିହନ ଏବଂ ପଞ୍ଜୀକରଣ ସେବା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାର୍ଯ୍ୟାଳୟ ନିୟମିତ ଖୋଲା ନରହିବା ଏବଂ ଗଡ଼ମାଣତୀରଠାରେ ଫର୍ମ ପୂରଣ ଓ ପଞ୍ଜୀକରଣ କରାଯାଉଥିବାରୁ ସ୍ଥାନୀୟ ଚାଷୀମାନେ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି ।

# କଳିଙ୍ଗ କାଚରା ଜାତି ମହାସଭାର ପ୍ରସ୍ତୁତି ବୈଠକ

କାକଟପୁର, (ସବ୍ୟୁ) : କଳିଙ୍ଗ କାଚରା ଜାତି ମହାସଭାର ସ୍ଥାୟୀ ଗୃହ ପୁରୀ ବଳଗଣ୍ଡି ସାହି ଠାରେ କାର୍ଯ୍ୟକାରୀ କମିଟି ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୁଦୁରାମ ପାଟଣା ର ପ୍ରଭାତ କୁମାର ନନ୍ଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷର ମହାସଭା ଅଗଷ୍ଟ (୨୭) ତାରିଖ ରୁ ତିନିଦିନ ବ୍ୟାପି ଅନୁଷ୍ଠିତ ହେବ ବୋଲି ସର୍ବ ସମ୍ମତି କ୍ରମେ ନିଷ୍ପତି ନିଆଯାଇଛି । ସଭା କାର୍ଯ୍ୟ କିପରି ଶାନ୍ତି ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ରେ ସମ୍ପାଦିତ ହେବ, ସେଥିପାଇଁ ଅତିଥି ନିମନ୍ତ୍ରଣ, ପ୍ରତିଭା ସମ୍ବର୍ଦ୍ଧନା ଏବଂ ମହାସଭା ରେ ସ୍ଥାନ ପାଇବାକୁ ଥିବା ଗୁରତ୍ୱପୂର୍ଣ୍ଣ ବିଷୟ ଗୁଡିକର କାର୍ଯ୍ୟସୂଚୀ ବାବଦରେ ବିଶେଷ ଆଲୋଚନା କରାଯାଇଥିଲା । ଏହି ବୈଠକ ରେ ବନମାଳୀପୁର ଅଞ୍ଚଳରୁ ବିଜୟ ବେହେରା, ସୁରେନ୍ଦ୍ର ପ୍ରଧାନ, ବାଳକାଟିରୁ ସୁଜିତ ବେହେରା, ଗମ୍ଭାରିପଦାରୁ ସଞ୍ଜୟ ପାତ୍ର, କୁଣ୍ଡେଶ୍ୱରରୁ ପ୍ରଫୁଲ୍ଲ ପ୍ରଧାନ, ବାଜପୁରରୁ ଗଗନ ନନ୍ଦୀ , ପୁରୀରୁ ଦେବେନ୍ଦ୍ର କୁଣ୍ଡ, ରାହାମାରୁ ମନମୋହନ ସାହୁ, ମଣିଜଙ୍ଗା ରୁ ଦେବେନ୍ଦ୍ର ସାହୁ ଓ ତପନ କାନ୍ତ, ହାଃଜିପୁର ରୁ ସୁରେଶ ଚନ୍ଦ୍ର ବେହେରା ଓ ଦୋଳଗୋବିନ୍ଦ ନନ୍ଦୀ, କୁଳପାଟଣା ରୁ ବସନ୍ତ ମାଣିକ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଶେଷରେ ସମ୍ପାଦକ ଓଡିଶା ର ସମସ୍ତ ଜିଲ୍ଲାରୁ ସ୍ୱଜାତୀୟ ଭାଇ ଭଉଣୀ ମାନଙ୍କୁ ଏହି ମହାସଭା ରେ ଯୋଗ ଦେବା ପାଇଁ ଅନୁରୋଧ କରିଥିଲେ ।

# ପିପିଲିରେ ତ୍ରିରଙ୍ଗା ଶୋଭାଯାତ୍ରା : ସତୁରି ମିଟର ଲମ୍ବ ତ୍ରିରଙ୍ଗା ପ୍ରଦର୍ଶିତ

ପିପିଲି, (ସବ୍ୟୁ) : ଶୁକ୍ରବାର ସକାଳେ ପିପିଲିରେ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଅଛି । ଏହି ଶୋଭାଯାତ୍ରା ପିପିଲି ମିଶନ ସ୍କୁଲ ଠାରୁ ଆରମ୍ଭ ହୋଇ ପୁରା ବଜାର ଅତିକ୍ରମ କରି ଜବାହର ବିଦ୍ୟାପୀଠ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ସାଂସଦ ଡ଼ଃ ସମ୍ବିତ ପାତ୍ର ଯୋଗଦେଇ ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ ।



ପିପିଲି ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଅଞ୍ଚଳ ହାଇସ୍କୁଲ ଏବଂ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଛାତ୍ର ଛାତ୍ରୀ ମାନେ ଜାତୀୟ ପତାକା ହାତରେ ଧରି ଏଥିରେ ଯୋଗ ଦେବା ସହ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଅଂଶଗ୍ରହଣ କରିଥିବାର ଦେଖିବାକୁ ମିଳିଥିଲା । ପିପିଲି ର ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା,ସ୍ଥାନୀୟ ବିଜେପି ର କର୍ମକର୍ତ୍ତା ପିପିଲି ସାଂସ୍କୃତିକ ପରିଷଦର ମୁଖ୍ୟ ରମେଶ ଚନ୍ଦ୍ର ମହାପାତ୍ର, ଉପସଭାପତି ଦୀନବନ୍ଧୁ ବେଉରିଆ ଙ୍କ ସମେତ ବହୁ ବୁଦ୍ଧିଜୀବୀ, ସମାଜସେବୀ ଏଥିରେ ଅଂଶଗ୍ରହଣ କରିଥିଲେ ।

ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ନିମନ୍ତେ ପିପିଲି ଏସଡିପିଓ ଦେବାଶିଷ ମିଶ୍ର, ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ପୁଲିସ ବାହିନୀ ସହ ଉପସ୍ଥିତ ରହି ଅନୁଧ୍ୟାନ କରିଥିଲେ । ଏହାପରେ କୌଶଲ୍ୟାଗଙ୍ଗ ଏବଂ ଦାଣ୍ଡମୁକୁନ୍ଦପୁର ଠାରେ ମଧ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

## ବିଜେପି ଯୁବମୋର୍ଚ୍ଚା ପକ୍ଷରୁ
# ହରଘର୍ ତିରଙ୍ଗା ଶୋଭାଯାତ୍ରା

କାକଟପୁର, (ସବ୍ୟୁ) : ଦେଶ ପାଳନ କରିବାକୁ ଯାଉଛି ୮୦ତମ ସ୍ୱାଧୀନତା ଦିବସ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସାରା ଦେଶ ସମେତ ଓଡ଼ିଶାରେ ମଧ୍ୟ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ପାଳନ କରାଯାଉଛି। ଏହି ଅବସରରେ କାକଟପୁର ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। କାକଟପୁର ନିର୍ବାଚନ ମଣ୍ଡଳୀର ବିଜେପି ନେତା ବାଇଧର ମଲ୍ଲିକଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ନୟାହାଟ ଛକରୁ ଶୋଭାଯାତ୍ରା ଆରମ୍ଭ ହୋଇ ପାଣିଛତ୍ର, ବଲରା , କାକଟପୁର , କୁହୁଡ଼ି , ଅସ୍ତରଙ୍ଗ ଆଦି ପ୍ରମୁଖ ଛକ ପରିକ୍ରମା କରି ଅସ୍ତରଙ୍ଗ ମା ଜାଗୁଳାଇଙ୍କ ପୀଠରେ ସମାପ୍ତ ହୋଇଥିଲା । ଶୋଭାଯାତ୍ରାରେ ଶତାଧିକ ବିଜେପି କର୍ମୀ ଓ ସମର୍ଥକ ହାତରେ ତ୍ରିରଙ୍ଗା ଧରି ଦେଶପ୍ରେମର ଭାବନା ପ୍ରକାଶ କରିବା ସହ ଦେଶାତ୍ମବୋଧକ ବାର୍ତ୍ତା ପ୍ରଚାର କରିଥିଲେ । ତ୍ରିରଙ୍ଗାର ଗୌରବ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗକୁ ସ୍ମରଣ କରି ଦେଶର ଏକତା ଓ ଅଖଣ୍ଡତାର ବାର୍ତ୍ତା ଦେଇଥିଲେ । ଏହି ଶୋଭାଯାତ୍ରାରେ ପୁରୀ ଜିଲ୍ଲା ଯୁବ ବିଜେପି ଯୁବ ମୋର୍ଚ୍ଚା ସଂଯୋଜକ ଇଂ ପ୍ରିୟବ୍ରତ ବିଶାଳ,ସାଂସଦ ପ୍ରତିନିଧି ଦିବାକର ଛାଟୋଇ , ଶିବ ଶଙ୍କର ସାହୁ,ଜିତେନ୍ଦ୍ର ସ୍ୱାଇଁ, ରକି ବିଶ୍ୱାଳ, ନରେଶ ପତି, ବାପି ସ୍ୱାଇଁ , ସୁବ୍ରତ ସ୍ୱାଇଁଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଯୋଗଦେଇଥିଲେ ।

# ନାବାଳିକା ଉଦ୍ଧାର: ଅଭିଯୁକ୍ତ ଗିରଫ

କାକଟପୁର, (ସବ୍ୟୁ) : କାକଟପୁର ଥାନା ଅଞ୍ଚଳରୁ ନିଖୋଜ ଥିବା ଏକ ନା ବାଳିକାକୁ କାକଟପୁର ଥାନା ପୋଲିସ ଉଦ୍ଧାର କରିବା ସହ ଅପହରଣ କରି ନେଇଥିବା ଅଭିଯୁକ୍ତ ଯୁବକକୁ ଗିରଫ କରିଛି । ପୋଲିସ ସୂଚନା ଅନୁଯାଇ କାକଟପୁର ଥାନା ଅନ୍ତର୍ଗତ ବଡ଼ ଓଳଙ୍ଗର ଗ୍ରାମର ପିଣ୍ଟୁ ସ୍ୱାଇଁ ଜୈନିକା ନାବାଳିକାକୁ ନେଇ ଫେରାର ହୋଇଯାଇଥିଲା । ନା ବାଳିକାର ପରିବାର ପକ୍ଷରୁ କାକଟପୁର ଥାନାରେ ଏତଲା ଦେବା ପରେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ଏକ ପୋଲିସ ଟିମ ସହ ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ । ଶେଷରେ ଅନୁଗୁଳ ଜିଲ୍ଲା ଠାକୁରଗଡ଼ ଥାନା ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରି ତାଙ୍କ ପରିବାର ଜିମା ଦେଇଥିବା ବେଳେ ଅଭିଯୁକ୍ତ ପିଣ୍ଟୁକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

# ବିଧାୟକ ଛବି ମଲ୍ଲିକଙ୍କ ନେତୃତ୍ୱରେ ବିଶାଳ ପଦଯାତ୍ରା

ଫୁଲନଖରା, (ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ନିଆଳି ନିର୍ବାଚନମଣ୍ଡଳୀ ଅଧୀନସ୍ଥ ଗବବସ୍ତ ମଣ୍ଡଳ ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ଉତ୍ସାହ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସଂଗଠକ ତଥା ବିଧାୟକ ପ୍ରତିନିଧି ଧୀରେନ୍ଦ୍ର କୁମାର ବାରିକଙ୍କ ନେତୃତ୍ୱରେ ଆୟୋଜିତ ଏହି ତ୍ରିରଙ୍ଗା ଯାତ୍ରାରେ ଦଳୀୟ କର୍ମକର୍ତ୍ତା, ସମର୍ଥକ ଓ ବହୁ ସ୍ଥାନୀୟ ଲୋକ ସାମିଲ ହୋଇଥିଲେ ।

ବ୍ରାହ୍ମଣଝରିଲୋ କିଆପୋଖରୀସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇ ରାୟପୁର ସ୍ଥିତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ ଛକ ପର୍ଯ୍ୟନ୍ତ ବିଶାଳ ପଦଯାତ୍ରା ଆକାରରେ ଯାଇ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ନିଆଳି ବିଧାୟକ ଇଂ. ଛବି ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜେ ପଦଯାତ୍ରାରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ର, ଆଇନଜୀବୀ କବିନାରାୟଣ ଜେନା, ନିରୋଧ ଜେନା, ଜୟନ୍ତ କୁମାର ଜେନା, ଗୌରାଙ୍ଗ ଚରଣ ନାଥ, ବିକାଶ ସାହୁ, ସୁରେଶ ରଥ, ସନ୍ତୋଷ ସାହୁ, ଅଭିମନ୍ୟୁ ପାତ୍ର, ସୁଜିତ ଜେନା, ଧନେଶ୍ୱର ଖଟୁଆ, ବିଜୟ ରାୟ, ଅଶୋକ କୁମାର ଦାଶ, ଯତୀନ୍ଦ୍ର ସାହୁ, ତୁଷାର ଜେନା, ରୁଦ୍ରପ୍ରସାଦ ତ୍ରିପାଠୀ, ଉପେନ୍ଦ୍ର ସାହୁ, ଅକ୍ଷୟ ଦଳାଇ, ପ୍ରଦୀପ ସ୍ୱାଇଁ, ଦୀପକ ଦାସ, ଗୋବିନ୍ଦ ସାହୁ, ରମେଶ ମହାପାତ୍ର, କଳ୍ପତରୁ ଖୁଣ୍ଟିଆ, ସନ୍ଦୀପ ବାରିକ, ରାଜେଶ କୁମାର ସାହୁ, ଶ୍ରୀଧର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଓ ସମର୍ଥକ ଯୋଗଦେଇଥିଲେ। ଏ ବିଶାଳ ତ୍ରିରଙ୍ଗା ଯାତ୍ରା ମାଧ୍ୟମରେ ଅଞ୍ଚଳରେ ଦେଶପ୍ରେମ ଓ ଜାତୀୟ ଏକତାର ଭାବନା ଅଧିକ ସୁଦୃଢ଼ ହୋଇଥିବା ଆୟୋଜକମାନେ ପ୍ରକାଶ କରିଥିଲେ । ବିଶେଷକରି ବିଧାୟକ ଇଂ. ଛବି ମଲ୍ଲିକଙ୍କ ସକ୍ରିୟ ଉପସ୍ଥିତି ଓ ପଦଯାତ୍ରାରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବା କାର୍ଯ୍ୟକ୍ରମକୁ ନେତୃତ୍ୱର ଏକ ସ୍ପଷ୍ଟ ଉଦାହରଣ ଦେଇଥିଲା । ଜନପ୍ରତିନିଧି ଭାବେ ସାଧାରଣ ଲୋକ ଓ କର୍ମୀମାନଙ୍କ ସହ ମିଶି ଜାତୀୟ ଏକତାର ବାର୍ତ୍ତାକୁ ଆଗକୁ ନେବା ତାଙ୍କ ଭୂମିକାକୁ କାର୍ଯ୍ୟକ୍ରମରେ ଉପସ୍ଥିତ ଅନେକେ ପ୍ରଶଂସା କରିଥିଲେ ।

# ଭୟଭୀତ କରାଇ ଯୁବକଙ୍କଠାରୁ ୨୮.୫ ହଜାର ଲୁଟ୍

କାକଟପୁର ,(ସବ୍ୟୁ): ଫ୍ରଡ କଲ ମାଧ୍ୟମରେ ଜଣେ ଯୁବକଙ୍କୁ ଭୟଭୀତ କରାଇ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨୮ ହଜାର ୫୦୦ ଟଙ୍କା ଲୁଟି ନେଇଛନ୍ତି ସାଇବର ଠକ। ଏନେଇ ପୀଡ଼ିତ ଯୁବକ ସ୍ଥାନୀୟ ଥାନାରେ ଲିଖିତ ଏତଲା ଦେଇଛନ୍ତି।କାକଟପୁର ବ୍ଲକ ଓଥକା ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିକୁଦ ଗ୍ରାମର ସନ୍ତୋଷ ଦାସଙ୍କ ମୋବାଇଲକୁ କିଛିଦିନ ତଳେ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ନିଜକୁ ପୋଲିସ ଅଧିକାରୀର ପରିଚୟ ଦେଇ ତାଙ୍କ ନାମରେ ମାମଲା ରହିଥିବା କହିଥିଲେ। ମୋବାଇଲରେ ଆପ ବ୍ୟବହାର ସମ୍ପର୍କରେ ପ୍ରଶ୍ନ କରିବା ସହ ଗିରଫ ଓ ଆଇନଗତ କାର୍ଯ୍ୟାନୁଷ୍ଠାନର ଧମକ ଦେଇ ତାଙ୍କୁ ଭୟଭୀତ କରାଯାଇଥିଲା।ଏହାର ସୁଯୋଗ ନେଇ ଠକମାନେ ତାଙ୍କୁ ତୁରନ୍ତ ଡିଜିଟାଲ ପେମେଣ୍ଟ ମାଧ୍ୟମରେ ଟଙ୍କା ପଠାଇବାକୁ କହିଥିଲେ। ଭୟରେ ସେମାନଙ୍କ ନିର୍ଦ୍ଦେଶ ପାଳନ କରି ଯୁବକ ଜଣକ ଚାରିଥରରେ ମୋଟ ୨୮,୫୦୦ ଟଙ୍କା ପଠାଇଥିବା ଅଭିଯୋଗ ହୋଇଛି। ପରେ ଠକେଇର ଶିକାର ହୋଇଥିବା ଜାଣିପାରି ସେ ସ୍ଥାନୀୟ ଥାନାରେ ଲିଖିତ ଏତଲା ଦେଇଥିଲେ।ଏନେଇ ପୋଲିସ ଏକ ମାମଲା ରୁଜୁ କରି ଠକେଇରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

# ଗୋପ ବଜାର ଉଚ୍ଛେଦ ମାପଚୁପରେ ଅନିୟମିତତା

ଗୋପ, (ସବ୍ୟୁ): ଗୋପ ବଜାର ଉଛେଦ କୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉଛି। । ରାସ୍ତା କଡରେ ଉଠା ଦୋକାନୀମାନେ ବ୍ୟବସାୟ କରି ନିଜ ନିଜର ପରିବାର ଚଳାଉ ଥିବା ବେଳେ ଥଇଥାନ ନକରି ବାରମ୍ବାର ଜବରଦଖଲ ଉଚ୍ଛେଦ କରି ବ୍ୟବସାୟୀଙ୍କ ପେଟକୁ କୁଠାର ଘାତ କରୁଛି ପ୍ରଶାସନ ।ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଗୋଷ୍ଠିର ଆକ୍ରୋସର ଶିକାର ହେଉଛନ୍ତି ବ୍ୟବସାୟୀ। ବୁଧବାର ପୂର୍ବାହ୍ନ ୯ ଟାରେ ଚଳିତ ବର୍ଷର ତୃତୀୟ ଥର ଲାଗି ଉଚ୍ଛେଦ କରିଛି ପ୍ରଶାସନ।ଗୋପ ତହସିଲଦାର,ଗୋପ ଥାନା ଇନିସିପେକ୍ଟର ସହିତ ରାଜସ୍ୱ ବିଭାଗର ଅଧିକାରୀ ଓ ଦୁଇ ପ୍ଲାଟୁନ ଫୋର୍ସଙ୍କ ଉପସ୍ଥିତରେ ମଦ ଦୋକାନ ଠାରୁ ଗୋପ ବଜାର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଥିବା ଜବର ଦଖଲକୁ ଉଚ୍ଛେଦ କରିଛି ସେହିପରି ମାପ ଚୁପରେ ଅନିୟମିତତା କରାଯାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକମାନେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସରକାରୀ ଜମି ଓ ଜଳାଶୟକୁ ବଡବଡ଼ିଆ ବ୍ୟବସାୟୀ ମାନେ ଦାଖଲ କରି ରଖିଥିଲେ ମଧ୍ୟ ପ୍ରଶାସନ ହାତ ମାରୁନଥିବା ବେଳେ ଉଠା ବ୍ୟବସାୟୀମାନଙ୍କ ଉପରେ ଦାଉ ସାଜୁଛି ।ଯାହାକୁ ନେଇ ଜନସାଧାରଣ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଷ୍ଟେଟ ବ୍ରିଗେଡ ସ୍କୁଲରେ ବିଜ୍ଞାନମେଳା : ୪୪ ପ୍ରକଳ୍ପ ପ୍ରଦର୍ଶିତ

ଟାଙ୍ଗୀ, (ସବ୍ୟୁ) : ଟାଙ୍ଗୀ ଷ୍ଟେଟ ବ୍ରିଗେଡ ସ୍କୁଲ ପରିସରରେ ବାର୍ଷିକ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ନିଜର ବୈଜ୍ଞାନିକ ପ୍ରତିଭା ପ୍ରଦର୍ଶନ କରିଥିଲେ। ପରିବେଶ ସୁରକ୍ଷା, ସୌର ଶକ୍ତିର ବ୍ୟବହାର, ବର୍ଜ୍ୟବସ୍ତୁ ପରିଚାଳନା, ଜଳ ସଂରକ୍ଷଣ, ଜଳ ଚକ୍ର,ଋତୁ ଚକ୍ର, ସୁଷମ ଖାଦ୍ୟ,ସଜୀବ ନିର୍ଜୀବ,ପ୍ରାକୃତିକ କୃତିମ ଭଳି ବିଭିନ୍ନ ରୋଚକ ବିଷୟବସ୍ତୁ ଉପରେ କୋମଳମତି ଶିଶୁ ବୈଜ୍ଞାନିକମାନେ ଚିତ୍ତାକର୍ଷକ ମଡେଲ ଏବଂ ପ୍ରକଳ୍ପ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ।ମୁଖ୍ୟ ଅତିଥି ଅବସରପ୍ରାପ୍ତ ପୋଲିସ ଇନ୍ସପେକ୍ଟର ଲକ୍ଷ୍ମୀଧର ବେହେରା ବଜ୍ଞାନ ମେଳାକୁ ଉଦଘାଟନ କରିଥିଲେ ।ସମ୍ମାନୀତ ଅତିଥିଭାବେ ପରିଚାଳନା କମିଟି ସଭାପତି ବିଜୟ କୁମାର ରାଉତ,ଅବସରପ୍ରାପ୍ତ ଏବିଇଓ ରବିନ୍ଦ୍ର କୁମାର ନାୟକ ଯୋଗଦେଇଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ ଓ ଲିଙ୍ଗରାଜ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶିତ ମଡେଲଗୁଡିକର ମୂଲ୍ୟାଙ୍କନ କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସାପ କାମୁଡ଼ାରେ ଯୁବତୀଙ୍କ ମୃତ୍ୟୁ ଘଟଣା
# ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଲେ ପରିବାର

କଣାସ, (ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକ ଦୋକନ୍ଦା ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ସାପ କାମୁଡ଼ାରେ ଜଣେ ୨୪ ବର୍ଷୀୟା ଯୁବତୀଙ୍କ ଅକାଳ ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସାରେ ଚରମ ଅବହେଳା ଯୋଗୁଁ ତାଙ୍କ ଜୀବନ ଯାଇଥିବା ନେଇ ମୃତକଙ୍କ ପରିବାର ଲୋକେ ଗୁରୁତର ଅଭିଯୋଗ ଆଣିଛନ୍ତି। ମୃତ ଯୁବତୀ ଜଣକ ହେଉଛନ୍ତି କେଶରପୁର ଗ୍ରାମର ପ୍ରମୋଦ ଜୟସିଂହଙ୍କ ଝିଅ ଲିପ୍ସାରାଣୀ ଜୟସିଂହ (୨୪)।



ମିଳିଥିବା ସୂଚନା ମୁତାବକ, ରବିବାର ରାତି ପ୍ରାୟ ୧୧ଟା ସମୟରେ ଲିପ୍ସାରାଣୀ ତାଙ୍କ ମାଆଙ୍କ ସହ ଘରେ ଶୋଇଥିଲେ। ଏହି ସମୟରେ ତାଙ୍କ ଗୋଡ଼କୁ ସାପ କାମୁଡ଼ିଥିବା ଦେଖିବାକୁ ପାଇଥିଲେ । ବିଳମ୍ବ ନକରି ପରିବାର ଲୋକେ ଓ ସ୍ଥାନୀୟ ବାସିନ୍ଦା ତାଙ୍କୁ ନିକଟସ୍ଥ କଣାସ ମେଡିକାଲକୁ ନେଇଥିଲେ। ତେବେ ଡାକ୍ତରଖାନାରେ ପହଞ୍ଚିବା ପରେ ସେଦିନ ଦାୟିତ୍ୱରେ ଥିବା ଜଣେ ଆୟୁଷ ଡାକ୍ତର ତାଙ୍କୁ ଚିକିତ୍ସା କରିଥିଲେ । ଡାକ୍ତର ଜଣକଙ୍କୁ ପରିବାର ଲୋକେ କମୁଡ଼ିଥିବା ସାପର ଫୋଟୋ ଦେଖାଇଥିଲେ ।ହେଲେ ଡାକ୍ତର ଉପଯୁକ୍ତ ଚିକିତ୍ସା ଓ ଜରୁରୀକାଳୀନ ସେବା ଯୋଗାଇବାରେ ଅବହେଳା କରିବା ସହ ଲେଖିଥିବା ପ୍ରେସ୍କ୍ରିପ୍ସନରେ ରେଜିଷ୍ଟ୍ରେସନ ନମ୍ବର ପକାଇନଥିବା ବେଳେ ସାପକାମୁଡ଼ା ଇଞ୍ଜେକସନ ଦେଇନଥିବା ମୃତକଙ୍କ ବାପା ପ୍ରମୋଦ ଜୟସିଂହ ଓ ପରିବାର ବର୍ଗ ଅଭିଯୋଗ କରିଛନ୍ତି। ସମୟସାପେକ୍ଷ ଓ ପ୍ରାଥମିକ ଚିକିତ୍ସାରେ ବିଳମ୍ବ ହେବା ଯୋଗୁଁ ଲିପ୍ସାରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ତାଙ୍କୁ ଶେଷ ମୂହୁର୍ତ୍ତରେ ପୁରୀ ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିବା ବେଳେ ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ କେଶରପୁର ଗ୍ରାମ ସମେତ ସମଗ୍ର କଣାସ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜଣେ ଯୁବତୀଙ୍କ ଏପରି ଅକାଳ ବିୟୋଗକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଡାକ୍ତରୀ ଅବହେଳା ଯୋଗୁଁ ହିଁ ଗୋଟିଏ ଅମୂଲ୍ୟ ଜୀବନ ଚାଲିଗଲା ବୋଲି ଅଭିଯୋଗ କରି ଗ୍ରାମବାସୀ ଦୃଢ଼ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଘଟଣାର ସଠିକ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୀଡ଼ିତ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ବିଦ୍ୟାଳୟ ପକ୍ଷରୁ ହରଘର ତ୍ରିରଙ୍ଗା

କଣାସ ,(ସବ୍ୟୁ): ବ୍ଲକ ପ୍ରଶାସନ ନିର୍ଦ୍ଦେଶନାଯାୟୀକଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ବରିଷ୍ଠ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ ଓ ପ୍ରଭାସ ମଙ୍ଗରାଜଙ୍କ ନେତୃତ୍ୱରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।ଏଥିରେ ୧୫୦ ରୁ ଊର୍ଦ୍ଧ ଛାତ୍ରଛାତ୍ରୀ କଣାସ କଲେଜ ପରିସରରୁ ତ୍ରିରଙ୍ଗା ପତାକା ଧରି ଜାତୀୟ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରା ବାହାରିଥିଲେ । ଏହି କାର୍ଯ୍ୟକ୍ରମକୁ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବୃନ୍ଦାବନ ପାତ୍ର ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଶୋଭାଯାତ୍ରା କଣାସ ବଜାର, ଥାନା ଓ ତହସିଲ କାର୍ଯ୍ୟାଳୟ ଦେଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ଅକ୍ଷୟ ସ୍ୱାଇଁ, ସନ୍ତୋଷ କୁମାର ଷଡ଼ଙ୍ଗୀ, ପ୍ରଶାନ୍ତ କୁମାର ସାହୁ, ବିପିନ ବିହାରୀ ବାରିକ,ସନମିତା ହାତୀ, ପ୍ରମୋଦ କୁମାର ହୋତା, ଗଙ୍ଗାଧର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ବ୍ରାହ୍ମଣଝରିଲୋ ବଜାରରେ ସାଇବର ସଚେତନତା ରଥ

ଫୁଲନଖରା, (ସବ୍ୟୁ) : କଟକ ସଦର ଥାନା ପକ୍ଷରୁ ବ୍ରାହ୍ମଣଝରିଲୋ ବଜାରଠାରେ ସାଇବର ସଚେତନତା ରଥ ମାଧ୍ୟମରେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି । ସଦର ଥାନାର ଏଏସଆଇ ପ୍ରଶାନ୍ତ କୁମାର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ବଜାରକୁ ଆସୁଥିବା ସାଧାରଣ ଲୋକ, ବ୍ୟବସାୟୀ ଓ ଯୁବପିଢ଼ିଙ୍କୁ ସାଇବର ଅପରାଧର ବିଭିନ୍ନ ରୂପ ଏବଂ ଠକେଇରୁ ବର୍ତ୍ତିବାର ଉପାୟ ସମ୍ପର୍କରେ ସଚେତନ କରାଯାଇଥିଲା । ବିଶେଷକରି ଅଜଣା ଫୋନ କଲ, ସନ୍ଦେହଜନକ ଲିଙ୍କ, ଓଟିପି, ଏଟିଏମ/ଡେବିଟ କାର୍ଡ ସୂଚନା, ବ୍ୟାଙ୍କ ତଥ୍ୟ ଓ ୟୁପିଆଇ ସମ୍ବନ୍ଧୀୟ ଗୋପନୀୟ ସୂଚନା କାହା ସହିତ ମଧ୍ୟ ଅସାବଧାନତାରେ ଶେୟାର ନକରିବାକୁ ପରାମର୍ଶ ଦିଆଯାଇଥିଲା ।



ସାଇବର ଅପରାଧୀମାନେ ବିଭିନ୍ନ ପ୍ରଲୋଭନ, ଭୟ କିମ୍ବା ମିଥ୍ୟା ପରିଚୟ ଦେଇ ଲୋକଙ୍କୁ ଠକୁଥିବାରୁ ଯେକୌଣସି ସନ୍ଦେହଜନକ ଫୋନ, ମେସେଜ କିମ୍ବା ଅନଲାଇନ ଅଫର୍ ପ୍ରତି ସତର୍କ ରହିବାକୁ ପୁଲିସ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା । ସାଇବର ଠକେଇର ଶିକାର ହେଲେ ବିଳମ୍ବ ନକରି ତୁରନ୍ତ ପୁଲିସର ସହାୟତା ନେବାକୁ ମଧ୍ୟ କୁହାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସମ୍ବାଦିକ ଲଳିତ କୁମାର ଦାଶ, ଆଇନଜୀବୀ କବି ନାରାୟଣ ଜେନା, ପୂର୍ଣ୍ଣଚନ୍ଦ୍ର ଦଳାଇ, କେଦାରନାଥ ସାହୁ, ଶେଖ ଆଝାରୁଦ୍ଦିନ, ଅକ୍ଷୟ କୁମାର ନାୟକ, ନିରୋଧ କୁମାର ଜେନା, ଗଣେଶ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ସାହୁ ଓ ସୁକାନ୍ତ ସାହୁଙ୍କ ସମେତ ବହୁ ସଚେତନ ନାଗରିକ ଉପସ୍ଥିତ ଥିଲେ । ବିଶେଷକରି ବଜାର, ଜନଗହଳିପୂର୍ଣ୍ଣ ସ୍ଥାନ ଓ ସାଧାରଣ ଲୋକଙ୍କ ନିକଟରେ ସାଇବର ସଚେତନତାର ବାର୍ତ୍ତା ପହଞ୍ଚାଇବା ଦ୍ୱାରା ଅନେକ ଲୋକ ସମ୍ଭାବ୍ୟ ଠକେଇରୁ ବର୍ତ୍ତିପାରିବେ । କମିଶନରେଟ ପୁଲିସର ଏଭଳି ନିରନ୍ତର ସଚେତନତାମୂଳକ ପଦକ୍ଷେପ ଲୋକଙ୍କ ମଧ୍ୟରେ ଡିଜିଟାଲ ସୁରକ୍ଷା ପ୍ରତି ଦାୟିତ୍ୱବୋଧ ବଢ଼ାଇବା ସହ ସାଇବର ଅପରାଧ ରୋକିବାରେ ଏକ ଦୃଢ଼ ପଦକ୍ଷେପ ଭାବେ ପରିଗଣିତ ହୋଇଛି ।

## ସମ୍ପାଦକୀୟ



# ଆମେ କେତେଦୂର ସ୍ୱାଧୀନ!

ସ୍ୱାଧୀନତା ପ୍ରାପ୍ତିର ଅଣାଆଶୀ ବର୍ଷ ପରେ ଆମେ ଅଶୀ ବର୍ଷରେ ପଦାର୍ପଣ କରିବାକୁ ଯାଉଛୁଁ । କିନ୍ତୁ ଆମ ମନରେ ପୂର୍ବର ସେ ଆନନ୍ଦ ସତେ ଯେପରି ଆଉ ନାହିଁ । କିଏ ନେଇଗଲା ସେ ଆନନ୍ଦ ? ଏ ଜାତିକୁ, ଏ ଦେଶକୁ ଯିଏ ଅହିଂସା ଉପାୟରେ ସ୍ୱାଧୀନତା ଆଣିଦେଲେ, ସେହି ଜାତିର ଜନକ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ଆମେମାନେ ଭୁଲିଗଲୁ । ତାଙ୍କ ନାମରେ ଯେତେ ଅନୁଷ୍ଠାନ ଗଢ଼ାହେଲା ସେ ସବୁକୁ କିଏ ବା କାହିଁକି ମନେରଖିବ ? ସ୍ୱାଧୀନତାର ପ୍ରକୃତ ସ୍ୱାଦ କ'ଣ ସମସ୍ତ ଭାରତବାସୀ ଚାଖି ପାରିଲେ ?

ଗାନ୍ଧିଜୀ ଚାହିଁନଥିଲେ ନିଜେ ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ ହେବାକୁ । ଭାରତର ପ୍ରଧାନମନ୍ତ୍ରୀ ହେବାକୁ ଚାହୁଁଥିଲେ ଜବାହରଲାଲ୍ ନେହରୁ ଆଉ ପାକିସ୍ତାନର ପ୍ରଥମ ଶାସକ, ଗଭର୍ଣ୍ଣର ଜେନେରାଲ ହୋଇଥିଲେ ମହମ୍ମଦ ଅଲି ଜିନା । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ନେହରୁ ଲାଲ୍‌କିଲ୍ଲାରେ ତ୍ରିରଙ୍ଗା ଉଡ଼ାଇଥିଲେ ମଧ୍ୟ ଗାନ୍ଧିଜୀ ମନ ଦୁଃଖରେ ଚାଲିଯାଇଥିଲେ ପାକିସ୍ତାନର ପଞ୍ଜାବ ଅଞ୍ଚଳକୁ । ସେଠାରେ ଦଙ୍ଗା ହଙ୍ଗାମାର ଆଶଙ୍କା ରହିଥିଲା । ସ୍ୱାଧୀନତା ପରେ ସେ ସେଠାରେ କୁଆଡ଼େ କିଛିଦିନ ରହିବାକୁ ଚାହୁଁଥିଲେ । ମାତ୍ର ଖବର ଆସିଲା ବଙ୍ଗ ଅଞ୍ଚଳରେ ସାଂପ୍ରଦାୟିକ ଦଙ୍ଗା ଭୀଷଣ ରୂପ ନେଲାଣି । ଗାନ୍ଧିଜୀ ରେଳଗାଡ଼ିରେ ଯାଇ ନୂଆଖାଲିରେ ପହଞ୍ଚିବାରୁ ସେସବୁ ଅଞ୍ଚଳ କିନ୍ତୁ ଶାନ୍ତ ପଡ଼ିଲା । ସତେ ଯେପରି ମାନବରୂପୀ ଦେବତା ସିଏ ଥିଲେ ।

ଏବେ ଜାତିର ପିତା ଗାନ୍ଧି ନୁହନ୍ତି, ରାହୁଲଗାନ୍ଧି ଯୁବକମାନଙ୍କୁ ଏ ଦେଶର ଅବସ୍ଥା ବିଷୟରେ ବୁଝାଇବାକୁ ଚେଷ୍ଟା କରୁଛନ୍ତି । ସେ ସାଂସଦ, ପୁଣି ବିରୋଧୀ ଦଳର ନେତା ଲୋକସଭାରେ । ମାତ୍ର ଗାନ୍ଧିଜୀଙ୍କ ପରି ତାଙ୍କର ନୀତି ଓ ଆଦର୍ଶ କାହିଁକି ଆକର୍ଷଣ କରିବ ଯେ ଆମ ଯୁବକ ଓ ଛାତ୍ରମାନେ ତାଙ୍କ କଥା ମାନିବେ ? ଗୋରା ଲୋକଙ୍କୁ ତଡ଼ି ନିଜକୁ ନିଜେ ଆମେ କଳା ଲୋକମାନେ ଶାସନ କଲୁ ଯେ କେତେ କ'ଣ ବିକାଶ ଆମର ହୋଇଗଲା ? ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁବକ ଓ ଛାତ୍ରମାନଙ୍କୁ ଏବେ ଉଦ୍‌ବୋଧନ ଦେଉଛନ୍ତି । ଆମର ଯୁବକମାନଙ୍କ ଉପରେ ତାଙ୍କର ପ୍ରଭାବ ହୁଏତ ପଡ଼ିପାରେ । କାରଣ ମୋଦିଜୀ ଏକ 'ନୂତନ ଭାରତ'ର ଆଉ 'ବିକଶିତ ଭାରତ'ର ସ୍ୱପ୍ନ ଦେଖୁଛନ୍ତି । କୃଷି, ଶିଳ୍ପ ଓ ଅର୍ଥନୀତି ପ୍ରଭୃତି କ୍ଷେତ୍ରରେ ଆମକୁ ଅଗ୍ରସର ହେବାକୁ ପଡୁଛି । ଖେଳନା ଓ ଟେଲିଫୋନ କ୍ଷେତ୍ରରେ ବିଶ୍ୱ ବଜାରରେ ଚାଇନା ଯେପରି ପତିଆରା ସୃଷ୍ଟି କରି ବ୍ୟବସାୟ କରିଆସୁଥିଲା, ଏବେ ଭାରତ ସେ ସ୍ଥାନ ନେଇଛି । ବିଭିନ୍ନ ଯୁଦ୍ଧ ସରଞ୍ଜାମ ଯାହାକୁ ଭାରତ ବିଦେଶରୁ ଆମଦାନୀ କରୁଥିଲା, ଏବେ ସେ ପରିସ୍ଥିତିକୁ ଅତିକ୍ରମ କରି ସ୍ୱଦେଶୀ ଜ୍ଞାନକୌଶଳରେ ସରଞ୍ଜାମ ନିର୍ମାଣ କରି ଭାରତ ଆତ୍ମନିର୍ଭରଶୀଳ ହୋଇପାରିଛି ।

ଏସବୁ ସତ୍ତ୍ୱେ, ଅନେକ ଭାରତୀୟ ସ୍ୱାବଲମ୍ବନଶୀଳ ହେବାକୁ ଅନେକ ଦିନ ବାକି ଅଛି । ଆୟୁଷ୍ମାନ କାର୍ଡର ସୁଯୋଗ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟର ସୁବିଧା କରିପାରି ନାହିଁ । ଉଚ୍ଚଶିକ୍ଷା ଲାଭ କରିବାକୁ ଅନେକ ଭାରତୀୟ ଛାତ୍ରୀଛାତ୍ରଙ୍କ ନିକଟରେ ଅର୍ଥ ନାହିଁ । ବିଭିନ୍ନ କଳାକାରଖାନାରୁ ଅବସର ନେଇ ମାତ୍ର ହଜାରେ ଟଙ୍କା ପେନସନ୍ ପାଉଥିବା ଲକ୍ଷ ଲକ୍ଷ ପେନସନ୍‌ଭୋଗୀ ସୁବିଧାରେ ଚଳିପାରୁ ନାହାନ୍ତି । ଅନେକ ରୋଜଗାର ନ ଥିବା ଛାତ୍ର ଓ ଯୁବକଙ୍କୁ ଭତ୍ତା ମିଳୁନାହିଁ କି ଋଣ କରିବାକୁ ସେମାନଙ୍କର ସାହସ ମଧ୍ୟ ନାହିଁ । ଅନେକ ବୃଦ୍ଧ ବ୍ୟକ୍ତି ଏବେ ମାସିକ ପେନ୍‌ସନରୁ ବଞ୍ଚିତ । ସ୍ୱାଧୀନତାର ଅଣାଅଶୀ ବର୍ଷ ପରେ ମଧ୍ୟ ଅନେକ ସ୍ୱାଧୀନତାର ପ୍ରକୃତ ସ୍ୱାଦ ଚାଖି ପାରୁନାହାନ୍ତି । ଏଥିପାଇଁ ଦାୟୀ କିଏ ?

**ଅନେକ ଭାରତୀୟ ସ୍ୱାବଲମ୍ବନଶୀଳ ହେବାକୁ ଅନେକ ଦିନ ବାକି ଅଛି । ଆୟୁଷ୍ମାନ କାର୍ଡର ସୁଯୋଗ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟର ସୁବିଧା କରିପାରି ନାହିଁ । ଉଚ୍ଚଶିକ୍ଷା ଲାଭ କରିବାକୁ ଅନେକ ଭାରତୀୟ ଛାତ୍ରୀଛାତ୍ରଙ୍କ ନିକଟରେ ଅର୍ଥ ନାହିଁ । ବିଭିନ୍ନ କଳାକାରଖାନାରୁ ଅବସର ନେଇ ମାତ୍ର ହଜାରେ ଟଙ୍କା ପେନସନ୍ ପାଉଥିବା ଲକ୍ଷ ଲକ୍ଷ ପେନସନ୍‌ଭୋଗୀ ସୁବିଧାରେ ଚଳିପାରୁ ନାହାନ୍ତି । ଅନେକ ରୋଜଗାର ନ ଥିବା ଛାତ୍ର ଓ ଯୁବକଙ୍କୁ ଭତ୍ତା ମିଳୁନାହିଁ କି ଋଣ କରିବାକୁ ସେମାନଙ୍କର ସାହସ ମଧ୍ୟ ନାହିଁ । ଅନେକ ବୃଦ୍ଧ ବ୍ୟକ୍ତି ଏବେ ମାସିକ ପେନ୍‌ସନରୁ ବଞ୍ଚିତ । ସ୍ୱାଧୀନତାର ଅଣାଅଶୀ ବର୍ଷ ପରେ ମଧ୍ୟ ଅନେକ ସ୍ୱାଧୀନତାର ପ୍ରକୃତ ସ୍ୱାଦ ଚାଖି ପାରୁନାହାନ୍ତି । ଏଥିପାଇଁ ଦାୟୀ କିଏ ?**

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସ୍ୱାଧୀନ ଭାରତର ପଥପ୍ରଦର୍ଶକ



**ଶ୍ରୀ ସି. ପି. ରାଧାକୃଷ୍ଣନ**
**ଉପରାଷ୍ଟ୍ରପତି**

ଭାରତର ୮୦ତମ ସ୍ୱାଧୀନତା ଦିବସ ପାଳନର ଏହି ମହତ୍ତ୍ୱ ପୂର୍ଣ୍ଣ ଅବସରରେ, ମୁଁ ପ୍ରତ୍ୟେକ ଭାରତୀୟଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଏଥିସହିତ, ମୁଁ ଭାରତର ସ୍ୱାଧୀନତା ପାଇଁ ନିଜର ସର୍ବସ୍ୱ ଉତ୍ସର୍ଗ କରିଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଗତ ସପ୍ତାହରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଗସ୍ତ ସମୟରେ 'ହର ଘର ତିରଙ୍ଗା' ଅଭିଯାନର ଅଂଶବିଶେଷ ସ୍ୱରୂପ ଆମର ଜାତୀୟ ପତାକା ଉତ୍ତୋଳନ କରିବା ଏବଂ ମହାନ ଦେଶପ୍ରେମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ତ୍ରିରଙ୍ଗା ଉତ୍ତୋଳନର ଐତିହାସିକ ସ୍ମୃତିକୁ ଶ୍ରଦ୍ଧାଞ୍ଜଳି ଦେବାର ସୌଭାଗ୍ୟ ମୋତେ ମିଳିଥିଲା । ଏହା ମୋ ପାଇଁ ଅତ୍ୟନ୍ତ ଭାବପ୍ରବଣତାପୂର୍ଣ୍ଣ ଏବଂ ଗୌରବମୟ ଅନୁଭବ ଥିଲା । ୩୦ ଡିସେମ୍ବର ୧୯୪୩ରେ ନେତାଜୀଙ୍କ ଆଜାଦ ହିନ୍ଦ ଫୌଜ ଭାରତୀୟ ଭୂଖଣ୍ଡରେ ପ୍ରଥମ ଥର ପାଇଁ ତିରଙ୍ଗା ଉତ୍ତୋଳନ କରିଥିବା ସେହି ପବିତ୍ର ମାଟି ଉପରେ ଠିଆ ହୋଇ ଜାତୀୟ ପତାକା ଉତ୍ତୋଳନ କରିବା ମୋ ପାଇଁ ଏକ ଅତ୍ୟନ୍ତ ଭାବବିହ୍ୱଳ ଓ ଗଭୀର ଅନୁଭୂତି ଥିଲା । ଏହି ଅବସରରେ ମୁଁ ସେପ୍ଟେମ୍ବର ୧୯୩୯ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମଦୁରାଇ ଯାତ୍ରାକୁ ମଧ୍ୟ ସ୍ମରଣ କରିଥିଲି ଯେତେବେଳେ ସେ ମହାନ ସ୍ୱାଧୀନତା ସଂଗ୍ରାମୀ ପସୁମ୍ପୋନ ମୁଥୁରାମଲିଙ୍ଗା ଥେବରଜୀଙ୍କ ନିମନ୍ତ୍ରଣ କ୍ରମେ ସେଠାରେ ପହଞ୍ଚିଥିଲେ । ଏହି ଐତିହାସିକ ମୁହୂର୍ତ୍ତ ଅଗଣିତ ଦେଶଭକ୍ତଙ୍କ ହୃଦୟରେ ସ୍ୱାଧୀନତାର ବହ୍ନି ଜାଳିଥିଲା ।

ଆଣ୍ଡାମାନସ୍ଥିତ ଜାତୀୟ ସ୍ମାରକୀ – ସେଲ୍ୟୁଲାର ଜେଲକୁ ମୋର ପରିଦର୍ଶନ ଆଉ ଏକ ଗଭୀର ପ୍ରେରଣାଦାୟକ ମୁହୂର୍ତ୍ତ ଥିଲା । ଏହି ଜେଲ୍‌ରେ ହିଁ ଭାରତ ମାତାର ମହାନ ସୁପୁତ୍ର ଶ୍ରୀ ବୀର ସାଭରକର, ଶ୍ରୀ ଯୋଗେନ୍ଦ୍ର ଶୁକ୍ଳ, ଶ୍ରୀ ବଟୁକେଶ୍ୱର ଦତ୍ତ, ଶ୍ରୀ ସଚିନ୍ଦ୍ର ନାଥ ସାନ୍ୟାଲଙ୍କ ସମେତ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ଉପନିବେଶବାଦୀ ଶକ୍ତି ବନ୍ଦୀ କରି ଏକାନ୍ତ କାରାବାସରେ ରଖିଥିଲେ । ଆଜି ମଧ୍ୟ, ଏହି ଜାତୀୟ ସ୍ମାରକୀର କାନ୍ଥସବୁ ଭାରତର ସ୍ୱାଧୀନତା ଓ ସମ୍ମାନ ପାଇଁ ନିଜ ଜୀବନ ସମର୍ପି ଦେଇଥିବା ବୀରମାନଙ୍କ ସାହସ, ସେମାନଙ୍କୁ ଦିଆଯାଇଥିବା ନିର୍ଯାତନା ଏବଂ ସର୍ବୋଚ୍ଚ ବଳିଦାନର କାହାଣୀ ବର୍ଣ୍ଣନା କରୁଥିବା ପରି ମନେହୁଏ । ଏହି ଯାତ୍ରା ମୋତେ ସେହି ସମସ୍ତ ରାଷ୍ଟ୍ର ବୀରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଏହି ଲେଖା ଲେଖିବାକୁ ପ୍ରେରଣା ଦେଇଥିଲା, ଯେଉଁମାନେ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ କରିଥିଲେ ଏବଂ ଦେଶକୁ ସ୍ୱାଧୀନ କରିବା ପାଇଁ ପ୍ରେରଣା ଦେଇଥିଲେ ।

୯ ଅଗଷ୍ଟରେ ଭାରତ ଛାଡ଼ ଆନ୍ଦୋଳନକୁ ସ୍ମରଣ କରି ଆଣ୍ଡାମାନ ଦ୍ୱୀପପୁଞ୍ଜରେ 'ହର ଘର ତିରଙ୍ଗା' ଅଭିଯାନର ଶୁଭାରମ୍ଭ କରିବା ମୋ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗର୍ବର ବିଷୟ ଥିଲା । ୧୯୪୨ ମସିହାରେ, ଭାରତ ଛାଡ଼ ଆନ୍ଦୋଳନ ପାଇଁ ଆହ୍ୱାନ ଦେବା ସମୟରେ, ଜାତିର ପିତା ମହାତ୍ମା ଗାନ୍ଧୀ ଦେଶକୁ 'କର ଅବା ମର' ନୀତି ଆପଣେଇବାକୁ ଡାକରା ଦେଇଥିଲେ । ଏହି ଆହ୍ୱାନ ସାରା ଦେଶରେ ସ୍ୱାଧୀନତା ପାଇଁ ଏକ ଶକ୍ତିଶାଳୀ ଆକାଂକ୍ଷାକୁ ପରିବ୍ୟାପ୍ତ କରିଥିଲା ।

ଆମ ସ୍ୱାଧୀନତା ସଂଗ୍ରାମୀମାନେ ନିଜର ଜୀବନକାଳରେ ଉପନିବେଶବାଦୀ ଶକ୍ତି ବିରୋଧରେ ଦୁର୍ବାର ସଂଘର୍ଷ କରିଥିଲେ । ସେହି ସ୍ୱାଧୀନତା ସଂଗ୍ରାମୀ ପିଢ଼ିଙ୍କ କାରଣରୁ ଆଜି ଆମକୁ ସ୍ୱାଧୀନ ଭାବେ ଜୀବନ ନିର୍ବାହ କରିବା ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ଅଧୀନରେ ସାମ୍ବିଧାନିକ ଅଧିକାର ସହିତ ବଞ୍ଚିବାର ସୌଭାଗ୍ୟ ମିଳିଛି । ସେ ସମୟରେ ଦେଶର କୋଣଅନୁକୋଣରେ କୋଟି କୋଟି ବୀର ସ୍ୱାଧୀନତା ସଂଗ୍ରାମୀ ଅତୁଟ ସମର୍ପଣ ଓ ତ୍ୟାଗ ସହିତ ଏହି ସଂଘର୍ଷରେ ସାମିଲ ହୋଇଥିଲେ । ଅନେକ ବୀର ଭାରତ ମାତାର ସ୍ୱାଧୀନତା ପାଇଁ ନିଜ ଜୀବନକୁ ସମର୍ପି ଦେଇଥିଲେ ।

**ସ୍ୱାଧୀନତା ସଂଗ୍ରାମୀମାନଙ୍କର ଗୌରବ ଗାଥା**

ଉତ୍ତରରେ କାଶ୍ମୀରରୁ ହେଉ କିମ୍ବା ଦକ୍ଷିଣରେ ତାମିଲନାଡୁ, ପଶ୍ଚିମରେ ଗୁଜରାଟ ଅଥବା ପୂର୍ବରେ ଆସାମ ହେଉ, ଦେଶର ସବୁ ଅଞ୍ଚଳ, ବର୍ଗ, ବୟସ, ଗୋଷ୍ଠୀ ଓ ଲିଙ୍ଗର ସ୍ୱାଧୀନତା ସଂଗ୍ରାମୀମାନେ ଏକତ୍ରିତ ହୋଇ ଭାରତ ମାତାର ସ୍ୱାଧୀନତା ପାଇଁ ଗୋଟିଏ ଲକ୍ଷ୍ୟ ନେଇ ସଂଘର୍ଷ କରିଥିଲେ ।

ପ୍ରଥମ ସ୍ୱାଧୀନତା ସଂଗ୍ରାମ ସମୟରେ ରାଣୀ ଲକ୍ଷ୍ମୀବାଈ ପ୍ରତିରୋଧର ଅମର ପ୍ରତୀକ ସାଜିଥିଲେ । ମଙ୍ଗଳ ପାଣ୍ଡେଙ୍କ ସାହସ ଏବଂ ବାଲ ଗଙ୍ଗାଧର ତିଲକଙ୍କ ନିର୍ଭୀକ ଉଦ୍‌ଘୋଷ – 'ସ୍ୱରାଜ ମୋର ଜନ୍ମସିଦ୍ଧ ଅଧିକାର ଏବଂ ମୁଁ ଏହାକୁ ନିଶ୍ଚେ ହାସଲ କରିବି'– ସ୍ୱାଧୀନତା ଦିଗରେ ଆଗକୁ ବଢ଼ୁଥିବା ରାଷ୍ଟ୍ରର ପ୍ରତ୍ୟେକ ପଦକ୍ଷେପକୁ ଶକ୍ତି ପ୍ରଦାନ କରିଥିଲା ।

ଏହି କ୍ରମରେ ଭି.ଓ. ଚିଦମ୍ବରମ ପିଲାଇ ଭାରତର ପ୍ରଥମ ସ୍ୱଦେଶୀ ପୋତ-ପରିବହନ ଉଦ୍ୟୋଗ ଆରମ୍ଭ କରି ଔପନିବେଶିକ ଶାସନର ଆର୍ଥିକ ଆଧିପତ୍ୟକୁ ସାମ୍ନା କରିଥିଲେ । ସ୍ୱାଧୀନତା ସଂଗ୍ରାମ କେବଳ ରଣଭୂମିରେ ସୀମିତ ରହିନଥିଲା, ବରଂ ଆର୍ଥିକ ଓ ବ୍ୟବସାୟିକ କ୍ଷେତ୍ରରେ ମଧ୍ୟ ଲାଭ ହେଉଥିଲା ବୋଲି ଏଥିରୁ ପ୍ରମାଣିତ ହୋଇଥାଏ । ଭଗତ ସିଂହ, ରାଜଗୁରୁ ଏବଂ ସୁଖଦେବଙ୍କ କ୍ରାନ୍ତିକାରୀ ଭାବନା ଆଗାମୀ ପିଢ଼ିକୁ ସ୍ୱାଧୀନତା ପାଇଁ ତ୍ୟାଗ ଓ ବଳିଦାନର ମାର୍ଗ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲା । ଅନୁରୂପ ଭାବେ, ରାଣୀ ଗାଇଦିନଲ୍ୟୁଙ୍କ ଦୃଢ଼ ସଂକଳ୍ପ ଉତ୍ତର-ପୂର୍ବ ଭାରତରେ ବ୍ରିଟିଶ ଶାସନ ବିରୋଧରେ ପ୍ରତିରୋଧର ଅଗ୍ନିକୁ ପ୍ରଜ୍ୱଳିତ ରଖିଥିଲା ।

ଆସାମର ଜଣେ ଯୁବ ବୀରାଙ୍ଗନା କନକଲତା ବରୁଆ ଭାରତ ଛାଡ଼ ଆନ୍ଦୋଳନର ନେତୃତ୍ୱ ନେବା ସମୟରେ ଅଦମ୍ୟ ସାହସର ସହିତ ହାତରେ ଜାତୀୟ ପତାକା ଧରି ଆଗକୁ ବଢ଼ିଥିଲେ ଏବଂ ଶେଷରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ଭଗବାନ ବିର୍ସା ମୁଣ୍ଡା ଏବଂ ଅନେକ ଆଦିବାସୀ ନେତା ମଧ୍ୟ ଉପନିବେଶବାଦୀ ଶାସନ ବିରୁଦ୍ଧରେ ଐତିହାସିକ ବିପ୍ଳବର ନେତୃତ୍ୱ ନେଇଥିଲେ ।

ଇତିହାସ ପୃଷ୍ଠାରେ ସାହସ, ସଂଘର୍ଷ, ଧୈର୍ଯ୍ୟ ଓ ଦୃଢ଼ ସଂକଳ୍ପରେ ପରିପୂର୍ଣ୍ଣ ଏପରି ଅଗଣିତ କାହାଣୀ ରହିଛି । ଏ କାହାଣୀଗୁଡ଼ିକ ଏକାଠି ବୀରତ୍ୱ ଓ ତ୍ୟାଗର ଏକ ସମୃଦ୍ଧ ଐତିହ୍ୟ ସୃଷ୍ଟି କରିଥାନ୍ତି । ଏସବୁ ଗାଥା ଆମକୁ ମନେ ପକାଇ ଦିଅନ୍ତି ଯେ ଭାରତର ସ୍ୱାଧୀନତା ଅଗଣିତ ବୀରଙ୍କ ସାମୂହିକ ସଂକଳ୍ପ ମାଧ୍ୟମରେ ହାସଲ କରାଯାଇଥିଲା ଏବଂ ସେମାନଙ୍କର ଜୀବନାଦର୍ଶ ଆଜି ମଧ୍ୟ ଅନେକ ପିଢ଼ିକୁ ପ୍ରେରଣା ଦେଇ ଆସୁଛି ।

**ସ୍ୱାଧୀନତା ଆନ୍ଦୋଳନରେ ତିରୁପ୍ପୁରର ଯୋଗଦାନ**

ଏହି ସ୍ୱାଧୀନତା ଦିବସରେ, ମୁଁ ତିରୁପ୍ପୁର କୁମାରନଜୀଙ୍କୁ ସମ୍ମାନର ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସେ 'କୋଡି କାଥା କୁମାରନ', ଅର୍ଥାତ 'ପତାକାକୁ ସୁରକ୍ଷା ଦେଇଥିବା କୁମାରନ ନାମରେ ଲୋକପ୍ରିୟ । ସ୍ୱାଧୀନତା ସଂଗ୍ରାମ ସମୟରେ ସେ ମୋର ଜନ୍ମସ୍ଥାନ ତିରୁପ୍ପୁରରେ ସ୍ୱାଧୀନତା ପାଇଁ ନିଜ ଜୀବନ ବଳି ଦେଇଥିଲେ । ଆସନ୍ନ ମୃତ୍ୟୁର ସମ୍ମୁଖୀନ ହେବା ସତ୍ତ୍ୱେ, ସେ ଜାତୀୟ ପତାକାକୁ ତଳେ ପଡ଼ିବାକୁ ଦେଇ ନଥିଲେ ଏହି କାରଣରୁ ତାଙ୍କୁ ଏହି ସମ୍ମାନଜନକ ଉପାଧି ମିଳିଛି ।

ଖୁବ୍ କମ୍ ବୟସରେ କୁମାରନଙ୍କ ହୃଦୟରେ ଦେଶପ୍ରେମର ଭାବନା ଜାଗି ଉଠିଥିଲା । 'ସ୍ୱରାଜ ଆମର ଜନ୍ମସିଦ୍ଧ ଅଧିକାର' ଆହ୍ୱାନ ଦ୍ୱାରା ଅନୁପ୍ରାଣିତ ହୋଇ ସେ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ । ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ବିଶେଷ ଭାବେ ପ୍ରଭାବିତ ହୋଇ କୁମାରନ୍‌ଜୀ ସାଧାରଣ ଲୋକ, ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ରାଷ୍ଟ୍ରବାଦର ଭାବନା ଜାଗ୍ରତ କରିବା ଲାଗି ଦେଶବନ୍ଧୁ ଯୁବ ସଂଘ ପ୍ରତିଷ୍ଠା କରିଥିଲେ । କୁମାରନଜୀଙ୍କର ଦୃଢ଼ ବିଶ୍ୱାସ ରହିଥିଲା ଯେ, ପ୍ରକୃତ ସ୍ୱାଧୀନତା ସେତିକି ବେଳେ ମିଳିପାରିବ ଯେତେବେଳେ ଲୋକମାନେ ଉପନିବେଶବାଦୀ ଶାସନର ଅନ୍ୟାୟ ବିରୋଧରେ ସଚେତନ ହେବେ ଏବଂ ଏହା ବିରୋଧରେ ସଂଘର୍ଷ କରିବାର ସାହସ ତଥା ସ୍ପଷ୍ଟ ଦୃଷ୍ଟିକୋଣ ବିକଶିତ କରିପାରିବେ ।

ଗାନ୍ଧୀବାଦୀ ସାମାଜିକ ସଂସ୍କାର ନୀତି ପ୍ରତି ସମର୍ପିତ କୁମାରନଜୀ ସକ୍ରିୟ ଭାବରେ ମଦ ନିଷେଧ ଆନ୍ଦୋଳନକୁ ସମର୍ଥନ କରିଥିଲେ । ସେ ଏହାକୁ ସାମାଜିକ ଓ ଜାତୀୟ ପୁନର୍ଜାଗରଣ ଦିଗରେ ଏକ ଜରୁରୀ ପଦକ୍ଷେପ ଭାବରେ ବିବେଚନା କରିଥିଲେ । ଏହି ଉଦ୍ଦେଶ୍ୟ ନେଇ ସେ ତାଡି ଦୋକାନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ଲୋକମାନଙ୍କୁ ମଦ୍ୟପାନରୁ ଦୂରେଇ ରହିବା ତଥା ଶୃଙ୍ଖଳିତ ଜୀବନଶୈଳୀ ଗ୍ରହଣ କରିବାକୁ ଅନୁପ୍ରାଣିତ କରିଥିଲେ ।

୧୦ ଜାନୁଆରୀ ୧୯୩୨ରେ, ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ, କୁମାରନ୍ ଏକ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ । ଜାତୀୟ ପତାକା ଧରି ସେ କିଛି ସାହସୀ ସାଥୀଙ୍କ ସହିତ ଆଗକୁ ବଢ଼ିଥିଲେ ଏବଂ ତିରୁପ୍ପୁରର ବିଭିନ୍ନ ରାସ୍ତାରେ 'ବନ୍ଦେ ମାତରମ୍'ର ପ୍ରେରଣାଦାୟୀ ସ୍ୱର ପ୍ରତିଧ୍ୱନିତ ହୋଇଥିଲା ।

ଉପନିବେଶବାଦୀ ଶକ୍ତି ଏହି ଶୋଭାଯାତ୍ରା ଉପରେ ଆକ୍ରମଣ କରିଥିଲେ । 'ବନ୍ଦେ ମାତରମ୍' ଗାଇବା ଏବଂ ଜାତୀୟ ପତାକାକୁ ନିଜ ଛାତିରେ ଜାବୁଡ଼ି ଧରିବା ସମୟରେ କୁମାରନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଏହି ସମୟରେ ସେ ଦେଶ ପାଇଁ ନିଜ ଜୀବନକୁ ବଳିଦାନ ଦେଇଥିଲେ । ମୃତ୍ୟୁ ସମୟରେ ତାଙ୍କର ବୟସ ମାତ୍ର ୨୭ ବର୍ଷ ଥିଲା ।

ତିରୁପ୍ପୁର କୁମାରନଙ୍କ ବୟସ ବିଷୟରେ ଉଲ୍ଲେଖ କରିବା ସମୟରେ ମୋର ସେହି ଅନେକ ଯୁବବର୍ଗଙ୍କ କଥା ମନେ ପଡ଼ିଥାଏ ଯେଉଁମାନେ ଭାରତ ମାତା ପାଇଁ ନିଜର ପ୍ରାଣ ବଳି ଦେଇଥିଲେ । ଏମାନଙ୍କ ମଧ୍ୟରେ ଭଗତ ସିଂହ (୨୩ ବର୍ଷ), ସୁଖଦେବ (୨୩ ବର୍ଷ), ରାଜଗୁରୁ (୨୨ ବର୍ଷ), ଖୁଦିରାମ ବୋଷ (୧୮ ବର୍ଷ), କନକଲତା ବରୁଆ (୧୮ ବର୍ଷ), ଅନନ୍ତ ଲକ୍ଷ୍ମଣ କାହ୍ନେରେ (୧୯ ବର୍ଷ), ବଞ୍ଚିନାଥନ (୨୫ ବର୍ଷ) ଏବଂ ଏପରି ଅନେକ ଯୁବବର୍ଗ ସାମିଲ ଅଛନ୍ତି । ନିଜ ନଶ୍ୱର ଜୀବନକୁ ବଳିଦାନ ଦେଇ ସେମାନେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ଏକ ଅମର ସ୍ଥାନ ପ୍ରାପ୍ତ କରିଛନ୍ତି ।


ଇତିହାସ ପୃଷ୍ଠାରେ ଯେଉଁମାନଙ୍କର ଅବଦାନ ଦୀର୍ଘ ଦିନ ଧରି ଅଣଦେଖା ହୋଇ ରହିଥିଲା, ଜାତୀୟ ଆନ୍ଦୋଳନର ସେହି ଅଜ୍ଞାତ ନାୟକମାନଙ୍କୁ ସାମ୍ନାକୁ ଆଣିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯେଉଁ ପଦକ୍ଷେପ ନେଇଛନ୍ତି, ତାହାକୁ ମୁଁ ପ୍ରଶଂସା କରୁଛି । ସମସ୍ତ ଜ୍ଞାତ ଏବଂ ଅଜ୍ଞାତ ସ୍ୱାଧୀନତା ସଂଗ୍ରାମୀଙ୍କୁ ମୁଁ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି ।

ଏହି ଐତିହାସିକ ଅବସରରେ, ଆସନ୍ତୁ ଆମେ ଆମ ମାତୃଭୂମି ପ୍ରତି ଆମର କର୍ତ୍ତବ୍ୟ ବିଷୟରେ ଚିନ୍ତନ କରିବା ଏବଂ ଆମର ପ୍ରତିବଦ୍ଧତାକୁ ଦୋହରାଇବା । ଏହି ଅମୃତ କାଳରେ, ଆସନ୍ତୁ ଆମେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ନିର୍ମାଣ ପାଇଁ ନିଜକୁ ଉତ୍ସର୍ଗ କରିବା ଏବଂ ଦେଶର ପ୍ରଗତି ଓ ସମୃଦ୍ଧି ପାଇଁ ଏକାଠି କାମ କରିବା । ଅଦମ୍ୟ ସାହସର ସହିତ ଲଢ଼ି ଆମ ସ୍ୱାଧୀନତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସେହି ସାହସୀ ସୁପୁତ୍ରଙ୍କ ପ୍ରତି ଏହା ହେବ ଆମର ପ୍ରକୃତ ତଥା ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ।

ଜୟ ହିନ୍ଦ!

ଭାରତ ମାତା କୀ ଜୟ !

# ଆଗାମୀ ଦିନରେ କୃଷିପ୍ରତି ଆହ୍ୱାନ



**ବିଦ୍ୟାଧର ମହାରଣା**

ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ଦେଶର ଅର୍ଥନୀତି, ଖାଦ୍ୟ ସୁରକ୍ଷା ଏବଂ ଗ୍ରାମୀଣ ଜୀବନଯାପନରେ କୃଷିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶରେ ଏବେବି ମୋଟ କାର୍ଯ୍ୟ ବଳର ୪୭ ପ୍ରତିଶତ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କୃଷି ଉପରେ ନିର୍ଭରଶୀଳ ଏବଂ ଦେଶର ମୋଟ ଜି.ଡି.ପି (ସାମଗ୍ରିକ ଘରୋଇ ଉତ୍ପାଦ)କୁ କୃଷିର ଅବଦାନ ୧୭ ପ୍ରତିଶତ । ୧୯୬୬ ସବୁଜ ବିପ୍ଳବ ପରେ ଭାରତ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇଥିଲେ ମଧ୍ୟ ବର୍ତ୍ତମାନ କୃଷି କ୍ଷେତ୍ର ବିଭିନ୍ନ ନୂତନ ସମସ୍ୟାର ସମ୍ମୁଖୀନ ହେଉଛି । ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ଭୂ-ଅବକ୍ଷୟ, ଜଳ ଅଭାବ, ଜୈବ ବିଭିନ୍ନତାରେ ଅସ୍ଥିରତା, ବଜାର ଅସ୍ଥିରତା ଏବଂ ଆଧୁନିକ ପ୍ରଯୁକ୍ତିର ସୀମିତ ବ୍ୟବହାର ଭବିଷ୍ୟତରେ ଭାରତୀୟ କୃଷି ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

ଭାରତୀୟ କୃଷି ପ୍ରାୟତଃ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅନିୟମିତ ବର୍ଷା, ଖରା, ବନ୍ୟା, ଅତ୍ୟଧିକ ଉତ୍ତାପ ଏବଂ ବାତ୍ୟାର ସଂଖ୍ୟା ବଢୁଛି । ଏହା ଫସଲ ଉତ୍ପାଦନକୁ ପ୍ରଭାବିତ କରିବା ସହ କୃଷକଙ୍କ ଆୟକୁ ମଧ୍ୟ ହ୍ରାସ କରୁଛି । ଭବିଷ୍ୟତରେ ଜଳବାୟୁ ସହନଶୀଳ କୃଷି ପ୍ରଣାଳୀ ଅନୁସରଣ ଅତ୍ୟାବଶ୍ୟକ ହୋଇ ପଡିଛି । ଭୂତଳ ଜଳର ଅତ୍ୟଧିକ ବ୍ୟବହାର ଏବଂ ଅନିୟମିତ ବର୍ଷା ଯୋଗୁଁ ସେଚନ ପାଇଁ ଜଳର ଅଭାବ ଦେଖା ଦେଉଛି । ଅନେକ ଅଞ୍ଚଳରେ ଭୂଗର୍ଭ ଜଳସ୍ତର ଦ୍ରୁତ ହ୍ରାସ ପାଉଛି । ଏହାର ସମାଧାନ ପାଇଁ ଡ୍ରିପ୍ ସେଚନ ବା ବୁନ୍ଦା ଜଳସେଚନ, ସ୍ପ୍ରିଂକଲର ସେଚନ, ବର୍ଷାଜଳ ସଂରକ୍ଷଣ ଏବଂ ଜଳର ସୁବିଚାରିତ ବ୍ୟବହାର ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ।

ଆଭାସୀ ଜଳ (ଭର୍ଚୁଆଲ ୱାଟର) ନୀତି ଉପରେ ମଧ୍ୟ ଚିନ୍ତା କରିବା ବେଳ ଆସିଛି । ଆମେ ଯାହା ବିଦେଶକୁ ରପ୍ତାନୀ କରୁଛୁ ସେଥିରେ ଆଭାସୀ ଜଳ ରହିଛି । ଆମଦାନୀ କରିବା ଅର୍ଥ ଆଭାସୀ ଜଳ ଦେଶକୁ ଆସୁଛି । ଏହି କାରଣରୁ ଜାପାନ ବାହାରୁ ଅଧିକ ଆମଦାନୀ ଉପରେ ଗୁରୁତ୍ୱ ଦେଉଛି । ଜଳସେଚିତ ଜମିରେ ଅଧିକ ଜଳ ଆବଶ୍ୟକ କରୁଥିବା ଧାନ , ଆଖୁ ଇତ୍ୟାଦି ଫସଲ ଚାଷ ଅପେକ୍ଷା ମିଶ୍ରିତ ଫସଲ ଚାଷ ଅଧିକ ସ୍ପୃହଣୀୟ । ସବୁ ଜଳସେଚନ ଉତ୍ସର ଜଳ ବିନିଯୋଗ ଦକ୍ଷତା ଅନ୍ତତଃ ୫୦ ପ୍ରତିଶତକୁ ବୃଦ୍ଧି କରିବା ଆବଶ୍ୟକ ।

ଜନସଂଖ୍ୟା ବୃଦ୍ଧି, ସହରୀକରଣ ଏବଂ ଶିଳ୍ପାୟନ ଯୋଗୁଁ କୃଷି ଜମିର ପରିମାଣ କ୍ରମାଗତ ଭାବେ କମୁଛି । ଦେଶରେ ୧୯୫୧ ମସିହାରେ ମୁଣ୍ଡ ପିଛା ଚାଷଜମି ୦.୪୮ ହେକ୍ଟର ଥିବା ବେଳେ ଏହା ଏବେ ୦.୧୧ ହେକ୍ଟରକୁ ଖସି ଆସିଛି । ଅନ୍ୟ ପକ୍ଷରେ ଜନସଂଖ୍ୟା ବୃଦ୍ଧି ପାଇଛି । ପରିବାର ବିଭାଜନ ଫଳରେ ଜମିର ଆକାର ମଧ୍ୟ ଛୋଟ ହେଉଛି । ଏପରି ପରିସ୍ଥିତିରେ କମ୍ ଜମିରେ ଅଧିକ ଉତ୍ପାଦନ କରିବା ପାଇଁ ଉନ୍ନତ କୃଷି ପ୍ରଣାଳୀ ଓ ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ ଆବଶ୍ୟକ । ପଞ୍ଜାବ, ହରିଆଣା ପରି ଅନ୍ୟ ରାଜ୍ୟଗୁଡିକରେ ସମ୍ପୂର୍ଣ୍ଣ ଭାବରେ ଚକବନ୍ଦୀ ସମ୍ପୂର୍ଣ୍ଣ ହେବା ସହିତ ଚାଷଜମିଗୁଡିକର ବିକାଶ ହେବା ଆବଶ୍ୟକ ।

ସଘନ କୃଷିରେ ଅଧିକ ରାସାୟନିକ ସାର ଏବଂ କୀଟନାଶକର ଅତ୍ୟଧିକ ବ୍ୟବହାର ମୃତ୍ତିକାର ଉର୍ବରତାକୁ କ୍ଷତିଗ୍ରସ୍ତ କରୁଛି । ଜୈବ ପଦାର୍ଥର ଅଭାବ ଏବଂ ମୃତ୍ତିକା କ୍ଷୟ ମଧ୍ୟ ଏକ ଗୁରୁତର ସମସ୍ୟା । ଜୈବିକ କୃଷି, ସନ୍ତୁଳିତ ସାର ପ୍ରୟୋଗ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷାକୁ ପ୍ରୋତ୍ସାହନ ଦେବା ଦ୍ୱାରା ଏହି ସମସ୍ୟାର ସମାଧାନ ସମ୍ଭବ । ତେବେ ଗ୍ରାମାଞ୍ଚଳରେ ଗାଈ ଗୋରୁଙ୍କ ସଂଖ୍ୟା କମୁଥିବା କାରଣରୁ ଏଥିରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି ହେଉଛି । କୃଷିର ଆଧାର ଉତ୍ପାଦନକ୍ଷମ ମୃତ୍ତିକା ହେଉଥିବା ଯୋଗୁଁ ମୃତ୍ତିକାର ସ୍ୱାସ୍ଥ୍ୟରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ଜରୁରୀ ।

କୃଷକମାନେ ପ୍ରାୟତଃ ତାଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଇପାରନ୍ତି ନାହିଁ । ବଜାରରେ ଦରର ଉତ୍ଥାନ-ପତନ, ସଂରକ୍ଷଣ ବ୍ୟବସ୍ଥାର ଅଭାବ ଏବଂ ମଧ୍ୟସ୍ଥଙ୍କ ପ୍ରଭାବ କୃଷକଙ୍କ ଆୟକୁ ପ୍ରଭାବିତ କରେ । ଉନ୍ନତ ବଜାର ବ୍ୟବସ୍ଥା, କୋଲ୍ଡ ଷ୍ଟୋରେଜ୍, ମୂଲ୍ୟ ସଂଯୋଜନ ଏବଂ ଡିଜିଟାଲ ବିପଣନ ବ୍ୟବସ୍ଥାର ବିକାଶ ଭବିଷ୍ୟତର ଆବଶ୍ୟକତା ହୋଇଥିଲେ ମଧ୍ୟ ଏଗୁଡ଼ିକର ସମାଧାନ ଏତେ ସହଜ ନୁହଁ ।

ସରକାର ଜାତୀୟ କୃଷକ କମିଶନ, ୨୦୦୬ ରିପୋର୍ଟ ଅନୁସାରେ ୨୩ ଗୋଟି କୃଷି ଫସଲର ସହାୟକ ମୂଲ୍ୟ ଘୋଷଣା କରୁଛନ୍ତି । ତେବେ ସବୁ ବଳକା ଖାଦ୍ୟଶସ୍ୟ ଇତ୍ୟାଦିକୁ ସର୍ବନିମ୍ନ ସହାୟକ ମୂଲ୍ୟରେ କିଣିବାକୁ କୃଷକମାନେ ଦାବି କରିବା ବେଳେ ସରକାର ଏଥିରେ ଅସମର୍ଥ ହେଉଛନ୍ତି । କେବଳ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ଆବଶ୍ୟକ ଖାଦ୍ୟ ଶସ୍ୟ ଛଡା ଅଧିକ ଉତ୍ପାଦ କିଣି ସରକାର କରିବେ କ'ଣ? ଚାଷୀମାନେ ଯଦି କୃଷି କ୍ଷେତ୍ରରେ ବିବିଧୀକରଣ କରନ୍ତେ ଏହି ସମସ୍ୟାର ସମାଧାନ ହୋଇ ପାରନ୍ତା । ତେବେ ଚାଷୀମାନେ ଅଧିକ ଋଣଗ୍ରସ୍ତ ହେଉଥିବାରୁ ସେମାନଙ୍କ ପାଇଁ ଅନୁଷ୍ଠାନିକ କୃଷି ଋଣ ଯୋଗାଣ ଉପରେ ଅଧିକ ଧ୍ୟାନଦେବା ଜରୁରୀ । ଏହାସହିତ ଫସଲ ବୀମା ଯୋଜନାର ସୁଫଳକୁ ସବୁ ଯୋଗ୍ୟ ଚାଷୀ ଗ୍ରହଣ କରିବା ମଧ୍ୟ ଆବଶ୍ୟକ ।

କୃଷି କ୍ଷେତ୍ରରେ ନୂତନ ପ୍ରଯୁକ୍ତିବିଦ୍ୟା ହିସାବରେ ଡ୍ରୋନ୍, କୃତ୍ରିମ ବୁଦ୍ଧିମତ୍ତା (AI), ସେନ୍ସର ଆଧାରିତ ଜଳ ସେଚନ, ସାଟେଲାଇଟ୍ ତଥ୍ୟ ଏବଂ ଡିଜିଟାଲ ପରାମର୍ଶ ସେବାର ଗୁରୁତ୍ୱ ବଢୁଛି । କିନ୍ତୁ ଛୋଟ ଓ ନାମମାତ୍ର କୃଷକମାନଙ୍କ ପାଖରେ ଏହି ପ୍ରଯୁକ୍ତିର ପହଞ୍ଚ ସୀମିତ । ପ୍ରଯୁକ୍ତିକୁ ସୁଲଭ ଏବଂ ସୁଲଭ ମୂଲ୍ୟରେ ଉପଲବ୍ଧ କରାଇବା ଭବିଷ୍ୟତର ଏକ ବଡ଼ ଆହ୍ୱାନ । ଦେଶର ୮୭ ପ୍ରତିଶତ ଚାଷୀ କ୍ଷୁଦ୍ର ଓ ନାମମାତ୍ର ହୋଇଥିବାରୁ ଏପରି ପ୍ରଯୁକ୍ତିବିଦ୍ୟା ବ୍ୟବହାର ପାଇଁ ଅସମର୍ଥ ହେବା ସ୍ୱାଭାବିକ ।

ଗ୍ରାମାଞ୍ଚଳରୁ ସହରକୁ ଲୋକଙ୍କ ସ୍ଥାନାନ୍ତରଣ ଫଳରେ କୃଷି କ୍ଷେତ୍ରରେ ଶ୍ରମିକ ଅଭାବ ଦେଖାଦେଉଛି । ଏହା ଚାଷ ଖର୍ଚ୍ଚ ବଢ଼ାଇବା ସହ ଉତ୍ପାଦନକୁ ପ୍ରଭାବିତ କରୁଛି । କୃଷି ଯାନ୍ତ୍ରିକୀକରଣ ଏବଂ ଆଧୁନିକ କୃଷି ଉପକରଣର ବ୍ୟବହାର ଏହି ସମସ୍ୟାର ସମାଧାନ ହୋଇପାରେ ।

ଏଥିପାଇଁ ବହୁ ସରକାରୀ ଯୋଜନା ରହିଥିଲେ ମଧ୍ୟ କୃଷକମାନେ ଏହାର ସଦୁପୋଯୋଗ କରି ପାରୁ ନାହାନ୍ତି । ଆଗ୍ରୋ ସର୍ଭିସ କେନ୍ଦ୍ରଗୁଡିକ ଅଧିକ କାର୍ଯ୍ୟକ୍ଷମ ହେବା ଜରୁରୀ ।

ଜନସଂଖ୍ୟା ବୃଦ୍ଧି ଓ ଲୋକଙ୍କ ରୋଜଗାର ବୃଦ୍ଧି ସହିତ ବିବିଧ ଖାଦ୍ୟର ଚାହିଦା ମଧ୍ୟ ବଢ଼ିବ । ତେଣୁ କେବଳ ଅଧିକ ଉତ୍ପାଦନ ନୁହେଁ, ବରଂ ପୌଷ୍ଟିକ ଖାଦ୍ୟ ଉତ୍ପାଦନ ଏବଂ ଖାଦ୍ୟର ଗୁଣବତ୍ତା ବଜାୟ ରଖିବା ମଧ୍ୟ ଏକ ବଡ଼ ଆହ୍ୱାନ ହୋଇଛି । ଅଧିକ ସଂଖ୍ୟାରେ ପୁଷ୍ଟି ସମ୍ବେଦନଶୀଳ କୃଷି , ପୁଷ୍ଟିକର ବଗିଚା, ପାକଶାଳା ବଗିଚା କରିବାର ଆବଶ୍ୟକତା ରହିଛି ।

କୃଷିରୁ ଆଶାନୁରୂପକ ଆୟ ମିଳୁନଥିବାରୁ ବହୁ ଚାଷୀ ଚାଷ ଛାଡୁଛନ୍ତି କିମ୍ବା ଜମି ପଡିଆ ପକାଉଛନ୍ତି । ଭାଗ ଚାଷୀ ସଂଖ୍ୟା ବଢୁଛି । କୃଷକ ଆୟ ଦ୍ୱିଗୁଣିତ କରିବାକୁ ସରକାର ବହୁ ଜନପ୍ରିୟ ଯୋଜନା କରିଥିଲେ ମଧ୍ୟ ଏହା ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରୁନାହିଁ । ଭାରତରେ ଏବେବି ହାରାହାରି ମାସିକ କୃଷକ ଆୟ ୧୦୦୦୦-୧୨୦୦୦ ଟଙ୍କା ମଧ୍ୟରେ ରହୁଛି । କୃଷି ଉତ୍ପାଦନ ବୃଦ୍ଧି, ଚାଷ ଖର୍ଚ୍ଚ ହ୍ରାସ ସହିତ କୃଷି ଉତ୍ପାଦ ବିକ୍ରି ପାଇଁ ଉପଯୁକ୍ତ ବଜାର କେବଳ ଏହି ସମସ୍ୟାର ସମାଧାନ କରିପାରିବ ।

ପରିଶେଷରେ ଏତିକି କୁହାଯାଇ ପାରିବ ଯେ ଭାରତୀୟ କୃଷିର ଭବିଷ୍ୟତ ଅନେକ ସୁଯୋଗ ସହିତ ଅନେକ ଚ୍ୟାଲେଞ୍ଜ ମଧ୍ୟ ନେଇ ଆସିଛି । ଜଳବାୟୁ ପରିବର୍ତ୍ତନ, ଜଳସଂକଟ, ଚାଷ ଜମିର ହ୍ରାସ, ମୃତ୍ତିକାର ଅବକ୍ଷୟ ଏବଂ ବଜାର ସମସ୍ୟାର ସଫଳ ମୁକାବିଲା ପାଇଁ ସରକାର, ବୈଜ୍ଞାନିକ, କୃଷି ଅନୁଷ୍ଠାନ ଏବଂ କୃଷକମାନଙ୍କ ମିଳିତ ପ୍ରୟାସ ଆବଶ୍ୟକ । ଆଧୁନିକ ପ୍ରଯୁକ୍ତି, ସ୍ଥାୟୀ କୃଷି ପଦ୍ଧତି, ଜଳ ସଂରକ୍ଷଣ, ଜୈବିକ କୃଷି ଏବଂ କୃଷକ-ଅନୁକୂଳ ନୀତି ମାଧ୍ୟମରେ ଭାରତୀୟ କୃଷିକୁ ଅଧିକ ସମୃଦ୍ଧ, ସ୍ଥାୟୀ ଏବଂ ଲାଭଜନକ କରାଯାଇ ପାରିବ । ଏହି ପଦକ୍ଷେପଗୁଡ଼ିକ କେବଳ କୃଷକଙ୍କ ଜୀବନମାନର ଉନ୍ନତି କରିବ ନାହିଁ, ବରଂ ଦେଶର ଖାଦ୍ୟ ସୁରକ୍ଷା ଓ ଅର୍ଥନୈତିକ ବିକାଶକୁ ମଧ୍ୟ ସୁନିଶ୍ଚିତ କରିବ ।

**କଳିଙ୍ଗନଗର ୭/୪୫୨**
**ଭୁବନେଶ୍ୱର ୭୫୧୦୨୯**
**ମୋ-୯୪୩୭୦୭୧୧୯୦**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଜାତୀୟ...

ଯେ ଭାରତ ଏବେ ନକ୍ସଲ ମୁକ୍ତ ହୋଇଛି । ବିଶ୍ୱରେ ଯୁଦ୍ଧ ସ୍ଥିତି ସତ୍ତ୍ୱେ ଭାରତୀୟ ଅର୍ଥନୀତି ହାରାହାରି ଦୁଇଗୁଣ ଅଭିବୃଦ୍ଧି ଘଟିଛି । ଗତ ଦଶନ୍ଧୀ ମଧ୍ୟରେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା ତଳୁ ଉପରକୁ ଉଠାଯାଇଛି । ସମ୍ବଳ ଅଭାବରୁ କୌଣସି ବ୍ୟକ୍ତି ଯେପରି ନ୍ୟାୟରୁ ବଞ୍ଚିତ ନ ରୁହନ୍ତି ତାହା ସୁନିଶ୍ଚିତ କରିବା ନ୍ୟାୟ ବ୍ୟବସ୍ଥା ସହିତ ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ । ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟ ନେଇ ଦେଶ ଆଗକୁ ବଢ଼ୁଛି । ଆଧୁନିକ ଭାରତ ନିର୍ମାଣ ସହ ସମାନତାର ଆଧାରରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଠିକ୍ ସମୟରେ ନ୍ୟାୟ ମିଳିବା ଆବଶ୍ୟକ । ୮୦ କୋଟି ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦିଆଯାଇଛି । ଯୁବଶକ୍ତିର ଅବଦାନ ଯୋଗୁ ଦେଶର ଷ୍ଟାର୍ଟଅପ୍ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ହୋଇଛି । ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ ନିର୍ମାତା ସବୁ ପରୀକ୍ଷା ବ୍ୟବସ୍ଥାରେ ଅଧିକ ସୁଧାର ଆଣିବା ପାଇଁ ବ୍ୟାପକ ପଦକ୍ଷେପର ଆବଶ୍ୟକତା ଉପରେ ରାଷ୍ଟ୍ରପତି ଗୁରୁତ୍ୱ ଦେଇଛନ୍ତି ।

## ବିନୟତୋଷ...

୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ଶ୍ରୀ ମିଶ୍ର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ନିଜର ଦକ୍ଷତା ଦେଖାଇଛନ୍ତି । ବର୍ତ୍ତମାନ ସେ କ୍ରାଇମ୍‌ବ୍ରାଞ୍ଚର ଡିଜି ଅଛନ୍ତି । ଅତୀତରେ ସରକାର ଶ୍ରୀ ମିଶ୍ରଙ୍କୁ ଅଗ୍ନିଶମ ସେବା, ଗୃହରକ୍ଷୀ ଓ ସିଭିଲି ଡିଫେନ୍ସ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଦେଇଥିଲେ । ତେବେ ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ନେଲାପରେ ଶ୍ରୀ ମିଶ୍ର କହିଛନ୍ତି ଯେ ଆଇନଶୃଙ୍ଖଳା ନିୟନ୍ତ୍ରଣକୁ ପ୍ରାଥମିକତା ଦେବେ । ପୋଲିସ ବାହିନୀ ସହ ମିଶି ରାଜ୍ୟବାସୀ ସୁରକ୍ଷା ଦେବା ତାଙ୍କର ପ୍ରାଥମିକତା ରହିବ । ଏହି ସୁଯୋଗ ପାଇଁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ ଡିଜିପି ଚୟନ ଉପରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ଦାୟର ହୋଇଛି । ସରକାର ପ୍ରଥମେ ଯେଉଁ ନାମ ସୁପାରିସ କରିଥିଲେ, ଏହାପରେ ସେଥିରୁ ଜଣଙ୍କ ନାମ ପ୍ରତ୍ୟାହାର କରିନେଇଥିଲେ । ପରେ ନିର୍ଦ୍ଧାରିତ ଯୋଗ୍ୟତା ନଥିବା କିଛି ଅଫିସରଙ୍କୁ ଡିଜିପି କରିବା ପାଇଁ ପ୍ରୟାସ ହେଉଥିବା ନେଇ ଅଭିଯୋଗ ହେବାରୁ ସୁପ୍ରିମକୋର୍ଟ ଏହା ଉପରେ ୧୮ ତାରିଖ ଯାଏଁ ରୋକ ଲଗାଇଛନ୍ତି । ଆସନ୍ତା ୧୮ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ ।

## ମୟୂରଭଞ୍ଜରେ...

ଅଞ୍ଚଳରୁ ଉଦ୍ଧାର କରାଯାଇଛି । ବିଶୋଇ ଥାନା ଖଡମବେଡ଼ା ଗ୍ରାମରେ ଘର ନିକଟସ୍ଥ ଏକ କୃତ୍ରିମ ଜଳାଶୟରେ ବୁଡ଼ି ଜଣେ ୯ ବର୍ଷୀୟ ବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ବଡ଼ସାହି ବ୍ଲକରେ ମାଛ ଧରିବାକୁ ଯାଇ ଜଣେ ଯୁବକ ବନ୍ୟାଜଳରେ ଭାସି ପ୍ରାଣ ହରାଇଛନ୍ତି । ଏହାସହ ବାଙ୍ଗିରିପୋଷି ଅଞ୍ଚଳରେ ପୋଲ ପାରି ହେବା ସମୟରେ ଭାସିଯାଇ ଗଛ ଡାଳରେ ଆଶ୍ରୟ ନେଇଥିବା ଜଣେ ଯୁବକଙ୍କୁ ଓଡ୍ରାଫ୍ ଟିମ୍ ସୁରକ୍ଷିତ ଭାବେ ଉଦ୍ଧାର କରିଛି । ବନ୍ୟା ଓ ଜଳବନ୍ଦୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ହେମକାନ୍ତ ସଏ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରିଛନ୍ତି । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଏହି ନିଷ୍ପତ୍ତି ନିଆଯାଇଛି । ଜିଲ୍ଲାର ବଡ଼ସାହି, ବେତନଟୀ, ବାରିପଦା, ବାଙ୍ଗିରିପୋଷି, ବହଳଦା, ଗୋପବନ୍ଧୁନଗର, ଖୁଣ୍ଟା, କୁସୁମୀ, କୁଳିଅଣା, କରଞ୍ଜିଆ, ଠାକୁରମୁଣ୍ଡା, ତିରିଂ, ରାସଗୋବିନ୍ଦପୁର, ଶ୍ୟାମାଖୁଣ୍ଟା, ଜାମଦା, ଯଶିପୁର, ଶୁଳିଆପଦା, ରାଇରଙ୍ଗପୁର, ଶୁକ୍ରୁଳି, ରରୁଆଁ, ମୋରଡ଼ା ଓ ବିଜାତଳା ବ୍ଲକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ଏପର୍ଯ୍ୟନ୍ତ ୨୮ଟି ଗ୍ରାମ ପଞ୍ଚାୟତ ଓ ୪୫ଟି ଗ୍ରାମର ପ୍ରାୟ ୧୭୩୫ ଜଣ ଲୋକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ବନ୍ୟାରେ ୨୧୫ଟି ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଥିମଧ୍ୟରେ ୨ଟି କୁଡ଼ିଆ ଘର ଓ ୧୧ଟି ଗୁହାଳ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ପ୍ରଶାସନ ପକ୍ଷରୁ ୧୦ଟି ଆଶ୍ରୟସ୍ଥଳୀ ଖୋଲାଯାଇଥିବା ସହ ୧୪ଟି ସ୍ଥାନରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆବଶ୍ୟକ ସ୍ଥାନରେ ବିଦ୍ୟାଳୟଗୁଡ଼ିକୁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରିବାକୁ ବିଡିଓ ଓ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବର୍ଷାର ପ୍ରକୋପ କମିଥିଲେ ମଧ୍ୟ ଉପରମୁଣ୍ଡରୁ ଆସୁଥିବା ବିପୁଳ ଜଳରାଶି ଯୋଗୁଁ ନଦୀଗୁଡ଼ିକରେ ବନ୍ୟା ସ୍ଥିତି ଜାରି ରହିଛି । ଜିଲ୍ଲାପାଳ, ଏସ୍‌ପି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରଭାବିତ ଅଞ୍ଚଳ ଗସ୍ତ କରି ପରିସ୍ଥିତିର ସମୀକ୍ଷା କରିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି ।

## ରାଜ୍ୟର...

ଓଡ଼ିଶାରେ ଲଗାଣ ବର୍ଷା ଯୋଗୁଁ ନଦୀକୂଳିଆ ଅଞ୍ଚଳ ବନ୍ୟା ପାଣିରେ ଭାସୁଥିବା ବେଳେ ଏବେ ସହରାଞ୍ଚଳର ସ୍ଥିତି ମଧ୍ୟ ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି । ରାଜ୍ୟରେ ବନ୍ୟା ସ୍ଥିତି ନେଇ ଏସ୍ଆରସି ରାଜେଶ ପ୍ରଭାକର ପାଟିଲ କହିଛନ୍ତି, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ୫୨ଟି ବ୍ଲକ, ୧୭୦ଟି ପଞ୍ଚାୟତ ଓ ୪୨୯ଟି ଗାଁର ପ୍ରଭାବିତ ହୋଇଛି । ବନ୍ୟା ଯୋଗୁ ମୋଟ ୨ ଲକ୍ଷ ୯ ହଜାର ୬୮୭ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ସେଥିମଧ୍ୟରୁ ପ୍ରାୟ ୪୫ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ପ୍ରାୟ ୩୮ ହଜାର ଲୋକ ବିଭିନ୍ନ ଆଶ୍ରୟସ୍ଥଳୀରେ ରହୁଥିବା ସୂଚନା ମିଳିଛି ।

### ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ

# ଚାଷୀ, ଶିକ୍ଷା ଅବ୍ୟବସ୍ଥା, ଖଣି ବିଲ୍ ନେଇ ଆଲୋଚନା



ଭୁବନେଶ୍ୱର (ସବ୍ୟୁ) : ବିଜୁ ଜନତାଦଳ ରାଜନୈତିକ କମିଟି ବୈଠକ ଆଜି ଦଳ ସଭା ପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟତଃ ଚାଷୀ ପ୍ରସଙ୍ଗ, ଖଣି ବିଲ, ଶିକ୍ଷା ଅବ୍ୟବସ୍ଥା, ଏସ୍ଆଇଆର, ପଂଚାୟତ ନିର୍ବାଚନ ଓ ସଂଗଠନିକ ବିଷୟ ରେ ଆଲୋଚନା ହୋଇଥିଲା ।

ଖରିଫ ଧାନ ବିକ୍ରି ନିମନ୍ତେ ରେଜିଷ୍ଟ୍ରେସନ ପାଇଁ ଭାଗ ଚାଷୀ ମାନେ ଯେପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେଥିରେ ସଭ୍ୟ ମାନେ ଉଦବେଗ ପ୍ରକାଶ କରିବା ସହ ଚାଷୀଙ୍କ ସ୍ୱାର୍ଥ ସହ ନ ଖେଳିବା ପାଇଁ ସରକାର ଙ୍କୁ ସତର୍କ କରିଦେଇଛନ୍ତି ।

ନିକଟରେ ପାର୍ଲାମେଣ୍ଟ ରେ ଗୃହୀତ ଏମ୍ଏମ୍‌ଡିଆର୍ ବିଲ ଯୋଗୁ ଓଡିଶା ପ୍ରଭୂତ କ୍ଷତି ସହିବ । ଏ ବିଷୟ ନେଇ ସଭ୍ୟ ମାନେ ଚିନ୍ତା ପ୍ରକଟ କରିଥିଲେ । ଓଡିଶା ର ସ୍ୱାର୍ଥ ପାଇଁ ବିଜେଡି ଏଥିପାଇଁ ଆଇନ ଗତ ପଦକ୍ଷେପ ନେବା ସହ ରାସ୍ତା କୁ ଓହ୍ଲାଇବ ବୋଲି ନିଷ୍ପତ୍ତି ହୋଇଥିଲା । ସୂଚନା ଯୋଗ୍ୟ ଯେ ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟ ନାୟକ ଆଜି ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ସର୍ବଦଳୀୟ ବୈଠକ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବୀ ଜଣାଇଛନ୍ତି ।

ଏସ୍ଆଇଆର୍‌ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଏବେ ଖୁବ ଶୀଘ୍ର ଶେଷ ହେବ । ତେଣୁ ଯେପରି ଯୋଗ୍ୟ ଭୋଟର ତାଲିକା ରୁ ବାଦ ନ ପଡିବେ ସେଥିପ୍ରତି ସଜାଗ ରହିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ଏହା ସହତ ପଂଚାୟତ ନିର୍ବାଚନ ପାଇଁ ରଣକୌଶଳ ପ୍ରସ୍ତୁତି ସହ ବ୍ଲକ ଓ ପଂଚାୟତ ସ୍ତରୀୟ କମିଟି ଗଠନ ଉପରେ ବୈଠକ ରେ ଗୁରୁତ୍ୱ ଆରୋପ କରାଯାଇଥିଲା । ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଚରମ ଅବ୍ୟବସ୍ଥା ଆଜି ସାରା ରାଜ୍ୟ ରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ପିଲାମାନଙ୍କୁ ସଂଶୋଧିତ ପୁସ୍ତକ ଯୋଗାଇବାରେ ବିଫଳ ହୋଇଥିବାରୁ ଏଥିପାଇଁ ଉତ୍ତରଦାୟିତ୍ୱ ଦାବୀ କରି ଆଗାମୀ ଦିନରେ ବିଜେଡି ତାର ଆନ୍ଦୋଳନ କୁ ଆହୁରି ତୀବ୍ର କରିବ ବୋଲି ବୈଠକ ରେ ନିଷ୍ପତ୍ତି ହୋଇଥିଲା ।

# ବିଦ୍ୟୁତ ଆଘାତରେ ଛାତ୍ରୀ ଗୁରୁତର

ରାୟଗଡ଼ା,(ସବ୍ୟୁ) : ରାୟଗଡ଼ା ସଦର ମହକୁମାସ୍ଥିତ ଜି.ସି.ଡି. ହାଇସ୍କୁଲରେ ଅଘଟଣ । ସ୍କୁଲର ମୁଖ୍ୟ ପ୍ରବେଶ ଦ୍ୱାରର ଲୁହା ଗ୍ରିଲ୍‌ରେ ବିଦ୍ୟୁତି ସଂସ୍ପର୍ଶରେ ଆସି ଜଣେ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି । ଆହତ ଛାତ୍ରୀ ଜଣକ ରାୟଗଡ଼ା ସହରର ଆର୍.କେ. ନଗରର ଈଶ୍ୱରୀ ନାୟକ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ଆଜି ଈଶ୍ୱରୀ ସ୍କୁଲର ମୁଖ୍ୟ ପ୍ରବେଶ ଦ୍ୱାର ଦେଇ ଯାଉଥିବାବେଳେ ଗ୍ରିଲକୁ ସ୍ପର୍ଶ କରିଥିଲେ । ଏହି ସମୟରେ ଗ୍ରିଲରେ ବିଦ୍ୟୁତି ପ୍ରବାହ ଥିବାରୁ ସେ ବିଦ୍ୟୁତି ଆଘାତ ପାଇ ତଳେ ପଡ଼ିଯାଇଥିଲେ ।

ଘଟଣା ଜଣାପଡ଼ିବା ପରେ ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ଉଦ୍ଧାର କରି ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ପରିବାରଲୋକଙ୍କୁ ଖବର ଦେଇଥିଲେ । ଚିକିତ୍ସକଙ୍କ ପରାମର୍ଶକ୍ରମେ ଛାତ୍ରୀଙ୍କୁ ପ୍ରାୟ ୩ ଘଣ୍ଟା ଧରି ଚିକିତ୍ସାଳୟରେ ପର୍ଯ୍ୟବେକ୍ଷଣରେ ରଖାଯାଇଥିଲା । ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାବେଳେ ସେ ବିପଦମୁକ୍ତ ଥିବା ଜଣାପଡ଼ିଛି । ତେବେ ସ୍କୁଲର ମୁଖ୍ୟ ପ୍ରବେଶ ଦ୍ୱାରର ଗ୍ରିଲ କିପରି ବିଦ୍ୟୁତ ପ୍ରବାହିତ ହେଲା, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି । ଘଟଣାର କାରଣ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଛନ୍ତି । ଘଟଣାର ସଠିକ ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ଆଇନଗତ ଓ ପ୍ରଶାସନିକ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି । ଏହି ଘଟଣା ପରେ ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

# ପାନ ମସଲା ଟ୍ରକରୁ ଲୁଟ୍ ଉଦ୍ୟମ, ୨ ଗିରଫ

ସମ୍ବଲପୁର,(ସବ୍ୟୁ): ପାନ ମସଲା ବୋଝେଇ ଟ୍ରକରୁ ଲୁଟ୍ ଉଦ୍ୟମ ଘଟଣାରେ ଯୁଯୋମୁରା ଥାନା ପୋଲିସକୁ ବଡ ସଫଳତା ମିଳିଛି । ଏହି ଘଟଣାରେ ୨ଜଣଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କ ନିକଟରୁ ୨ଟି ଟ୍ରକ, ବିନା ନମ୍ବର ପ୍ଲେଟର ୨ଟି ବାଇକ୍ , ୧୯ କାର୍ଟୁନ ସଫଲ ପାନ ମସଲା, ୪କାର୍ଟୁନ କମଳା ପସନ୍ଦ, ୧କାର୍ଟୁନ ଶାଡୀ ଓ ୨ଟି ଛୁରୀ ଜବତ ହୋଇଛି । ଏନେଇ ୧୪୮/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଅଇଁଠାପାଲି ସଫଲ ଫ୍ୟାକ୍ଟ୍ରିରୁ ତାଳଚେରକୁ ଟ୍ରକ ଗାଡି ନମ୍ବର (ଓଡି୧୫ଟି-୫୪୪୯) ଯୋଗେ ଗତ ୧୩ତାରିଖରେ ପାନ ମସଲା ଯାଉଥିଲା । ଯୁଯୋମୁରା ଥାନା ଅନ୍ତର୍ଗତ ମେଘପାଳ ଜଙ୍ଗଲ ନିକଟରେ ରାତି ପ୍ରାୟ ୭ଟାରେ ଏହି ଟ୍ରକକୁ ୨ଟି ଅଜଣା ବାଇକ ଅନୁସରଣ କରୁଥିବା ଟ୍ରକ ଡ୍ରାଇଭର ଦେଖିବାକୁ ପାଇଥିଲେ । ତେବେ କିଛି କାର୍ଟୁନ ତଳେ ପଡିଥିବା ବେଳେ ଅନ୍ୟ ୨ଟି ଟ୍ରକ ଗାଡି ନମ୍ବର( ଏମ୍‌ପି୦୯ଏଚ୍ଏଚ୍-୯୮୨୯) ଓ (ୟୁପି୯୨ଟି-୬୧୬୬) ପଡିଥିବା କାର୍ଟୁନ ଉଠାଉଥିଲେ । ଏହି ସମୟରେ ମୋଟର ସାଇକଲ ଓ ଟ୍ରକରେ ଥିବା ଅଜଣା ଦୁର୍ବୃତ୍ତ ମାନେ ପାନ ମସଲା ଟ୍ରକକୁ ଅଟକାଇ ଥିଲେ । ଛୁରୀ ଦେଖାଇ ଟଙ୍କା ମାଗିବା ସହ ଲୁଟ୍ ଉଦ୍ୟମ କରିଥିଲେ । ତେବେ ଟ୍ରକ ଡ୍ରାଇଭର ମଧ୍ୟପ୍ରଦେଶ ମେରୁନା ଜିଲ୍ଲା ସରାଇ ଥାନା ଏକମପୁରର ସୁରଜ ରାଠୋର(୨୩) ଭୟଭୀତ ହୋଇ କିସିଣ୍ଡା ଥାନାକୁ ଚାଲି ଯାଇଥିଲେ । ପରେ ଯୁଯୋମୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ଅନୀମା ଏମ। ତୁରନ୍ତ ଘଟଣାର ତଦନ୍ତ କରିଥିଲେ । ଏହି ଘଟଣାରେ ମଧ୍ୟପ୍ରଦେଶ ସୋନକଚ୍ଛ ଥାନା ଆଉଦ, ଓଧ ଗ୍ରାମର ରାଜେନ୍ ସାଦୁଲ ସିଂ ଚୌହାନ(୫୦) ଓ ଅରୁଣ ଚୌହାନ(୩୦)ଙ୍କୁ ଗିରଫ କରାଯାଇଛି ।

# କୂଅରେ ପଡ଼ିଲେ ମା', ଛୁଆ ହାତୀ



ମୁରିବାହାଲ,(ସବ୍ୟୁ):ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଅଞ୍ଚଳରେ ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବଣୁଆ ହାତୀପଲଙ୍କ ଆତଙ୍କ ଯୋଗୁଁ ଭୟର ବାତାବରଣ ଦେଖାଦେଇଛି । ଏହି ହାତୀପଲ ଖାଦ୍ୟ ପାଇଁ ଏବେ ଜଙ୍ଗଲ ଅଞ୍ଚଳ ଛାଡ଼ି ଜନବସତି ମୁହାଁ ହୋଇ ବିଭିନ୍ନ ସମୟରେ ବ୍ୟାପକ ଫସଲ ନଷ୍ଟ ସହ ବିଦ୍ୟୁତି ଆଘାତ ଓ କୂଅରେ ପଡୁଥିବା ବେଳେ ପୁଣି ଏହି ରେଞ୍ଜ ଅଞ୍ଚଳରେ ବିଳମ୍ବିତ ରାତିରେ କୂଅ ଭିତରେ ମା' ଓ ଛୁଆ ହାତୀ ଖସି ପଡ଼ିଥିବା ଦେଖିବାକୁ ମିଳିଥିଲା ।ବନ ବିଭାଗ ଓ ଦମକଳ ବାହିନୀର ୮ ଘଣ୍ଟାର ମିଳିତ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଏକ ଜେସିବି ସାହାଯ୍ୟରେ ଉଭୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା ।

ମୁରିବାହାଲ ରେଞ୍ଜ ଗୁଡିଘାଟ ସେକ୍ସନର ଶେଷ ସୀମା ବେଲପଡ଼ା ବ୍ଲକ ସୁଲେକେଲା ପଞ୍ଚାୟତ ଚନ୍ଦ୍ରପୁର ଗ୍ରାମର ରାଜିନ୍ଦ୍ର ପୁଟେଲଙ୍କ ବାଡ଼ି ପଛପଟେ ଥିବା କୂଅରେ ଗୁରୁବାର ବିଳମ୍ବିତ ରାତିରେ ଏକ ମା' ଓ ଛୁଆ ହାତୀ ହଠାତ୍ କୂଅ ଭିତରେ ପଡି ଯାଇଥିଲେ । ଖବର ପାଇ ରାତିରେ ହିଁ ମୁରିବାହାଲ ବନ ବିଭାଗ ଓ ଦମକଳ ବାହିନୀ ଘଟଣାସ୍ଥଳକୁ ପହଞ୍ଚି ଏକ ଜେସିବି ସାହାଯ୍ୟରେ କୂଅର ଗୋଟିଏ ପାଶ୍ୱର୍ ଖୋଲି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ । ଶେଷରେ ଉଭୟ ମା' ଓ ଛୁଆ ହାତୀଙ୍କୁ କୂଅରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ଉଦ୍ଧାର ପରେ ଉଭୟ ହାତୀ ପାଖ ସୁନାରୀ ସଂରକ୍ଷିତ ଜଙ୍ଗଲକୁ ଚାଲି ଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି ।

ଉଦ୍ଧାରକାର୍ଯ୍ୟରେ ମୁରିବାହାଲ ଭାରପ୍ରାପ୍ତ ରେଞ୍ଜର ଡମ୍ବୁରୁଧର ପଧାନ,ଗୁଡିଘାଟ ଫରେଷ୍ଟର ହୃଷିକେଶ ଭୋଇ,ସଦର ଫରେଷ୍ଟର ଧ୍ରୁବଚରଣ ବଗର୍ତ୍ତୀ,ଡଙ୍ଗାବାଞ୍ଜି ଫରେଷ୍ଟର ମନୋଜ ଦଣ୍ଡସେନା,ଗୁଲମୀ ଫରେଷ୍ଟର ସତ୍ୟମ ମହାନ୍ତିଙ୍କ ସହ ସମସ୍ତ ବନ କର୍ମଚାରୀ,ମୁରିବାହାଲ ଓ ବେଲପଡ଼ାର ଦମକଳ ବାହିନୀ ସାମିଲ ହୋଇଥିଲେ ।

**AFFIDAVIT**

I, Raj Kumar Khandelwalla, S/o late Sitaram Khandelwalla Resident of Word No-06, Baripada, Mayurbhanj, Pin-757001,Odisha, India, Declared by this affidavit No-Vol-XXI, SL.No-03, Date-28.01.2026, that now onwards I shall be known as **Raj Kumar Khandelwal** for all future purpose.

19001/190/2627

**OFFICE OF THE PANCHAYAT SAMITI CHAMPUA**

**NOTICE**

No. 4646 / Date, 12 .08.2026

The lottery process of e-Tender as published in e-Tender Notice vide Letter No. 4139 dtd.18.07.2026 vide online E-Bid No.1 Champua (KJR/2026-27) is scheduled to be held on 19.08.2026 at 12.00 P.M in the Panchayat Samiti Conference Hall, Champua Block.

Sd/- Block Development Officer
Champua

OIPR : 19001/19121/1/26-27/0002

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1517/2627 ଇପିବିଏକ୍ସ : (୦୬୭୪) ୨୩୯୧୬୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୬୨, ୱେବସାଇଟ୍ https://oshb.org.

ପତ୍ର ସଂଖ୍ୟା: ୧୧୯ **ବିଜ୍ଞାପନ** ତା : ୦୫.୦୮.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗ୍ରାହକ ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ବଦଳ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ମୃତ୍ୟୁ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ–ସ୍ୱର୍ଗତ ରଘୁନାଥ ସାହୁ, ପିତା– ସ୍ୱର୍ଗତ ଦାମୋଦର ସାହୁ, ଗ୍ରା/ପୋ– କୁସୁପୁର, ଥାନା–ମାହାଙ୍ଗା, ଜିଲ୍ଲା – କଟକ | ଘର ନଂ. ଏଚ.ଆଇ.ଜି–(୧୮୭) (HIG-187) କାନନ ବିହାର, ୧ମ ପର୍ଯ୍ୟାୟ ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା | ୧. ପ୍ରମିଳା ସାହୁ (ସ୍ତ୍ରୀ) ୨. ରଶ୍ମିରଞ୍ଜନ ଜ୍ୟୋତିପ୍ରକାଶ (ପୁତ୍ର) ୩. ସୌମ୍ୟରଞ୍ଜନ ସତ୍ୟପ୍ରକାଶ (ପୁତ୍ର) ୪. ସୁଭଦ୍ରା ପ୍ରିୟଦର୍ଶିନୀ (କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0196

**OFFICE OF THE CHIEF ENGINEER, MEGA LIFT, BHUBANESWAR**
Plot No. A 8/2, Bhoinagar, Bhubaneswar, Odisha, PIN-751022, E-Mail : cemlpwr.od@gmail.com
Government of Odisha "e" Procurement Notice
32001/694/2627
**Bid Identification No. 07ML / 2026-27**

The Chief Engineer, Megalift on behalf of the Governor of Odisha invites online tender through "E" procurement for the work as detailed in the Annexure to this bid notice.

**ANNEXURE TO BID NOTICE**

| | |
|---|---|
| Name of the Work | Appointment of Proof Engineering Consultant (PEC) for implementation of Mega Lift projects in Cluster No. XXVII, XXX & XXXVII. |
| Cost of Tender Paper | Rs. 10,000/- |
| EMD / Bid Security | Rs. 2,84,500/- |
| Mode of payment of tender paper Cost & EMD | Online |
| Period of Completion | 36 (Thirty-Six) Calendar Months. |
| Availability of Bid document for sale and receipt through on-line | From dt. 20.08.2026, 10.00 A.M., to dt. 09.09.2026, up to 5.00 P.M. |
| Last date / time of receipt of bid in the portal | 09.09.2026 (5.00 PM) |
| Date of Pre-bid Conference | 31.08.2026, 11.00 AM |
| Date of opening of Techno-Commercial bid through online | On dt. 10.09.2026 at 11.00 A.M. in the Office of the Chief Engineer, Megalift. |
| Class of Contractor | The bidder should be registered under the Companies Act 2013 / Society Registered Act 1860 / Indian Trusts Act 1882 / Indian Partnership Act 1932 / Limited Liability Partnership Act 2008 |
| Digital Signature Certificate of Bidder | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR website https://dowr.odisha.gov.in | |
| Name & Address of the OIT | Chief Engineer, Megalife, Plot No. A-8/2, Bhoi Nagar, Bhubaneswar-751022, Ph. No. - 0674-2567252, Email ID : cemlpwr.od@gmail.com |

Further details can be seen from the e-Procurement market place. https://tendersodisha.gov.in.

OIPR : 32001/32504/1/26-27/0007 Sd/- Chief Engineer, Megalift, Bhubaneswar

9001/121/2627

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

******

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ତା.୧୭.୦୮.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0058

**CSM TECHNOLOGIES LIMITED**
Breaking Thought Barriers
CIN: U62090OR1998PLC005380
Registered Office: Plot No. E/56, Infocity, Chandrasekharpur, Bhubaneswar - 751 024, Odisha, India
Website: www.csm.tech Email: secretarial@csm.tech

**EXTRACT OF UNAUDITED CONSOLIDATED FINANCIAL RESULTS FOR THE QUARTER ENDED 30TH JUNE 2026**

(₹ in Lakh, except for share data)

| Sr. No. | Particulars | For the quarter ended | | | For the year ended |
|---|---|---|---|---|---|
| | | 30.06.2026 (Unaudited) | 31.03.2026 (Audited) | 30.06.2025 (Unaudited) | 31.03.2026 (Audited) |
| 1 | Total Income | 4,324.69 | 6,166.85 | 3,569.32 | 22,871.83 |
| 2 | Profit / (Loss) for the period (before Tax, Exceptional and/or Extraordinary items) | (1,074.95) | 1,417.28 | (960.15) | 3,477.70 |
| 3 | Profit for the period before Tax* (after Exceptional and/or Extraordinary items) | (1,074.95) | 1,144.04 | (960.15) | 3,204.46 |
| 4 | Net Profit for the period after Tax* (after Exceptional and/or Extraordinary items) | (828.07) | 929.87 | (734.76) | 2,400.70 |
| 5 | Total Comprehensive Income for the period (Comprising Profit for the period (after tax) and Other Comprehensive Income (after tax)) | (837.97) | 1,084.08 | (769.12) | 2,500.18 |
| 6 | Paid-up Equity Share Capital (Face Value of ₹10/- each) | 5,160.35 | 3,870.25 | 3,870.25 | 3,870.25 |
| 7 | Reserves (excluding Revaluation reserve) as shown in the Audited Balance sheet | | | | 6,396.75 |
| 8 | Earnings per share (of ₹10/- each) - not annualised | | | | |
| | Basic (₹) | (2.14) | 2.41 | (1.96) | 6.10 |
| | Diluted (₹) | (2.14) | 2.41 | (1.96) | 6.10 |
| 9 | Key results of CSM Technologies Limited on a standalone basis | | | | |
| | Total Income | 4,100.90 | 5,911.73 | 3,218.23 | 21,641.69 |
| | Profit before tax | (1,035.58) | 1,063.12 | (1,188.80) | 2,688.14 |
| | Profit after tax | (777.81) | 838.25 | (890.85) | 2,025.35 |
| | Total Comprehensive Income | (777.81) | 1,043.54 | (890.85) | 2,243.40 |

Notes:
1. The above is an extract of the detailed format of the un-audited Financial Results for the quarter ended 30th June, 2026 filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full format of the quarterly un-audited Financial Results is available on the website of the Stock Exchange (www.bseindia.com) and also on the Company's website (www.csm.tech) and can be accessed by scanning below provided Quick Response code.
2. The above standalone un-audited financial results for the quarter ended 30th June, 2026 have been reviewed by the Audit Committee and approved & taken on record by the Board of Directors at their meetings held on 14th August, 2026.
3. These Standalone un-audited Financial results have been prepared in accordance with Indian Accounting Standards ('Ind AS') prescribed under Section 133 of the Companies Act, 2013 read with the relevant rules thereunder and in terms of Regulation 33 of the SEBI (Listing Obligations and Disclosure Requirements) Regulations, 2015, as amended.
4. Figures for the previous period have been regrouped/rearranged wherever necessary to conform to current year presentation.

Place: Bhubaneswar
Date: 14th August, 2026

For CSM Technologies Limited
(Formerly known as CSM Technologies Private Limited)
Sd/-
Priyadarshi Pany
Chairman, CEO & Managing Director
DIN: 00824049

**OFFICE OF THE NOTIFIED AREA COUNCIL KHARIAR ROAD**
Mail:- nackhrd@rediffimail.com
Phone No. 06678-221239
No. 3643 Date : 12.08.2026
13001/1535/2627
**Corrigendum- 01**

The Tender ID No. 2026_ORULB_138082 2 Published in 05/08/2026. The work name is "Waterfront Development Plantation ,Gym, Equipment, Benches at Mangrapalli Pond ward no 17" Read the value of Paper cost to be deposit for the work mention at column no 5, Rs. 4000.00 instead of Rs. 2000.00.

Sd/- Executive Officer
Khariar Road NAC

OIPR : 13001/13270/1/26-27/0007

34001/636/2627 **GOVERNMENT OF ODISHA**
**SUPERINTENDING ENGINEER, BOUDH (R&B) DIVISION, BOUDH**
E-mail - eeboudhrb@gmail.com
**INVITATIONS FOR BIDS (IFB)**
No. 4038 Date : 13.08.2026
**1st corrigendum to tender call Notice no. 5E BDH-08/2026-27 dated 12.08.2026.**

The following changes are made in respect of the bid identification No. BDH. 08/2026-27.

1. Approx Value of works (In Rs.) for Sl. No. 01. 02 & 03 in Column No. 03 may be read as 7,05,606.00, 22,36,829.00 & 26,26.979.00 respectively.
2. EMD / BID Security (In Rs.) for Sl. No. 01, 02 & 03 in Column No. 05 may be read as 7,100.00, 22,400.00 & 26,300.00 respectively.
3. Period of completion for Sl. No. 01, 02 & 03 in Column No. 08 may be read as 12 (Twelve) months respectively.

Sd/- Superintending Engineer,
Boudh (R&B) Division.

OIPR : 34001/34134/1/26-27/0016

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାର ଦାସ- ୯୪୩୭୬୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

## ଧଉଳି ଚାରୁକଳା ମହାବିଦ୍ୟାଳୟରେ

# ବିଶିଷ୍ଟ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନଗୋଙ୍କ ବିୟୋଗରେ ଶୋକସଭା

ଭୁବନେଶ୍ୱର (ସବ୍ୟୁ): ଧଉଳି ଚାରୁକଳା ମହାବିଦ୍ୟାଳୟର ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟ ତଥା ଓଡ଼ିଶା ଲଳିତ କଳା ଏକାଡ଼େମୀର ପୂର୍ବତନ ସଚିବ ଓ ସଭାପତି ଏବଂ ବରିଷ୍ଠ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନଗୋଙ୍କ



ବିୟୋଗରେ ମହାବିଦ୍ୟାଳୟର ପ୍ରଦର୍ଶନୀ କକ୍ଷରେ ଏକ ଶୋକ ସଭା ଆୟୋଜିତ ହୋଇଯାଇଛି । ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟାପକ,ଅଧ୍ୟାପିକା ତଥା ଛାତ୍ରଛାତ୍ରୀମାନେ ଶିଳ୍ପୀଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ଘ୍ୟ ପୂର୍ବକ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ କାନୁନଗୋ କଳା କ୍ଷେତ୍ରରେ ଜଣେ ନିରବଛିନ୍ନ ସାଧକ ତଥା ଉଚ୍ଚକୋଟିର ଶିଳ୍ପୀ ଥିଲେ । ସେ ଖଲ୍ଲିକୋଟ ସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରୁ ଶିକ୍ଷା ଗ୍ରହଣ ସାରି ରାଜ୍ୟ ସଂଗ୍ରହାଳୟରେ ଗ୍ୟାଲେରୀ ସୁପରଭାଇଜର, ପରବର୍ତ୍ତୀ ସମୟରେ ଓଡ଼ିଶା ଲଳିତ କଳା ଏକାଡ଼େମୀରେ ସଚିବ ଏବଂ ସଭାପତି ରୂପେ ନିଯୁକ୍ତ ହୋଇଥିଲେ । ସେ ମଧ ରାଷ୍ଟ୍ରୀୟ ଲଳିତ କଳା କେନ୍ଦ୍ର ଭୁବନେଶ୍ୱରଠାରେ ପ୍ରତିଷ୍ଠାରେ ସାହାଯ୍ୟ କରିବା ସହିତ ସେଠାରେ ସଚିବ ଭାବେ ରହି ଚିତ୍ରକଳା କ୍ଷେତ୍ରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଯାଇଛନ୍ତି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରିଥିଲେ। ସେ ଯୁବ କଳାକାରଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାପାଇଁ ସଦା ବେଳେ ପ୍ରଚେଷ୍ଟା କରିଥିଲେ । ଓଡ଼ିଶାର କଳା କ୍ଷେତ୍ରରେ ସର୍ବଶ୍ରେଷ୍ଠ ସମ୍ମାନ 'ଧର୍ମପଦ ପୁରସ୍କାର' ଓ 'ରାଜ୍ୟ ପୁରସ୍କାରରେ' ମଧ୍ୟ ସମ୍ମାନିତ ହୋଇଥିଲେ । ସେ ଅତ୍ୟନ୍ତ କର୍ମନିଷ୍ଠ ଓ ଉଚ୍ଚକୋଟୀର ଚିତ୍ର ଶିଳ୍ପୀ ଭାବେ ଖ୍ୟାତ ଥିଲେ ।ଏହି ଅବସରରେ ଶିଳ୍ପୀଙ୍କ ଫୋଟୋଚିତ୍ରରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ,ଅଧ୍ୟାପକ ଭୂପତିଭୂଷଣ ପଣ୍ଡା, ସର୍ଫୁଦ୍ଦିନ୍ ଏହମ୍ମଦ୍ ,ପ୍ରଫୁଲ୍ଲ ପ୍ରଧାନ ପୁଷ୍ପ ପ୍ରଦାନ ପୂର୍ବକ ଶିଳ୍ପୀଙ୍କ ସ୍ମୃତି ଚାରଣ କରିଥିଲେ।

## 'ପ୍ରୋଜେକ୍ଟ ପଞ୍ଛୀ' ମାଧ୍ୟମରେ ଓଡ଼ିଶା ଓ ଛତିଶଗଡ଼ର

# ୧୮୦ରୁ ଅଧିକ ଯୁବତୀଙ୍କୁ ଶିଳ୍ପଭିତ୍ତିକ ଦକ୍ଷତା ପ୍ରଦାନ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଦେଶର ଶିଳ୍ପ ପ୍ରଗତିରେ ଅଧିକ ସଂଖ୍ୟକ ଯୁବତୀଙ୍କ ଅଂଶଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରିବା ଏକ ବଡ଼ ସୁଯୋଗ ସହିତ ଅନିବାର୍ଯ୍ୟତା । ବେଦାନ୍ତର ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ଦୂରଦୃଷ୍ଟିରେ ପରିଚାଳିତ 'ପ୍ରୋଜେକ୍ଟ ପଞ୍ଛୀ' ଏକ ଅଭିନବ ପଦକ୍ଷେପ ଭାବେ ଆରମ୍ଭ ହୋଇଛି। ଗ୍ରାମୀଣ ଭାରତର ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପରିବାରର ଯୁବତୀମାନଙ୍କୁ ସଶକ୍ତ କରିବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଉଚ୍ଚଶିକ୍ଷାରେ ସହାୟତା, ଶିଳ୍ପ କ୍ଷେତ୍ର ସହ ପରିଚିତ ହେବାର ସୁଯୋଗ ଏବଂ ସମ୍ମାନଜନକ କ୍ୟାରିୟର ପାଇଁ ପଥ ସୃଷ୍ଟି କରି ଏହି ପଦକ୍ଷେପ ଯୁବତୀଙ୍କ ସ୍ୱପ୍ନକୁ ସଫଳତାରେ ପରିଣତ କରିବା ସହ ଭାରତର ମାନୁଫାକ୍ଚରିଂ, ଖଣି ଓ ଧାତୁ ଶିଳ୍ପ ପାଇଁ ଆଗାମୀ ପିଢ଼ିର ମହିଳା ପେସାଦାରଙ୍କୁ ପ୍ରସ୍ତୁତ କରୁଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, କମର୍ସ ଓ ବିଜ୍ଞାନ ବିଷୟରେ ଅଧ୍ୟୟନରତ



୧୮୦ରୁ ଅଧିକ ଯୁବତୀଙ୍କୁ ଓଡ଼ିଶା ଓ ଛତିଶଗଡ଼ରେ ଥିବା ବେଦାନ୍ତ ଆଲୁମିନିୟମ୍‌ର ବିଶ୍ୱସ୍ତରୀୟ କାର୍ଯ୍ୟକ୍ଷେତ୍ରରେ ଇଣ୍ଟର୍ଣ୍ଣ ଭାବେ ନିୟୋଜିତ କରାଯାଇଥିଲା। ଏହା ମାଧ୍ୟମରେ ସେମାନେ ୩୦ରୁ ଅଧିକ ବ୍ୟବସାୟିକ ବିଭାଗରେ ପ୍ରତ୍ୟକ୍ଷ ଶିଳ୍ପ ଅଭିଜ୍ଞତା, ଏଆଇ ଆଧାରିତ ଶିକ୍ଷା ଏବଂ ବ୍ୟବହାରିକ ଜ୍ଞାନ ହାସଲ କରିବାର ସୁଯୋଗ ପାଇଥିଲେ।

ଏହି କାର୍ଯ୍ୟକ୍ରମ ଯୁବତୀମାନଙ୍କୁ ଶିଳ୍ପ ସହ ସମ୍ପୃକ୍ତ ଦକ୍ଷତା, ପେସାଦାର ଅଭିଜ୍ଞତା ଓ କ୍ୟାରିୟର ପାଇଁ ପ୍ରସ୍ତୁତି ପ୍ରଦାନ କରୁଛି। ଏଥିସହ ଦ୍ରୁତଗତିରେ ବିକଶିତ ହେଉଥିବା ଭାରତୀୟ ମାନୁଫାକ୍ଚରିଂ ପରିବେଶ ପାଇଁ ଭବିଷ୍ୟତର ପ୍ରତିଭାବାନ ମାନବସମ୍ବଳ ଗଠନରେ ମଧ୍ୟ ଏହା ସହାୟକ ହେଉଛି। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, "ଭାରତର ବିକାଶ ଯାତ୍ରା ଏହା ଉପରେ ନିର୍ଭର କରିବ ଯେ, ସମାଜର ପ୍ରତ୍ୟେକ ବର୍ଗକୁ ଆମେ କେତେ ପ୍ରଭାବଶାଳୀ ଭାବେ ସୁଯୋଗ ଦେଇ ଆର୍ଥିକ ପ୍ରଗତିରେ ସାମିଲ କରିପାରୁଛୁ। ପ୍ରୋଜେକ୍ଟ ପଞ୍ଛୀ ମାଧ୍ୟମରେ ଯୁବତୀମାନଙ୍କୁ ଆଗକୁ ଆସିବା, ନିଜ ସ୍ୱପ୍ନ ପୂରଣ କରିବା ଏବଂ ଦେଶର ବିକାଶରେ ସକ୍ରିୟ ଯୋଗଦାନ କରିବାକୁ ଉତ୍ସାହିତ କରି ସମାବେଶୀ ବିକାଶ ପ୍ରତି ଆମର ପ୍ରତିବଦ୍ଧତାକୁ ଆମେ ଆହୁରି ସୁଦୃଢ଼ କରୁଛୁ। ଅଧିକ ବିବିଧ ଓ ସମାବେଶୀ ଭବିଷ୍ୟତ ପାଇଁ ଏକ ଦୃଢ଼ ଭିତ୍ତିଭୂମି ଗଠନରେ ସହାୟକ ହେଉଥିବା ଏହି ପଦକ୍ଷେପକୁ ସମର୍ଥନ କରି ଆମେ ଗର୍ବିତ। ଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନଶୀଳ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମରେ ଡିଜିଟାଲ୍ ଦକ୍ଷତା ବିକାଶ ଓ ନବସୃଜନଭିତ୍ତିକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଅଂଶଗ୍ରହଣକାରୀମାନେ ଏଆଇ ଆଧାରିତ ଟୁଲ୍, ଡିଜିଟାଲ୍ ରିପୋର୍ଟିଂ ପ୍ଲାଟଫର୍ମ, ବିଜନେସ୍ ଇଂଟେଲିଜେନ୍ସ ସିଷ୍ଟମ୍ ଏବଂ ଆନାଲିଟିକ୍ସ ଆଧାରିତ ନିଷ୍ପତି ଗ୍ରହଣ ପ୍ରକ୍ରିୟା ସହ ପରିଚିତ ହୋଇଥିଲେ। ଆଧୁନିକ ଶିଳ୍ପ କାର୍ଯ୍ୟପ୍ରଣାଳୀକୁ କ୍ରମଶଃ ପ୍ରଭାବିତ କରୁଥିବା ଉଦୀୟମାନ ପ୍ରଯୁକ୍ତି ସମ୍ପର୍କରେ ମଧ୍ୟ ସେମାନେ ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରିଥିଲେ।

## ନିସାନ ଟେକଫନର ବିଶ୍ୱ ବଜାର ପ୍ରିମିୟର

# ଜାହ୍ନବୀ ନିସାନ ଶୋରୁମରେ ନୂଆ ମଡେଲ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ନିସାନ ମୋଟର ଇଣ୍ଡିଆ ଭାରତରେ ପ୍ରିମିୟମ୍ ସି- ଏସ୍‌ୟୁଭି ନିସାନ ଟେକଫନର ବିଶ୍ୱ ପ୍ରିମିୟର କରିଛି । ସ୍ଥାନୀୟ ପାହାଳ ଠାରେ ଥିବା ଜାହ୍ନବୀ ନିସାନ ସୋରୁମରେ ନୂଆ ମଡେଲଟିକୁ ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ଏସବିଆଇ, ଏଲ୍‌ଏଚ୍‌ଓର ଉପମହାପ୍ରବନ୍ଧକ ନିଶିତ, ଜାହ୍ନବୀ ନିସାନର ବିକ୍ରୟ ଓ ପରିଚାଳନା ମହାପ୍ରବନ୍ଧକ ସଞ୍ଜୟ ପଣ୍ଡା, ପଦ୍ମନାଭ ପଟ୍ଟନାୟକ, ଦିଲୀପ କୁମାର ପଟ୍ଟନାୟକ ଏବଂ ପରିଚାଳନା ନିର୍ଦ୍ଦେଶକ ଅମିତ କୁମାର ଜୈସ୍ୱାଲ ଉପସ୍ଥିତ ଥିଲେ । ଟେକଫନର ପ୍ରାରମ୍ଭିକ ଦାମ ୧୦.୪୯ ଲକ୍ଷ ଟଙ୍କା ରହିଛି । ଟି ୨୮୦ ରେଞ୍ଜର ଦାମ ୧୪.୯୯ ଲକ୍ଷରୁ ଆରମ୍ଭ ହେଉଛି । ନିସାନର ପ୍ରସିଦ୍ଧ ପାଟ୍ରୋଲ୍ ଏସ୍‌ୟୁଭିରୁ ପ୍ରେରଣା ନେଇ ଟେକଫନର ଡିଜାଇନ୍ କରାଯାଇଛି । ବୋଲ୍ଡ ଗ୍ରିଲ୍, ସି-ଆକୃତିର ଏଲ୍‌ଇଡି ହେଡ୍‌ଲ୍ୟାମ୍ପ ଓ ଟେଲ୍‌ଲ୍ୟାମ୍ପ, ମସ୍କୁଲାର୍ ଡିଜାଇନ୍ ଏବଂ ଆକର୍ଷଣୀୟ ଷ୍ଟାଇଲ୍ ଏହାର ପ୍ରମୁଖ ବିଶେଷତା । ଭିତରେ ପ୍ରିମିୟମ୍ ଲେଦରେଟ୍, ସଫ୍ଟ-ଟଚ୍ ଫିନିସ୍ ଓ




ଟ୍ରାଇ-ଟୋନ୍ ଇଣ୍ଟେରିୟର ରହିଛି । ନିସାନର ଚିଫ୍ ପରଫର୍ମାନ୍ସ ଅଫିସର ଗିଲୋମ୍ କାର୍ଟିଏର୍ କହିଛନ୍ତି, ଭାରତରେ ନିସାନ ଏକ ଅଧିକ ଶକ୍ତିଶାଳୀ ଓ ପ୍ରତିଯୋଗୀ କମ୍ପାନୀ ଭାବେ ଆଗକୁ ବଢୁଛି । ଏସ୍‌ୟୁଭି ଉପରେ ଅଧିକ ଗୁରୁତ୍ୱ ଦେଇ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ସହ ବିଶ୍ୱସ୍ତରୀୟ ଉତ୍ପାଦକୁ ଯୋଡ଼ିବା ନିସାନର ଲକ୍ଷ୍ୟ । ଟେକଫନ୍ ଏହି ପରିବର୍ତ୍ତନର ଏକ ଉଦାହରଣ ବୋଲି ସେ କହିଛନ୍ତି । ଏଏମଆଇଇଓ ଅଞ୍ଚଳର ନିସାନ ଚେୟାରପର୍ସନ୍ ମାସିମିଲିଆନୋ ମେସିନା ନିସାନର ବିକାଶରେ ଭାରତର ଭୂମିକା ବଢୁଛି । ଆକର୍ଷଣୀୟ ଡିଜାଇନ୍, ଆଧୁନିକ ପ୍ରଯୁକ୍ତି, ଉନ୍ନତ ପ୍ରଦର୍ଶନ ଓ ଦୈନନ୍ଦିନ ବ୍ୟବହାରର ସୁବିଧାକୁ ଏକାଠି କରାଯାଇଛି । ଏହା ଭାରତରେ ତିଆରି ହୋଇ ବିଶ୍ୱ ବଜାର ପାଇଁ ପ୍ରସ୍ତୁତ । ଏଥିରେ ସୁରକ୍ଷା ପାଇଁ ୬ଟି ଏୟାରବ୍ୟାଗ୍, ୪୦ରୁ ଅଧିକ ସେଫ୍ଟି ଫିଚର୍ ଓ ୧୭ରୁ ଅଧିକ ଏଡିଏସ ସୁବିଧା ରହିଛି । ଭାରତରେ ଏହାର ବୁକିଂ ଆରମ୍ଭ ହୋଇଛି । ଭାରିଆଣ୍ଟ ଅନୁସାରେ ଦାମ ୧୦.୪୯ ଲକ୍ଷରୁ ୧୮.୫୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି ।

# ସ୍ୱର୍ଗତ କୁଳମଣୀ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଶୋକପ୍ରକାଶ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ପଞ୍ଚାୟତ ସମିତି ଅନ୍ତର୍ଗତ ତମାଣ୍ଡୋ ଗ୍ରାମର ବିଶିଷ୍ଟ ସମାଜସେବୀ, ସୁଚିକିତ୍ସକ ଓ ଜଣେ ପରୋପକାରୀ ବ୍ୟକ୍ତି ସ୍ୱର୍ଗତ କୁଳମଣୀ ପଟ୍ଟନାୟକ ଗତ ରବିବାର ରାତ୍ର ୩ ଘଟିକା ସମୟରେ ସ୍ୱର୍ଗାରୋହଣ କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ତାଙ୍କ ଉଦ୍ଦେଶ୍ୟରେ ପତଞ୍ଜଳି ଯୋଗ କେନ୍ଦ୍ର, ତମାଣ୍ଡୋ ତରଫରୁ ଆଜି ଏକ ଶୋକପ୍ରକାଶ ଆଗତ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ପ୍ରାର୍ଥନାରେ ଯୋଗ କେନ୍ଦ୍ରର ଲିଙ୍ଗରାଜ ମହନ୍ତ, ଦୁଃଶାସନ ସ୍ୱାଇଁ, କ୍ଷିତିଶ ପଟ୍ଟନାୟକ, ରବୀନ୍ଦ୍ର ପାଣିଗ୍ରାହୀ, ଶ୍ରୀନିବାସ ମିଶ୍ର, କାଳନ୍ଦୀ ପ୍ରଧାନ, ଦିପ୍ତିମୟୀ ମହାନ୍ତି, ଶ୍ରୀକାନ୍ତ ମିଶ୍ର, ସୁବାଷ ଚନ୍ଦ୍ର ବଳବନ୍ତରାୟ, ହରିହର ପାତ୍ର, ପ୍ରବୋଧ ଚନ୍ଦ୍ର ଦାସ ଓ ବିଜୟ କୁମାର ପ୍ରଧାନ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ସେଣ୍ଟ ଜାଭିୟର ହାଇ ସ୍କୁଲରେ ବିଶ୍ୱ ପରିବେଶ ଦିବସ

କଟକ, (ସବ୍ୟୁ): ସ୍ଥାନୀୟ କଲେଜ ଛକସ୍ଥିତ ସେଣ୍ଟ ଜାଭିୟର ହାଇ ସ୍କୁଲ ପରିସରରେ ବିଶ୍ୱ ପରିବେଶ ଦିବସ ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇ ଯାଇଛି ।ଏହି କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ହାଇ କୋର୍ଟ ର ବରିଷ୍ଠ ଆଇନ ଜୀବି ଓ ସମାଜ ସେବି ଶ୍ରୀ. ଶୁଭେନ୍ଦୁ ମହାନ୍ତି ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ପରିବେଶ ସୁରକ୍ଷା ବିଷୟରେ ବୁଝାଇ ଥିଲେ। ଏହି ଉଦଯାପନୀ




ସମାରୋହରେ ଅନୁଷ୍ଠିତ ପରିବେଶ ସଚେତନତା ପଦ ଯାତ୍ରା ରେ ଶିକ୍ଷାନୁଷ୍ଠାନ ର ସମସ୍ତ ଶିକ୍ଷକ -ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ସପ୍ତାହ ବ୍ୟାପି ଚାଲିଥିବା ପରିବେଶ ଦିବସରେ ଛାତ୍ର ଛାତ୍ରୀ ମାନେ ସଚେତନତା ଶୋଭା ଯାତ୍ରାରେ ଅଂଶ ଗ୍ରହଣ କରିବା ସହ ନୃତ୍ୟ ଅଭିନୟ ପରିବେଶଣ କରିଥିଲେ। ପରିଶେଷରେ କୃତି ପାତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।ଉକ୍ତ କାର୍ଯ୍ୟ କ୍ରମରେ ବିଦ୍ୟାଳୟ ର ଅଧକ୍ଷା ମୌସୁମୀ ଦାସ, ପ୍ରଧାନ ଶିକ୍ଷକ ଦ୍ୱାରିକା ରଞ୍ଜନ ଦାସ, ଓ ବିଦ୍ୟାଳୟ ର ସଂଯୋଜିକା ମଞ୍ଜୁ ମେନନ ଙ୍କ ତତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମାପିତ ହୋଇଥିଲା ।






# ସ୍ୱାଧୀନତା ଦିବସ : ୨୩ ପ୍ଲାଟୁନ ଫୋର୍ସ ମୁତୟନ

ଭୁବନେଶ୍ୱର, (ସବ୍ୟୁ) : ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ରାଜଧାନୀ ସୁରକ୍ଷା ଆୟୋଜନ କଡାକଡି କରାଯାଇଛି । ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ସମେତ ୨୩ପ୍ଲାଟୁନ ଫୋର୍ସ ଲୋୟର ପିଏମ୍‌ଜି ଓ ଆଖପାଖ ଅଞ୍ଚଳରେ ମୁତୟନ ରହିବେ । ପୋଲିସ କମିଶନର ସୁରକ୍ଷା ବ୍ୟବସ୍ଥା ମନିଟରିଂ କରୁଥିବା ବେଳେ ରିହଲସାଲ ଶେଷ ହୋଇଛି । ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ପରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିବେ । ସେଥିପାଇଁ ଲୋୟର ପିଏମ୍‌ଜି ଓ ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ।







# ୧୦୫୭ ପୋଲିସ୍ ଓ ସେବା କର୍ମଚାରୀଙ୍କୁ ବୀରତ୍ୱ ପଦକ



**ନୂଆଦିଲ୍ଲୀ:** ସ୍ୱାଧୀନତା ଦିବସ ୨୦୨୬ ଅବସରରେ ପୁଲିସ୍, ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ଏବଂ ଜେଲ ଓ ସୁଧାର ସେବାର ମୋଟ ୧୦୫୭ ଜଣ କର୍ମଚାରୀଙ୍କୁ ବୀରତ୍ୱ ଏବଂ ସେବା ପଦକ ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରୁ ଓଡ଼ିଶାର ମୋଟ ୨୩ ଜଣ ଅନ୍ତର୍ଭୁକ୍ତ ଅଛନ୍ତି। ଓଡ଼ିଶା ପୁଲିସରୁ ୫ ଜଣ ବୀରତ୍ୱ ପଦକ,୨ ଜଣ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ଓ ୧୦ ଜଣ ପ୍ରଶଂସନୀୟ ସେବା ପଦକ ପାଇଛନ୍ତି। ରାଜ୍ୟର ଅଗ୍ନିଶମ ବାହିନୀରୁ ଜଣେ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ଏବଂ ୨ ଜଣ 'ପ୍ରଶଂସନୀୟ ସେବା ପଦକ' ପାଇଛନ୍ତି। ଗୃହରକ୍ଷୀ ବାହିନୀରୁ ଜଣେ 'ପ୍ରଶଂସନୀୟ ସେବା ପଦକ' ପାଇଛନ୍ତି ଏବଂ ଜେଲ ଓ ସୁଧାର ବିଭାଗରୁ ୨ ଜଣ 'ପ୍ରଶଂସନୀୟ ସେବା ପଦକ' ପାଇଛନ୍ତି। ବୀରତ୍ୱ ପଦକ ଜୀବନ ଓ ସମ୍ପତ୍ତି ରକ୍ଷା କରିବା, ଅପରାଧ ରୋକିବା କିମ୍ବା ଅପରାଧୀଙ୍କୁ ଗିରଫ କରିବା କ୍ଷେତ୍ରରେ କର୍ତ୍ତବ୍ୟ ଓ ଦାୟିତ୍ୱକୁ ନଜରରେ ରଖି କରାଯାଇଥିବା ଅସାଧାରଣ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବୀରତ୍ୱ ପଦକ ପ୍ରଦାନ କରାଯାଏ। ମୋଟ ୩୦୧ ଟି ବୀରତ୍ୱ ପଦକ ପ୍ରଦାନ କରାଯାଇଛି। ଏହି ୩୦୧ ଟି ବୀରତ୍ୱ ପଦକ ମଧ୍ୟରୁ ୨୭୨ ଜଣ ପୁଲିସ୍ କର୍ମଚାରୀ ଏବଂ ୨୯ ଜଣ ଅଗ୍ନିଶମ ସେବା କର୍ମଚାରୀଙ୍କୁ ଏହି ପଦକରେ ସମ୍ମାନିତ କରାଯାଇଛି। ଏହି ୩୦୧ ଟି ବୀରତ୍ୱ ପୁରସ୍କାର ମଧ୍ୟରୁ ଅଧିକାଂଶ, ଅର୍ଥାତ୍ ୧୯୭ ଜଣ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର, ୫୧ ଜଣ ଜମ୍ମୁ ଓ କଶ୍ମୀର ଅଞ୍ଚଳର, ୧୨ ଜଣ ଉତ୍ତର-ପୂର୍ବ ଅଞ୍ଚଳର ଏବଂ ୪୧ ଜଣ ଅନ୍ୟାନ୍ୟ ଅଞ୍ଚଳର କର୍ମଚାରୀଙ୍କୁ ସେମାନଙ୍କ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଉଛି। ଓଡ଼ିଶାରୁ ମନ୍ମଥ କୁମାର ମହାପାତ୍ର, ସବ୍-ଇନ୍ସପେକ୍ଟର, ନିରାକାର ଭୁଏ, ହାବିଲଦାର, ସନ୍ତୋଷ ଗୁରୁଙ୍ଗ, କମାଣ୍ଡୋ, ସୁମନ ପୁନ୍, କମାଣ୍ଡୋ, ସୁରେଶ ଚନ୍ଦ୍ର ପୁଟା, କମାଣ୍ଡୋ ବୀରତ୍ୱ ପଦକ ପାଇଛନ୍ତି। ସେବାରେ ସ୍ୱତନ୍ତ୍ର ଓ ଉଲ୍ଲେଖନୀୟ ରେକର୍ଡ ପାଇଁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ଏବଂ ସମ୍ପୂର୍ଣ୍ଣ ନିଷ୍ଠା ଓ ଦକ୍ଷତାର ସହ କରାଯାଇଥିବା ମୂଲ୍ୟବାନ ସେବା ପାଇଁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଏ। ମୋଟ ୯୨ଟି 'ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ' ପ୍ରଦାନ କରାଯାଇଛି। ଏହା ମଧ୍ୟରୁ ୮୩ଟି ପୁଲିସ୍ ସେବା, ୦୪ ଟି ଅଗ୍ନିଶମ ସେବା, ୦୩ଟି ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସେବା ଏବଂ ୦୨ଟି କାରାଗାର ଓ ସୁଧାର ସେବାକୁ ଦିଆଯାଇଛି। ଓଡ଼ିଶାର ପୁଲିସ ବିଭାଗରୁ ସଞ୍ଜୀବ ପଣ୍ଡା, ଅତିରିକ୍ତ ମହାନିର୍ଦ୍ଦେଶକ, ସ୍ମିତାରାଣୀ ମହାନ୍ତି, ଉପ ଆରକ୍ଷୀ ଅଧୀକ୍ଷକ ଏବଂ ଅଗ୍ନିଶମ ବିଭାଗରୁ ମଳୟ କୁମାର ମହାନ୍ତି, ସହକାରୀ ଷ୍ଟେସନ୍ ଅଧିକାରୀ ଏହି ପଦକ ପାଇଛନ୍ତି। ସେହିପରି ମୋଟ ୬୬୪ଟି 'ପ୍ରଶଂସନୀୟ ସେବା ପଦକ' ପ୍ରଦାନ କରାଯାଇଛି। ଏହା ମଧ୍ୟରୁ ୬୦୬ଟି ପୁଲିସ୍ ସେବା, ୨୮ଟି ଅଗ୍ନିଶମ ସେବା, ୧୮ ଟି ସିଭିଲ୍ ଡିଫେନ୍ସ ଓ ହୋମ୍ ଗାର୍ଡ ସେବା ଏବଂ ୧୨ଟି ଜେଲ୍ ସେବାକୁ ଦିଆଯାଇଛି। ଓଡ଼ିଶାର ପୁଲିସ ବିଭାଗରୁ ମନୋରଞ୍ଜନ ପାଇକରାୟ, ଉପ ଆରକ୍ଷୀ ଅଧୀକ୍ଷକ, ସୁରେଶ କୁମାର ବଳ, ଉପ ଆରକ୍ଷୀ ଅଧୀକ୍ଷକ, ଗୀତାଞ୍ଜଳି ପଣ୍ଡା, ଇନ୍ସପେକ୍ଟର, ଭାବେଶ କୁମାର ନାୟକ, ଡେପୁଟି ଡେପୁଟି କମାଣ୍ଡାଣ୍ଟ, ପରେଶ କୁମାର ମିନାତି ନନ୍ଦନ ପତି, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ଶ୍ୟାମଳୀ ବିଶ୍ୱାସ, କନଷ୍ଟେବଳ, ବରୁଣ କୁମାର ନାଏକ, ସବ୍-ଇନ୍ସପେକ୍ଟର, ସୁବାସ ଚନ୍ଦ୍ର ତ୍ରିନାଥ ଗୌଡ଼, ହାବିଲଦାର, ମୁସ୍ତାକ ଅଲ୍ଲୀ ଖାଁ, କନଷ୍ଟେବଳ ଓ ପ୍ରଶାନ୍ତ କୁମାର ବିଶ୍ୱାଳ, ହାବିଲଦାର ଏହି ପଦକ ପାଇଛନ୍ତି । ଅଗ୍ନିଶମ ବିଭାଗରୁ ନୁଏଲ କେର୍କେଟା, ଡ୍ରାଇଭର ହାବିଲଦାର, ଅମିତାଭ ରାଜ, ସହକାରୀ ଷ୍ଟେସନ୍ ଅଧିକାରୀ, ଗୃହରକ୍ଷୀ ବାହିନୀରୁ ଅଭିରାମ ସେଠୀ ଏବଂ ଜେଲ୍ ବିଭାଗରୁ ପ୍ରମୋଦ ସ୍ୱାଇଁ, ମୁଖ୍ୟ ଓ୍ୱାର୍ଡର ଓ ବିଶ୍ୱନାଥ ପଣ୍ଡା ଓ୍ୱାର୍ଡର ଏହି ପଦକ ପାଇଛନ୍ତି।

## ବିସିଆଇ ନିର୍ଦ୍ଦେଶନାମାକୁ ସିଜେଆଇଙ୍କ ନାପସନ୍ଦ

**ନୂଆଦିଲ୍ଲୀ:** ଏନ୍‌ଏଏଲ୍‌ଏସ୍‌ଏଆର ବିଶ୍ୱବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ବିରୋଧରେ ବାର୍ କାଉନସିଲ ଅଫ୍ ଇଣ୍ଡିଆ (ବିସିଆଇ) ଜାରି କରିଥିବା ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ନାପସନ୍ଦ କରିଛନ୍ତି। ବିସିଆକୁ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଜାରି ହୋଇଥିବା ନିର୍ଦ୍ଦେଶନାମା ସମ୍ପୂର୍ଣ୍ଣ ଅନାବଶ୍ୟକ। ଶିକ୍ଷାର୍ଥୀମାନଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ।

ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ ବିସିଆଇର କୌଣସି ଭୂମିକା ନାହିଁ। କାରଣ ଏହା ସିଜେଆଇ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଷୟ। ତେବେ ବିସିଆଇ ଯେଉଁ ନିର୍ଦ୍ଦେଶନାମା ଜାରି କରିଥିଲା, ତାକୁ ପ୍ରତ୍ୟାହାର କରିନେଇଛି। ବିସିଆଇ ପକ୍ଷରୁ କୁହାଯାଇଥିଲା ଯେ ୨୦୨୬ରେ ନାଲ୍‌ସରରୁ ଆଇନ ଡିଗ୍ରୀ ହାସଲ କରିଥିବା କୌଣସି ଶିକ୍ଷାର୍ଥୀଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ଯାଏଁ କୌଣସି ରାଜ୍ୟ ବାର୍ କାଉନସିଲ ଆଇନଜୀବୀ ଭାବେ ପଞ୍ଜିକରଣ କରାଯିବ ନାହିଁ। ତେବେ ଏହାକୁ ନେଇ ବିବାଦ ସୃଷ୍ଟି ହେବାରୁ ବିସିଆଇ ତା'ର ନିର୍ଦ୍ଦେଶନାମା ପ୍ରତ୍ୟାହାର କରିଛି। ସୂଚନାଯୋଗ୍ୟ ନାଲ୍‌ସାର୍‌ରେ ୨୦୨୬ରୁ ସମାବର୍ତ୍ତନ ସମାରୋହରେ ସିଜେଆଇ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ମୁଖ୍ୟଅତିଥି କରିବା ପାଇଁ ଦିଆଯାଇଥିବା ନିମନ୍ତ୍ରଣକୁ ବିଛି ବିଦାୟୀ ଛାତ୍ର ବିରୋଧ କରିଥିଲେ। ପ୍ରାୟ ୪୫୦ରୁ ଅଧିକ ଛାତ୍ରଛାତ୍ରୀ କୁଳପତି, ରେଜିଷ୍ଟ୍ରାର, ପ୍ରଫେସରଙ୍କୁ ଚିଠି ଲେଖି ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ ଅନୁରୋଧ କରିଥିଲେ। ଏହାକୁ ନେଇ ବିବାଦ ଦେଖାଦେଇଥିଲା।

## ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ଆସିବେ ଇରାନ ରାଷ୍ଟ୍ରପତି

**ନୂଆଦିଲ୍ଲୀ:** ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ବ୍ରିକ୍ସ ସମ୍ମିଳନୀରେ ଭାଗ ନେବାକୁ ଭାରତ ଗସ୍ତରେ ଆସିବେ ବୋଲି ଇରାନୀ ସୂତ୍ରରୁ ଶୁକ୍ରବାର ଜଣାପଡ଼ିଛି। ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ। ୧୮ଶ ତମ ବ୍ରିକ୍ସ ସମ୍ମିଳନୀ ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଛି। ଏହି ଶିଖର ସମ୍ମିଳନୀ ଭାରତର 'ସ୍ଥାୟୀତା, ନବସୃଜନ, ସହଯୋଗ ଓ ସ୍ଥିରତା ପାଇଁ ନିର୍ମାଣ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ହେବ। ଭାରତ ୨୦୨୬ ଆରମ୍ଭରେ ବ୍ରାଜିଲଠାରୁ ବ୍ରିକ୍ସ ଅଧ୍ୟକ୍ଷତା ଗ୍ରହଣ କରିଥିଲା।ଅକ୍ଟୋବର ୨୦୨୪ ରେ ପେଜେସ୍କିଆନ ରୁଷର କାଜାନଠାରେ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଥିଲେ, ଯେଉଁଠାରେ ଦୁଇ ନେତା ଦ୍ୱିପାକ୍ଷିକ ଓ ଆଞ୍ଚଳିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଇରାନ ୨୦୨୪ରେ ବ୍ରିକ୍ସର ପୂର୍ଣ୍ଣକାଳୀନ ସଦସ୍ୟ ହୋଇଥିଲା। ସେହିବର୍ଷ ଇଜିପ୍ଟ, ଇଥୋପିଆ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ବ୍ରିକ୍ସ ସଦସ୍ୟ ହୋଇଥିଲେ। ୨୦୨୫ରେ ଇଣ୍ଡୋନେସିଆ ବ୍ରିକ୍ସ ସଦସ୍ୟ ହେବାପରେ ଏହି ଗୋଷ୍ଠୀର ସଦସ୍ୟଙ୍କ ସଂଖ୍ୟା ୧୧ରେ ପହଞ୍ଚି ଥିଲା। ଜୁନ୍ ମାସର ପ୍ରାରମ୍ଭରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ବ୍ରିକ୍ସ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗଦେବା ପାଇଁ ଭାରତ ଆସିଥିଲେ।

## ବ୍ରିଟେନରେ ଟ୍ରେନ୍ ଲାଇନଚ୍ୟୁତ: ୧୧ ଆହତ

**ଲଣ୍ଡନ:** ଗୁରୁବାର ଦକ୍ଷିଣ-ପୂର୍ବ ଇଂଲଣ୍ଡର ଲୁଇସ୍ ରେଳ ଷ୍ଟେସନ ନିକଟରେ ଏକ ଯାତ୍ରୀବାହୀ ଟ୍ରେନ ଲାଇନଚ୍ୟୁତ ହେବା ଫଳରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି ଓ ଅନ୍ୟ ନଅ ଜଣ ଆହତ ହୋଇଛନ୍ତି। ବ୍ରିଟିଶ ପରିବହନ ପୁଲିସର ସୂଚନା ଅନୁଯାୟୀ, ସ୍ଥାନୀୟ ସମୟ ଅପରାହ୍ଣ ୩ଟା ୪୪ ମିନିଟରେ ଟ୍ରେନର ତିନୋଟି ବଗି ଲାଇନଚ୍ୟୁତ ହୋଇଥିଲା। ପୁଲିସ କହିଛି ଯେ, ପ୍ରଥମେ ଅନେକ ଯାତ୍ରୀ ଫସି ରହିଥିଲେ କିନ୍ତୁ ପରେ ସେମାନଙ୍କୁ ସୁରକ୍ଷିତ ଭାବରେ ବାହାର କରାଯାଇଛି।ସସେକ୍ସ ପୁଲିସ ଓ ସ୍ଥାନୀୟ ଅଗ୍ନିଶମ, ଉଦ୍ଧାରକାରୀ ଓ ଆମ୍ବୁଲାନ୍ସ ଦଳ ସମେତ ଜରୁରୀକାଳୀନ ସେବା ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ।

## ଦ୍ୱିତୀୟ ସ୍ୱାଧୀନତା ଆନ୍ଦୋଳନ ସପକ୍ଷରେ ମତ ଦେଲେ ୱାଙ୍ଗଚୁକ୍



**ନୂଆଦିଲ୍ଲୀ:** ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ଭାରତରେ ଦ୍ୱିତୀୟ ସ୍ୱାଧୀନତା ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି, ଯଦ୍ୱାରା ଦେଶ ତାର ନେତାମାନଙ୍କୁ ବାଛିବାରେ ମାନସିକତାରେ ପରିବର୍ତ୍ତନ ଆଣିପାରିବ। ସେ ନାଗରିକମାନଙ୍କୁ ନିଃସ୍ୱାର୍ଥପର, ନିର୍ଭୀକ ଚରିତ୍ରର ଲୋକଙ୍କୁ ନେତା ଭାବେ ବାଛିବାକୁ ପରାମର୍ଶ ଦେଇଛନ୍ତି ,ଯେଉଁମାନେ ଭାରତର ଭବିଷ୍ୟତ ଗଠନ କରିବାରେ ସାହାଯ୍ୟ କରିପାରିବେ। ଭାରତର ମୁଣ୍ଡପିଛା ଆୟକୁ ଉଦ୍ଧୃତ କରି ୱାଙ୍ଗଚୁକ୍ କହିଛନ୍ତି ଯେ, ଯଦି ବର୍ତ୍ତମାନର ପରିସ୍ଥିତି ଜାରି ରହେ, ତେବେ ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହୋଇପାରିବ ନାହିଁ। ୱାଙ୍ଗଚୁକ୍କ ଅନୁଯାୟୀ, ଶ୍ରୀଲଙ୍କା ଓ ବାଂଲାଦେଶ ଭଳି ଦେଶଗୁଡ଼ିକ ଭାରତକୁ ପଛରେ ପକାଇ ସାରିଛନ୍ତି। ସଠିକ୍ ନେତୃତ୍ୱ ବାଛିବା ପାଇଁ ଦେଶକୁ ଏକ ଶାନ୍ତିପୂର୍ଣ୍ଣ ବିପ୍ଳବର ଆବଶ୍ୟକତା ଅଛି। ୱାଙ୍ଗଚକ୍ ଗୁରୁବାର ବିଳମ୍ବିତ ରାତିରେ ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ, ଗତ କିଛି ଦିନ ଧରି ତାଙ୍କର ଦେହ ଭଲ ନଥିଲା। ଏହି ସମୟ ମଧ୍ୟରେ ସେ ଦେଶ ଓ ଏହାର ଭବିଷ୍ୟତ ବିଷୟରେ ବହୁତ ଚିନ୍ତା କରିଥିଲେ। ସେ ନିର୍ବାଚିତ ପ୍ରତିନିଧିମାନଙ୍କ ବିରୋଧରେ ଆପରାଧିକ ମାମଲା ଉପରେ ଆଲୋକପାତ କରି କହିଥିଲେ ଯେ, ଭାରତର ପ୍ରାୟ ଅଧା ସାଂସଦଙ୍କ ବିରୋଧରେ ଫୌଜଦାରୀ ମାମଲା ରହିଛି। ଏକ ତୃତୀୟାଂଶଙ୍କ ବିରୋଧରେ ହତ୍ୟା, ଦୁଷ୍କର୍ମ ଓ ଅପହରଣ ଭଳି ଗମ୍ଭୀର ଅଭିଯୋଗ ରହିଛି।ୱାଙ୍ଗଚୁକ୍ କହିଛନ୍ତି ଯେ, ଏଥିଯୋଗୁ ଦେଶରେ 'ବିଶ୍ୱାସର ଅଭାବ' ବଢୁଛି। ୱାଙ୍ଗଚୁକ୍ କହିଛନ୍ତି ଯେ, ସେ ଭାରତର କିଛି 'ଶ୍ରେଷ୍ଠ ଚିନ୍ତନଶୀଳ ବ୍ୟକ୍ତି'ଙ୍କ ସହିତ ପରାମର୍ଶ କରି କ'ଣ ପରିବର୍ତ୍ତନ ଆଣିବା ଆବଶ୍ୟକ ଓ ଏପରି ପରିବର୍ତ୍ତନ କିପରି ଅଣାଯାଇପାରିବ ସେ ବିଷୟରେ ଚିନ୍ତା କରିବାକୁ ଚାହାଁନ୍ତି। ତଥାପି ସେ ଗୁରୁତ୍ୱାରୋପ କରିଥିଲେ ଯେ, ଆଲୋଚନା କେବଳ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ସୀମିତ ହେବା ଉଚିତ୍ ନୁହେଁ।

## ଦିଲ୍ଲୀ ଏମ୍ସରେ ଜେପି ନଡ୍ଡା



**ନୂଆଦିଲ୍ଲୀ:** କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଅସୁସ୍ଥତା ଅନୁଭବ କରିବାରୁ ଗୁରୁବାର ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ନଡ୍ଡାଙ୍କୁ ଗୁରୁବାର ସନ୍ଧ୍ୟାରେ ଏମ୍ସରେ ଭର୍ତ୍ତି କରାଯିବା ପରେ ତାଙ୍କର କରୋନାରୀ ଆଞ୍ଜିଓଗ୍ରାଫି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ଅଛି ଓ ନଡ୍ଡାଙ୍କୁ ଏମ୍ସର ହୃଦରୋଗ ବିଭାଗରେ ପର୍ଯ୍ୟବେକ୍ଷଣ ପାଇଁ ଭର୍ତ୍ତି କରାଯାଇଛି ବୋଲି ହସ୍ପିଟାଲ ପକ୍ଷରୁ ବିବୃତି ଜାରି କରାଯାଇଛି।




## ୪ ସେକେଣ୍ଡ ପାଇଁ ନିୟନ୍ତ୍ରଣରେ ନଥିଲା ଫୁକେଟ୍-ଦିଲ୍ଲୀ ବିମାନ

**ନୂଆଦିଲ୍ଲୀ:** ଅଗଷ୍ଟ ୪ ତାରିଖରେ ଫୁକେଟ୍ରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ବିମାନରେ ଥିବା ଯାତ୍ରୀଙ୍କ ପାଇଁ ବିମାନ ଯାତ୍ରା କୌଣସି ଭୟଙ୍କର ସ୍ୱପ୍ନରୁ କିଛି କମ୍ ନଥିଲା। ବିମାନଟି ମଝି ଆକାଶରେ ହଠାତ୍ ୩୦୦ ଫୁଟ୍ ତଳକୁ ଖସି ଆସିଥିଲା। ବିମାନ ଭିତରେ ଯାତ୍ରୀମାନଙ୍କ ଭିତରେ ହଠାତ୍ ଆତଙ୍କ ଖେଳି ଯାଇଥିଲା। ଏହି ଘଟଣାରେ ୨୪ ଯାତ୍ରୀ ଆହତ ହୋଇଥିଲେ। ଏହି ଘଟଣା ପରେ ପାଇଲଟଙ୍କୁ ନେଇ ଚକିତ କରିଦେବା ପରି ତଥ୍ୟ ସାମ୍ନାକୁ ଆସିଥିଲା। ଏୟାରବସ୍ର ପ୍ରାରମ୍ଭିକ ତଦନ୍ତ ରିପୋର୍ଟରେ ଏକ ବଡ଼ ତଥ୍ୟ ପଦାକୁ ଆସିଛି। ରିପୋର୍ଟ ଅନୁଯାୟୀ ଏ-୩୨୦ ବିମାନ ପୂରା ୪ ସେକେଣ୍ଡ ପାଇଁ ପୂରାପୂରି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏୟାରବସ୍ର ଟେକ୍ନିକାଲ ରିପୋର୍ଟରୁ ଜଣାପଡ଼ିଛି ଯେ, ବିମାନର ତିନିଟି ହାଇଡ୍ରୋଲିକ୍ ସିଷ୍ଟମ୍ରେ ଏକାସାଙ୍ଗରେ ଖରାପ ହୋଇଯାଇଥିଲା।

## ଚାମୋଲି ଟନେଲରେ ଭୂସ୍ଖଳନ: ୯ ଶ୍ରମିକଙ୍କ ମୃତ୍ୟୁ


**ନୂଆଦିଲ୍ଲୀ:** ପାହାଡ଼ ଭିତରେ ଚାଲିଥିଲା ନିର୍ମାଣ କାମ। ହଠାତ୍ ଗର୍ଜନ ସହ ଖସିଲା ମାଟି ଓ ମଲବା, ଟନେଲ ଭିତରକୁ ମାଡ଼ିଆସିଲା ପାଣି। କିଛି ମୁହୂର୍ତ୍ତ ମଧ୍ୟରେ ଆନ୍ଧାର ଟନେଲ ପାଲଟିଗଲା ଭୟଙ୍କର ମୃତ୍ୟୁଫାଶରେ। ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାର ପିପଲକୋଟି ଅଞ୍ଚଳରେ ଘଟିଥିବା ଏହି ଦୁର୍ଘଟଣାରେ ଅନେକ ଶ୍ରମିକ ପ୍ରଭାବିତ ହୋଇଥିବା ବେଳେ ୯ ଜଣଙ୍କ ମୃତ୍ୟୁ ଘଟିଥିବା ଖବର ଆସିଛି। ଗୁରୁବାର ସନ୍ଧ୍ୟାରେ ଟିହରି ହାଇଡ୍ରୋ ଡେଭଲପମେଣ୍ଟ କର୍ପୋରେସନ ଲିମିଟେଡର ଏକ ନିର୍ମାଣାଧୀନ ଟନେଲରେ ଶ୍ରମିକମାନେ କାମ କରୁଥିବା ସମୟରେ ହଠାତ୍ ଭୂସ୍ଖଳନ ଘଟିଥିଲା।


## ଦିଲ୍ଲୀ ହାଇକୋର୍ଟ, ବିମାନବନ୍ଦରକୁ ବୋମା ଧମକ

**ନୂଆଦିଲ୍ଲୀ:** ସ୍ୱାଧୀନତା ଦିବସର ଦିନକ ପୂର୍ବରୁ ଦିଲ୍ଲୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବୋମାରେ ଉଡ଼େଇ ଦେବାକୁ ଧମକ ଦିଆଯାଇଛି। ଦିଲ୍ଲୀ ହାଇକୋର୍ଟ, ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ଜାତୀୟ ରାଜଧାନୀର ଅନେକ ସ୍ଥାନରେ ବୋମା ବିସ୍ଫୋରଣ କରାଯିବାକୁ ଧମକ ମିଳିଛି। ଧମକ ମିଳିବା ପରେ ପୂରା ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଶନିବାର ଅପରାହ୍ଣ ୨ଟା ୧୧ ମିନିଟରେ ଦିଲ୍ଲୀ ହାଇକୋର୍ଟ ବିସ୍ଫୋରଣ କରାଯିବାକୁ ଧମକପୂର୍ଣ୍ଣ ଇମେଲରେ ଉଲ୍ଲେଖ ରହିଛି। ଖଲିସ୍ତାନ ନାମରେ ପଠାଯାଇଥିବା ଏହି ଇମେଲ୍ରେ ସହରର ଅନେକ ସ୍ଥାନକୁ ବିସ୍ଫୋରଣ ଉଡ଼େଇ ଦେବାକୁ ଯୋଜନା ରହିଥିବା ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି। ଏହି ଧମକପୂର୍ଣ୍ଣ ମେଲ୍ରେ ଦିଲ୍ଲୀକୁ ଖଲିସ୍ତାନରେ ପରିଣତ କରାଯିବାକୁ ଧମକ ଦିଆଯାଇଛି।

## ଡ୍ରୋନ୍ ଉପରେ ୧୦୦% ଶୁଳ୍କ ଲଗାଇଲେ ଟ୍ରମ୍ପ

**ନୂଆଦିଲ୍ଲୀ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ଡ୍ରୋନ୍ ଆମଦାନି ଉପରେ ୧୦୦ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି। ରାଷ୍ଟ୍ରୀୟ ସୁରକ୍ଷା ଓ ଚୀନ୍ କମ୍ପାନିଠାରୁ ଦୂରରେ ରହିବା ଏବଂ ବିଦେଶୀ ଦେଶ ଉପରେ ନିର୍ଭରଶୀଳତା କମ୍ କରିବା ଲକ୍ଷ୍ୟ ନେଇ ସେ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ ଏହି ନିଷ୍ପତ୍ତି ଦ୍ୱାରା ଦେଶରେ ଡ୍ରୋନ୍ ଓ ତାହା ତିଆରି କରିବା ପାଇଁ ଦରକାର ହେଉଥିବା ଉପକରଣର ଉତ୍ପାଦନ ବଢ଼ିବ। ଏଥି ସହିତ ବିଦେଶୀ ଯୋଗାଣ ଶୃଙ୍ଖଳା ଉପରେ ନିର୍ଭରଶୀଳତା କମ୍ ହୋଇପାରିବ।ଆମେରିକାର ବାଣିଜ୍ୟିକ ଡ୍ରୋନ୍ ବଜାରର ୭୦ ପ୍ରତିଶତ ଭାଗ ଚୀନ୍ କମ୍ପାନିଗୁଡ଼ିକ କବ୍ଜାରେ ରହିଛି। ଯେଉଁ ଡ୍ରୋନ୍ର ଭାର ବହନ କ୍ଷମତା ୨୫ କେଜିରୁ କମ୍ ସେଗୁଡ଼ିକ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି।୨୫ କେଜିରୁ ଅଧିକ ଭାରତ ବହନ କରୁଥିବା କିମ୍ବା ଥର୍ମାଲ ଇମେଜିଂ କ୍ଷମତା ଥିବା ଡ୍ରୋନ୍ଗୁଡ଼ିକ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଯାଇଛି। ୟୁରୋପୀୟ ସଂଘ, ଜାପାନ, ଦକ୍ଷିଣ କୋରିଆ ଓ ତାଇୱାନର ଡ୍ରୋନ୍ ଉପରେ ୧୫ ପ୍ରତିଶତ ଏବଂ ବ୍ରିଟେନ୍ ଡ୍ରୋନ୍ ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଯାଇଛି। ଆଦେଶରେ ଟ୍ରମ୍ପସ୍ୱାକ୍ଷର କରିବାର ୨୧ ଦିନ ପରେ ନୂଆ ଶୁଳ୍କ ଲାଗୁ ହେବ। ତେବେ କେତେକ ସମ୍ବେଦନଶୀଳ ଉପାଦାନ ଉପରେ ଶୁଳ୍କକୁ ୧୮୦ ଦିନ ପରେ ଲାଗୁ କରାଯିବ।କୁହାଯାଉଛି ଯେ ରୁଷ-ୟୁକ୍ରେନ ଯୁଦ୍ଧ ଓ ହାଇବ୍ରିଡ୍ ଯୁଦ୍ଧର ଗୁରୁତ୍ୱ ବଢୁଥିବାରୁ ଆମେରିକା ଶୁଳ୍କ ଲଗାଇବା ଭଳି ନିଷ୍ପତ୍ତି ନେଇଛି। କିନ୍ତୁ ବିଶେଷଜ୍ଞମାନଙ୍କ ମତରେ ଚୀନ୍ କମ୍ପାନିଗୁଡ଼ିକ ଉପରେ ଲଗାମ କଷିବା ହେଉଛି ଏହି ଶୁଳ୍କର ମୁଖ୍ୟ ଉଦ୍ଦେଶ୍ୟ। ଏହି ଶୁଳ୍କ ଦ୍ୱାରା ବାଣିଜ୍ୟିକ ଡ୍ରୋନ୍ ବଜାର ସମ୍ପୂର୍ଣ୍ଣ ବଦଳିଯିବ ବୋଲି ସେମାନେ କହିଛନ୍ତି। ଚୀନ ବଜାର ଗୁରୁତର ପ୍ରଭାବିତ ହେବ।



# ଆଜିଠୁ ଗାଲେ ଟେଷ୍ଟ



କଲମ୍ବୋ,୧୪।୮ (ଏଜେନ୍ସି): ଗାଲେରେ ଶନିବାର ଠାରୁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହେବାକୁଯାଉଛି । ଏହି ଐତିହାସିକ ଶୃଙ୍ଖଳା ଜରିଆରେ ଭାରତ ୬୦୦ ଟେଷ୍ଟ ମ୍ୟାଚ ପୂରଣ କରିବାକୁ ଯାଉଛି । ଏହି ଗୁରୁତ୍ୱପୂର୍ଣ୍ଣ ଶୃଙ୍ଖଳା ପୂର୍ବରୁ ନିଜର ଲକ୍ଷ୍ୟ ସ୍ୱଷ୍ଟ କରିଛନ୍ତି । ଭାରତୀୟ ଅଧିନାୟକ ଶୁଭମନ ଗିଲ । ସେ କହିଛନ୍ତି ଆମର ମୂଳଲକ୍ଷ୍ୟ ଆସନ୍ତାବର୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ ଖେଳିବା । ଯୋଗ୍ୟତା ହାସଲ କରିବାର ସୁଯୋଗ ପାଇବା ପାଇଁ ଆମକୁ ପ୍ରାୟ ୬ କିମ୍ବା ୭ଟି ମ୍ୟାଚ ଜିତିବାକୁ ପଡିବ । ସେହି ଦୃଷ୍ଟିରୁ ଶୃଙ୍ଖଳା ଗୁରୁତ୍ୱ ଢ଼େର ବଢ଼ି ଯାଇଛି । ଅନ୍ତର୍ଜାତୀୟ କ୍ରିକେଟର ବ୍ୟସ୍ତବହୁଳ ସୂଚୀ ଯୋଗୁଁ ନିଜକୁ ସ୍ଥିର କରିବାକୁ ସମୟ ମିଳେନି । ଏବେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ପୂର୍ବରୁ ନିଜକୁ ୧୦ ଦିନ ମିଳି ଥିବାରୁ ଆମେ ଭଲ ପ୍ରସ୍ତୁତ ହୋଇପାରିଛୁ । ଦେବଦତ୍ତ ପଡିକାଲ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପ୍ରସଙ୍ଗ କରି ଗିଲ କରିଛନ୍ତି ଭାରତୀୟ ଏ' ଦଳ ସହ ଦବଦତ୍ତ ଏଠାରେ ଥିଲେ ଭଲ ପ୍ରଦର୍ଶନ ମଧ୍ୟ କରିଛନ୍ତି । ଏହି ଫର୍ମାଟରେ ସଫଳ ହେବାକୁ ତାଙ୍କ ପାଖରେ ସମସ୍ତ କୌଶଳ ଓ ସାମର୍ଥ୍ୟ ରହିଛି । ପ୍ରସିଦ୍ଧ ଭଲ ବୋଲିଂ କରୁଛନ୍ତି । ଗାଲେରେ ପବନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ଭାରତ ପାଇଁ ଏହି ଟେଷ୍ଟ ଏକ ମାଇଲଖୁଣ୍ଟ ହେବାକୁଯାଉଛି । ଭାରତର ଏହା ୬୦୦ ତମ ମ୍ୟାଚ ହୋଇଥିବା ବେଳେ ଅଧିନାୟକ ଭାବେ ଏହା ଗିଲଙ୍କ ୧୦ ଟେଷ୍ଟ । ସେହିଭଳି ଗାଲେରେ ୫୦ତମ ଟେଷ୍ଟ ମ୍ୟାଚ ଆୟୋଜନ ହେବ ।

ଗାଲେ ଟେଷ୍ଟରେ ବଡ ରନ ହେବାର ସମ୍ଭାବନା ରହିଛି । ଗାଲେରେ ଆହତ କୁଶଲ ମେଣ୍ଡିସଙ୍କ ସ୍ଥାନରେ ନିରୋସାନ ଡିକୱେଲାଙ୍କୁ ଶ୍ରୀଲଙ୍କା ନିଜ ଦଳରେ ସାମିଲ କରିଛି । ଅଫସ୍ପିନର କେଶରା ନିୱାନ୍ତା ଜଣେ ପ୍ରଭାବଶାଳୀ ବୋଲର । ତାଙ୍କ ଲାଇନ ଓ ଲେନ୍ଥରେ ସ୍ଥିରତା ରହିଛି । ଗାଲେରେ ୫୦ତମ ଟେଷ୍ଟ ଆୟୋଜନ ହୋଇଥିବାରୁ ମୁଁ ଖୁସି ଅଛି ବୋଲି ଧନଞ୍ଜୟ ଡିସିଲଭା କହିଛନ୍ତି ।

## ୩ ସ୍ପିନରଙ୍କୁ ଖେଳାଇବ ଭାରତ

ଗାଲେ ଟେଷ୍ଟ ପାଇଁ ଭାରତୀୟ ଚୂଡାନ୍ତ ଏକାଦଶରେ ୩ ଜଣ ସ୍ପିନର ସ୍ଥାନ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି । ବୋଲିଂ ପ୍ରଶିକ୍ଷକ ମର୍ଣ୍ଣ ମୋର୍କେଲଙ୍କ ସୂଚନା ଅନୁସାରେ କୁଲଦୀପ ଯାଦବ, ରବିନ୍ଦ୍ର ଜାଡେଜା ଓ ମାନବ ସୂତାରଙ୍କ ଭଳି ବୋଲର ଖେଳି ପାରନ୍ତି । ୩ ଜଣ ଯାକ ବାମହାତି ହୋଇଥିଲେ ମଧ୍ୟ ସେମାନଙ୍କ ବୋଲିଂରେ ଭିନ୍ନତା ରହିଛି । କୁଲଦୀପ ତାଙ୍କ ଆକ୍ରମଣାତ୍ମ ଚାଇନାମ୍ୟାନ ସ୍ପିନ ପାଇଁ ପ୍ରସିଦ୍ଧ । ଜାଡେଜାଙ୍କ ସବୁଠାରୁ ବଡ଼ ଅସ୍ତ୍ର ହେଉଛି ତାଙ୍କ ଲାଇନ ଓ ଲେନ୍ଥ । ସେହିଭଳି ମାନବସୂତରା ପାରମ୍ପରିକ ଶୈଳୀର ଲୁପି ବାମହାତୀ ସ୍ପିନ ବୋଲିଂ କରନ୍ତି । ଏଣୁ ୩ ଜଣ ବାମହାତୀ ସ୍ପିନରଙ୍କୁ ଏକାଠି ଖେଳାଇବା ନେଇ ଭାରତୀୟ ଦଳ ଚିନ୍ତା କରୁଛି । ଭାରତର ସ୍ପିନ ଆକ୍ରମଣ ଦଳ ପାଇଁ ବଡ଼ ବିକଳ୍ପ ଭାବେ ବିବେଚନା କରାଯାଉଛି । ଦ୍ରୁତ ବୋଲିଂ ବିଭାଗରେ ମହମ୍ମଦ ସିରାଜଙ୍କ ସ୍ଥାନ ନିଶ୍ଚିତ । ତାଙ୍କ ସହ ପ୍ରସିଦ୍ଧ କ୍ରିଷ୍ଣ କିମ୍ବା ଗୁରନୁରବ୍ରାରଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ । ଉଭୟଙ୍କ ଟେଷ୍ଟର ଅଭିଜ୍ଞତା ସୀମିତ ଥିଲେ ମଧ୍ୟ ମୋର୍କେଲ ସେମାନଙ୍କ ଉପରେ ଭରଷା କରିଛନ୍ତି ।

## ଶ୍ରୀଲଙ୍କାରେ ଗମ୍ଭୀରଙ୍କୁ ଟପିବେ ରାହୁଲ

୨୦୧୪ ମସିହାରେ ଲୋକେଶ ରାହୁଲ ଭାରତୀୟ ଦଳରେ ପ୍ରଦାର୍ପଣ କରିଥିଲେ । ସେ ଶ୍ରୀଲଙ୍କାରେ ମୁକାବିଲା କରିବାକୁ ଯାଉଛନ୍ତି । ଏବେ ସୁଦ୍ଧ ସେ ୬୮ ଟେଷ୍ଟ ମ୍ୟାଚ ଖେଳି ୪,୧୫୩ ରନ କରିଛନ୍ତି । ତାଙ୍କୁ ଏକ ବଡ଼ ରେକର୍ଡ କରିବାକୁ ମାତ୍ର ୨ ରନ ଦରକାର । ଯାହାପରେ ସେ ଟେଷ୍ଟ ରନରେ ରେସରେ ଗମ୍ଭୀରଙ୍କୁ ପଛରେ ପକାଇବେ । ଗମ୍ଭୀର କ୍ୟାରିୟରରେ ୫୮ଟି ଟେଷ୍ଟ ଖେଳିଛନ୍ତି । ଏହାସହ ତାଙ୍କ ବ୍ୟାଟରୁ ୧୫୪ ରନ କରିଛନ୍ତି । ଅର୍ଥାତ ରାହୁଲ ଗାମ୍ଭୀରଙ୍କ ଠାରୁ ମାତ୍ର ଗୋଟିଏ ରନ ପଛରେ ଅଛନ୍ତି । ଟେଷ୍ଟ ସିରିଜରେ ରାହୁଲ ୧ ରନ କଲେ ଗମ୍ଭୀରଙ୍କ ସମକକ୍ଷ ହେବେ । ୨ ରନ୍ କଲେ ତାଙ୍କୁ ଅତିକ୍ରମ କରିବେ । ଗମ୍ଭୀର ଭାରତୀୟ ଏକାଦଶରେ ଶେଷଥର ପାଇଁ ୨୦୧୬ରେ ନଜର ଆସିଥିଲେ । ଏହାପରେ ରାହୁଲ ଦଳରେ ନିୟମିତ ସଦସ୍ୟ ହେଲା ପରେ ଗମ୍ଭୀରଙ୍କୁ ଦୂରେଇ ଦିଆଯାଇଥିଲା । ଗମ୍ଭୀର ଟେଷ୍ଟ କ୍ୟାରିୟରରେ ୯ଟି ଶତକ ଏବଂ ୨୨ଟି ଅର୍ଦ୍ଧଶତକ ମାରିଥିଲେ । ରାହୁଲ ଏପର୍ଯ୍ୟନ୍ତ ୧୨ଟି ଶତକ ଓ ୨୦ଟି ଅର୍ଦ୍ଧଶତକ ହାସଲ କରିଛନ୍ତି । ଭାରତୀୟ ଦଳର ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର ତାଲିକାରେ ସଚିନ ତେନ୍ଦୁଲକର ଆଗରେ ରହିଛନ୍ତି । ସେ ୧୫,୯୨୧ ରନ୍ ସଂଗ୍ରହ କରିଛନ୍ତି । ମୋଟ୍ ୨୦୦ ମ୍ୟାଚ ଖେଳିଛନ୍ତି ସଚିନ । ନଂ.୨ ସ୍ଥାନରେ ଦ୍ରାବିଡ ରହିଛନ୍ତି । ସେ ୧୩,୨୬୫ ରନ୍ କରିଛନ୍ତି । ୨ ଖେଳାଳି ଦିନିକିଆ ଓ ଉଭୟ ଫର୍ମାଟରେ ୧୦,୦୦୦ରୁ ଅଧିକ ରନ କରିଛନ୍ତି । ଅନ୍ୟ ଦିଗରେ ସୁନୀଲ ଗାଭାସ୍କର ୧୨୨ଟି ଟେଷ୍ଟରୁ ୧୦,୧୨୨ ରନ୍ କରିଛନ୍ତି । ବିରାଟ କୋହଲି ୯,୨୩୦ ରନ ସଂଗ୍ରହ କରି ନଂ୪ ସ୍ଥାନରେ ରହିଛନ୍ତି ।

### କମନୱେଲଥ ପାରା ଫେନସିଂ ଚାମ୍ପିଅନସିପ୍

## ଓଡ଼ିଶା ପ୍ରତିଯୋଗୀଙ୍କ ପଦକ ସଫଳତା

ଭୁବନେଶ୍ୱର,୧୪।୮ (ସବ୍ୟୁ): କମନୱେଲଥ ପାରା ଫେନସିଂ ଚାମ୍ପିଅନସିପରେ ଓଡ଼ିଶା ପ୍ରତିଯୋଗୀଙ୍କ ଚମକ ଦେଖିବାକୁ ମିଳିଛି । ଓଡ଼ିଶାର ୫ ଜଣ ପୁରୁଷ ଏବଂ ଜଣେ ମହିଳା ପାରା ଫେନସର ମାଳତୀ ପାନାଓରେ ନାଇଜେରିଆର ଲାଗୋସରେ ଅନୁଷ୍ଠିତ କମନୱେଲଥ ପାରା ଫେନସିଂ ଚାମ୍ପିଅନସିପରେ ପଦକ ଜିତି ସାରା ଦେଶ ପାଇଁ ଗୌରବ ଆଣିଛନ୍ତି । ବ୍ୟକ୍ତିଗତ ବର୍ଗରେ ଓଡ଼ିଶା ପ୍ରତିଯୋଗୀ୬ଟି ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ଜିତିଛନ୍ତି । ସେହିଭଳି ଦଳଗତରେ ୪ଟି ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ଜିତି ରାଜ୍ୟ ଫେନସିଂ ପାଇଁ ଏହି ପ୍ରତିଯୋଗିତାକୁ ସ୍ମରଣୀୟ କରିଛନ୍ତି ।

ମାଳତୀ ପାନାଓରେ ମହିଳା ଫୋଲି ଏବଂ ଇପି ବର୍ଗରେ ଦୁଇଟି ସ୍ୱର୍ଣ୍ଣ, ଭି ରମେଶ ରାଓ ପୁରୁଷ ହୋଲି ଏବଂ ଇପି ବର୍ଗରେ ଦୁଇଟି ସ୍ୱର୍ଣ୍ଣ, ଓମ ପ୍ରକାଶ ବେହେରା ପୁରୁଷ ଫୋଲି ଏବଂ ବର୍ଗରେ ଦୁଇଟି ସ୍ୱର୍ଣ୍ଣ ହାସଲ କରିଛନ୍ତି । ସେହିଭଳି ରୁଦ୍ର ନାରାୟଣ ବେହେରା ପୁରୁଷ ଫୋଲି ଏବଂ ଇପି ବର୍ଗରେ ଦୁଇଟି ରୌପ୍ୟ, ରାଖାଲ କୁମାର ସେଠୀ ପୁରୁଷ ଫୋଲି ଏବଂ ଇପି ବର୍ଗରେ ଦୁଇଟି ବ୍ରୋଞ୍ଜ ପଦକ ତଥା ପବିତ୍ର ସାହୁ ପୁରୁଷ ଫୋଲି ଏବଂ ଇପି ବର୍ଗରେ ବ୍ରୋଞ୍ଜ ପଦକ ଜିତିଛନ୍ତି । ଭାରତୀୟ ପୁରୁଷ ଫୋଲି ଦଳ ସ୍ୱର୍ଣ୍ଣ ଏବଂ ପୁରୁଷ ଫୋଲି ବି ଦଳ ରୌପ୍ୟ ପଦକ ଜିତିଛନ୍ତି । ଇପି ବର୍ଗରେ ମଧ୍ୟ ଭାରତକୁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସଫଳତା ମିଳିଛି । ଏହି ପ୍ରତିଯୋଗିତାରେ ଭାରତ ମୋଟ୍ ୬୩ ମେଡାଲ ଜିତିଛି । ଏଥିରେ ୨୫ଟି ସ୍ୱର୍ଣ୍ଣ, ୨୫ ଗୋଲ୍ଡ, ୨୦ ସିଲିଭ ଏବଂ ୧୮ ଟି ବ୍ରୋଞ୍ଜ ପଦକ ରହିଛି । ପାରା ଫେନସିଂରେ କେବଳ ୨୪ଟି ପଦକ ମିଳିଛି । ଏଥିରେ ୧୨ଟି ସ୍ୱର୍ଣ୍ଣ, ୮ ଟି ରୌପ୍ୟ ଏବଂ ୪ଟି ବ୍ରୋଞ୍ଜ ପଦକ ରହିଛି ।

## ବୁଡାପେଷ୍ଟରେ ହର୍ଷିତ ରଞ୍ଜନ ସାହୁଙ୍କୁ ତୃତୀୟ ଆଇଏମ୍ ନର୍ମ

ଭୁବନେଶ୍ୱର,୧୪।୮ (ସବ୍ୟୁ): ଓଡ଼ିଶାର ଉଦୀୟମାନ ଚେସ୍ ପ୍ରତିଭା ତଥା ଫିଡେ ମାଷ୍ଟର (ଏଫ୍.ଏମ୍.) ହର୍ଷିତ ରଞ୍ଜନ ସାହୁ ହଙ୍ଗେରୀର ରାଜଧାନୀ ବୁଡାପେଷ୍ଟରେ ଅନୁଷ୍ଠିତ ବୁଡାପେଷ୍ଟ ଓନ୍ ୱିକ୍ ଅଗଷ୍ଟ-୨୦୨୬ ଆଇଏମ୍-ବି ଆନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ତୃତୀୟ ଆନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ନର୍ମ ଅର୍ଜନ କରିଛନ୍ତି । ୯ ରାଉଣ୍ଡରୁ ୭ ପଏଣ୍ଟ ସଂଗ୍ରହ କରି ହର୍ଷିତ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଅଗଷ୍ଟ ୮ରୁ ୧୪ ପର୍ଯ୍ୟନ୍ତ ଆୟୋଜିତ ଏହି ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ହର୍ଷିତ ୫ଟି ବିଜୟ ଓ ୪ଟି ଡ୍ର ସହ ଅପରାଜିତ ରହିଥିଲେ । ୭/୯ ପଏଣ୍ଟ ସହ ତାଙ୍କର ଏହି ପ୍ରଦର୍ଶନ ତୃତୀୟ ଆଇଏମ୍ ନର୍ମ ହାସଲ ପାଇଁ ଆବଶ୍ୟକ ମାନଦଣ୍ଡ ପୂରଣ କରିଥିଲା । ଚାମ୍ପିଅନ୍ସରୁ ସାମାନ୍ୟ ପଛରେ ରହି ସେ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ହର୍ଷିତ ପ୍ରଥମ ରାଉଣ୍ଡରେ ଆଇଏମ୍ ମେହର ଚିନ୍ନା ରେଡ୍ଡୀ (୨୩୭୨)ଙ୍କ ସହ ଡ୍ର କରି ଅଭିଯାନ ଆରମ୍ଭ କରିଥିଲେ । ପରବର୍ତ୍ତୀ ରାଉଣ୍ଡଗୁଡ଼ିକରେ ସେ ଆଦମ୍ ଗ୍ୟୋର୍ଫି, ଏଫ୍.ଏମ୍. ସମ୍ୟକ୍ ଧରେୱା, ଡବ୍ଲ୍ୟୁଏଫ୍.ଏମ୍. ଆଲାନ୍ନା ବେରିକ୍ସିଜି ଏବଂ ଆରାଭ ପାଡାଲାଙ୍କୁ ପରାସ୍ତ କରିଥିଲେ । ଷଷ୍ଠ ରାଉଣ୍ଡରେ ଏଫ୍.ଏମ୍. ଆୟାନ୍ ଗର୍ଗଙ୍କ ସହ ଡ୍ର କରିବା ପରେ ସପ୍ତମ ରାଉଣ୍ଡରେ ହର୍ଷିତ ଗ୍ରାଣ୍ଡମାଷ୍ଟର ଜୋଲ୍ଟାନ୍ ଭାର୍ଗାଙ୍କୁ ପରାସ୍ତ କରିଥିଲେ । ଅନ୍ତିମ ଦୁଇ ରାଉଣ୍ଡରେ ସେ ଆଇଏମ୍ ଡେଭିଡ୍ ହୋର୍ଭାଥ ଓ ସିଏମ୍ ଜ୍ୟୋସ୍ନଭ ତାଲୁକଦାରଙ୍କ ସହ ଡ୍ର କରି ୭ ପଏଣ୍ଟରେ ଅପରାଜିତ ଭାବେ ପ୍ରତିଯୋଗିତା ଶେଷ କରିଥିଲେ । ଚଳିତ ବର୍ଷ ହର୍ଷିତ ବୁଡାପେଷ୍ଟ ସ୍ପ୍ରିଙ୍ଗ ଫେଷ୍ଟିଭାଲ-୨୦୨୬ରେ ପ୍ରଥମ ଆଇଏମ୍ ନର୍ମ ହାସଲ କରିଥିଲେ । ପରେ ସିକ୍ସଡେଜ୍ ଆଇଏମ୍-ସିରେ ୭/୯ ପଏଣ୍ଟ ସହ ପ୍ରଥମ ସ୍ଥାନ ହାସଲ କରି ଦ୍ୱିତୀୟ ଆଇଏମ୍ ନର୍ମ ଅର୍ଜନ କରିଥିଲେ । ଏବେ ବୁଡାପେଷ୍ଟ ଓନ୍ ୱିକ୍ ଆଇଏମ୍-ବିରେ ପୁଣି ୭/୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ହାସଲ କରି ତୃତୀୟ ଆଇଏମ୍ ନର୍ମ ପାଇଛନ୍ତି । ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ର ସମସ୍ତ କର୍ମକର୍ତ୍ତାଙ୍କ ସହ ଅଧ୍ୟକ୍ଷ ସତ୍ୟ ରଞ୍ଜନ ପଟ୍ଟନାୟକ୍ ଓ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଅଭିନନ୍ଦନ ଜଣାଇଛନ୍ତି ।

## ୧୦୦ ଟଙ୍କାରେ ବିକ୍ରି ହେବ ଫୁଟବଲ ଦଳ

ନୂଆଦିଲ୍ଲୀ,୧୪।୮ (ଏଜେନ୍ସି): ଭାରତୀୟ ଫୁଟବଲରେ ବଡ଼ ପରିବର୍ତ୍ତନ ହେବାକୁଯାଉଛି । ଟାଟା ଷ୍ଟିଲ ମାଲିକାନାରେ ଥିବା ଜାମସେଦପୁର ଫୁଟବଲ ଏବଂ ସ୍ପୋର୍ଟିଂ ପ୍ରାଇଭେଟ ବିକ୍ରି ହେବ । ଟାଟା ଷ୍ଟିଲ ପକ୍ଷରୁ ମାତ୍ର ୧୦୦ ଟଙ୍କାରେ ଜାମସେଦପୁର ଫୁଟବଲ ଓ ସ୍ପୋର୍ଟିଂ ପ୍ରାଇଭେଟ ଲିମିଟେଡକୁ ଚର୍ଚ୍ଚିଲ ବ୍ରଦର୍ସ ସ୍ପୋର୍ଟ୍ସ କ୍ଲବକୁ ହସ୍ତାନ୍ତର କରିବାକୁ ଘୋଷଣା କରାଯାଇଛି । ଫୁଟବଲ ଦଳର ମୂଲ୍ୟ ମାତ୍ର ୧୦୦ ଟଙ୍କା ହୋଇଥିବାରୁ ଏହାକୁ ନେଇ ସମସ୍ତେ ଚକିତ ହୋଇଛନ୍ତି । ଜାମସେଦପୁର ଫୁଟବଲ ଓ ସ୍ପୋର୍ଟ୍ସ ପ୍ରାଇଭେଟ ଲିମିଟେଡ ହେଉଛି ଇସ୍ପାତ ଜଗତର ପ୍ରମୁଖ କମ୍ପାନୀ । ଟାଟାଷ୍ଟିଲର ଶତପ୍ରତିଶତ ମାଲିକାନାରେ ଥିବା ସହାୟକ କମ୍ପାନୀ । କମ୍ପାନୀର ବୋର୍ଡ ଦ୍ୱାରା ନିର୍ଦ୍ଦେଶକ କମିଟି ଜେଏଫଏସପିଏଲରେ ଟାଟାଷ୍ଟିଲର ଥିବା ୧୦୦% ଅଂଶଧନକୁ ଚର୍ଚ୍ଚିଲ ବ୍ରଦର୍ସକୁ ହସ୍ତାନ୍ତର କରିବାକୁ ଅନୁମୋଦନ କରିଛି । ଏହି ଅଂଶଧନରେ ୧୦ ଟଙ୍କା ମୂଲ୍ୟର ୪.୦୮ କୋଟି ଇକ୍ୱିଟି ଶେୟାର ରହିଛି । ଏହାକୁ ମାତ୍ର ୧୦୦ ଟଙ୍କାର ନାମ ମାତ୍ର ମୂଲ୍ୟରେ ହସ୍ତାନ୍ତର କରାଯିବ । ଏହି ହସ୍ତାନ୍ତର ପାଇଁ ଏପର୍ଯ୍ୟନ୍ତ ଅଲ ଇଣ୍ଡିଆ ଫୁଟବଲ ଫେଡେରେସନର ଅନୁମୋଦନ ମିଳି ନାହିଁ । କିନ୍ତୁ ଆଗାମୀ ୧୫ ଦିନ ମଧ୍ୟରେ ବିଲ ଚୂଡାନ୍ତରେ ଏକ ରୂପ ନେବା ବୋଲି ଜଣାପଡିଛି ।












Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି